NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY 11 MAY 2026
ସୋମବାର ୧୧ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 352 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୫୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


# ଖୋଳତାଡ଼ ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଖୋଳତାଡ଼ ଆରମ୍ଭ

**କ୍ରାଇମ୍ ସ୍ପଟରେ କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ**

**ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଛାନଭିନ୍**

କରିଛି । କ୍ରାଇମବ୍ରାଞ୍ଚ ଏହି ହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ସରଜମିନ୍ ତଦନ୍ତ ଆରମ୍ଭ କରିଛି । ବାଲିଅନ୍ତା ଥାନାରେ ଦୁଇ ପକ୍ଷର ଏତଲାକୁ ନେଇ ରୁଜୁ ହୋଇଥିବା ଦୁଇ ପୃଥକ ମାମଲାର ପୂର୍ଣ୍ଣ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଛି । କ୍ରାଇମବ୍ରାଞ୍ଚ ପକ୍ଷରୁ ଦୁଇ ନୂଆ ପୃଥକ ମାମଲା ମଧ୍ୟ ପଞ୍ଜିକୃତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ରବିବାର ବାଲିଅନ୍ତା ଥାନାରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ୍ । ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କ ନେତୃତ୍ୱରେ ବାଲିଅନ୍ତା ଥାନାରେ ଟିମ୍ ପହଞ୍ଚିଥିଲା । ଅନିରୁଦ୍ଧ ରାଉତରାୟ ଟିମ୍ ସହ ବାଲିଅନ୍ତା ଥାନା ଯାଇଥିଲେ । ସେ ଥାନାଧିକାରୀ ଓ ଅନ୍ୟ ଅଫିସରଙ୍କ ସହ ଆଲୋଚନା କରିଥିଲେ । ଏଥିସହ ମାମଲା ସମ୍ବନ୍ଧୀୟ ତଥ୍ୟ ମଧ୍ୟ ନେଇଥିଲେ । ସେଦିନ କେମିତି ଘଟିଥିଲା ଘଟଣା ? ସ୍ପଟରେ ଉପସ୍ଥିତ ଥାଇ କ'ଣ କରୁଥିଲା ପୁଲିସ ? ସୌମ୍ୟଙ୍କ ହାତ ଗୋଡ଼ ବାନ୍ଧିବା ପାଇଁ ଲୋକେ ▶▶ ୬

**ବାଲିଅନ୍ତା ବର୍ବରତା**



# ଏସ୍‌ଆଇଙ୍କ ସମେତ ୪ ନିଲମ୍ବିତ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:**

ବାଲିଅନ୍ତାରେ ସୌମ୍ୟ ରଞ୍ଜନ ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ବାଲିଅନ୍ତା ବର୍ବର କାଣ୍ଡରେ ବଡ଼ ଆକ୍ସନ । ଶନିବାର ସିଏମ୍‌ଙ୍କ ବୈଠକ, ରବିବାର କାର୍ଯ୍ୟାନୁଷ୍ଠାନ । ବଦଳିଲେ ଥାନା ଆଇଆଇସି, ଚାକିରିରୁ ବିଦା ହେଲେ ୨ ହୋମଗାର୍ଡ, ସସ୍‌ପେଣ୍ଡ ହେଲେ ୪ ପୁଲିସ କର୍ମଚାରୀ । ଏକାସଙ୍ଗେ ୭ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଚରମ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ଘଟଣାରେ ପୁଲିସର ଅବହେଳା ଓ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ରବିବାର ବାଲିଅନ୍ତା ଥାନା ଆଇଆଇସି ଅନୀଲ ପରିଡ଼ାଙ୍କୁ ବଦଳି କରାଯାଇଛି । ଶ୍ରୀ ପରିଡ଼ାଙ୍କୁ ୟୁପିଡି , ଭୁବନେଶ୍ୱର ମୁଖ୍ୟାଳୟକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ରଶ୍ମିତା ବେହେରାଙ୍କୁ ନିଯୁକ୍ତି ମିଳିଛି । ତା' ସହିତ ଥାନାର ୪ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି । ସେମାନଙ୍କ ମଧ୍ୟରେ ଜଣେ

**ବଦଳିଲେ ବାଲିଅନ୍ତା ଥାନା ଆଇଆଇସି**

**୨ ହୋମ୍‌ଗାର୍ଡ କାର୍ଯ୍ୟରୁ ହେଲେ ଅନ୍ତର**

ଏସ୍‌ଆଇ, ଜଣେ ଏଏସ୍‌ଆଇ, ଜଣେ ଓଏପିଏଫ କର୍ମଚାରୀ ଓ ଜଣେ କନଷ୍ଟେବଳ ଅଛନ୍ତି । ସେହିପରି ୨ ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ପ୍ରଶାସନୀୟ ସୂଚନା ଅନୁଯାୟୀ, ଘଟଣା ସମୟରେ କାର୍ଯ୍ୟରେ ▶▶ ୬

## କାନପୁର ଡ୍ୟାମ୍ ନିର୍ମାଣ କାମ ବେଳେ ଅଘଟଣ

# ଚାଲିଗଲା ୨ ଶ୍ରମିକଙ୍କ ଜୀବନ

**ଯୋଡ଼ା,୧୦।୫/ଏନ୍‌ଏନ୍‌ଏସ୍:**

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବାସୁଦେବପୁର ସ୍ଥିତ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବେଳେ ଅଘଟଣ ଘଟିଛି । କାମ କରୁଥିବା ସମୟରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ୨ ଜଣ ହେଲେ ପଶ୍ଚିମବଙ୍ଗ ରାଜ୍ୟର ଜୋଲପାଇଗୁରି ଅଞ୍ଚଳର ଉତ୍ତମ ରଏ(୩୩) ଏବଂ ଅପୁ ରଏ (୩୨) । ଗୋଟିଏ ପଟେ ବିଦ୍ୟୁତ୍ ଆଘାତରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସେମାନଙ୍କ ସହକର୍ମୀ କହିଥିବାବେଳେ ଅନ୍ୟପଟେ ମୃତକଙ୍କ ଦେହରେ ବିଦ୍ୟୁତ୍ ଆଘାତ ସମ୍ପର୍କିତ କୌଣସି ଦାଗ ନଥିବା ଡାକ୍ତର କହିଛନ୍ତି । ଯାହାକୁ ନେଇ ୨ ଶ୍ରମିକଙ୍କ ମୃତ୍ୟୁର ପ୍ରକୃତ କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ପ୍ରକାଶ ଯେ ଉତ୍ତମ ଓ ଅପୁ ଏସ୍.ଏସ୍.ଏନ୍. ଆର୍ କନଷ୍ଟ୍ରକ୍ସନ ନାମକ ଏକ ଠିକା ସଂସ୍ଥା ମାଧ୍ୟମରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ । ରବିବାର ପ୍ରକଳ୍ପ ଅଞ୍ଚଳରେ ସେମାନେ ୱେଲ୍ଡିଂ କାମ କରୁଥିଲେ । ତେବେ ଦିନ ପ୍ରାୟ ୧୨ ଘଟିକା ସମୟରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ହଠାତ ସେମାନଙ୍କୁ ବିଦ୍ୟୁତ୍ ଝଟକା ଲାଗିଥିଲା ▶▶ ୬

# ଯୁବକଙ୍କୁ ଗୁଳି କରି ହତ୍ୟା

**ରାୟଗଡ଼ା,୧୦।୫/ଏନ୍‌ଏନ୍‌ଏସ୍:**



ରାୟଗଡ଼ା ସହରର ଇନ୍ଦିରାନଗର ଅଞ୍ଚଳରେ ଗୁଳି କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ଯୁବକ ଜଣକ ହେଲେ ରାୟଗଡ଼ା ସହର ରେଲି ସାହିର ନିଖିଲ୍ ହାଡ଼ପା । ଶନିବାର ରାତିରେ ଫାଇଟିଂ ଓ ଅପହରଣ ପରେ ରବିବାର ନାଗାବଳୀ ନଦୀ ପଠାରୁ ପୁଲିସ ନିଖିଲଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ନିଖିଲ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ବେଳେ ଅନ୍ୟ ଏକ ଗ୍ୟାଙ୍ଗ୍‌ର ଅପରାଧିମାନେ ତାକୁ ହତ୍ୟା କରିଛନ୍ତି ବୋଲି ନିଖିଲର ମା' ଅଭିଯୋଗ କରିଛନ୍ତି । ଘଟଣାକୁ ପୁଲିସ ଗୁରୁତର ଭାବେ ନେବା ସହ ଅପରାଧୀଙ୍କୁ କାବୁ କରିବା ପାଇଁ ଏକ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଏସ୍‌ପି ସ୍ୱାତି ଏସ୍ କୁମାର ସୂଚନା ଦେଇଛନ୍ତି । ଅନ୍ୟପଟେ ଅଭିଯୁକ୍ତମାନଙ୍କୁ ଗିରଫ୍ ପ୍ରତିବାଦରେ ସ୍ଥାନୀୟ ଲୋକେ ଥାନା ଆଗରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି । ସୂଚନା ଅନୁଯାୟୀ ଶନିବାର ରାତି ପ୍ରାୟ ୧୦ଟା ସମୟରେ ଇନ୍ଦିରା ନଗର ୩ୟ ଲାଇନରେ କିଛି ଯୁବକ ଗୋଟିଏ ବୁଲେଟ ଏବଂ ଏକ ଚାରି ଚକିଆ ଗାଡ଼ିରେ ନିଖିଲକୁ ପିଛା କରି ଦୁଇ ରାଉଣ୍ଡ ଗୁଳି ମାରିଥିଲେ । ଭୟରେ ନିଖିଲ ଗୋଟିଏ ଘର ଭିତରେ ପଶିଯିବା ପରେ ତାକୁ ଘୋଷାଡ଼ି ଘୋଷାଡ଼ି ଏକ କାର୍‌ରେ ଅପହରଣ କରିଥିଲେ । ତେବେ ପୁଲିସ ରବିବାର ତୁମ୍ବିଗୁଡା ନାଗାବଳୀ ନଦୀ ପଠାରୁ ନିଖିଲର ମୃତଦେହ ଉଦ୍ଧାର କରିଛି । ନିଖିଲର ଜଙ୍ଘ ଓ ପିଠିରେ ଗୁଳି ଲାଗିଥିବା ଜଣାପଡ଼ିଛି । ରାୟଗଡ଼ା ଏସ୍‌ପିଙ୍କ ସମେତ ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ, ଏସଡିପିଓ ଗୌରହରି ସାହୁ ସମେତ ▶▶ ୬

## ତେଲେଙ୍ଗାନା ମାଟିରୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା

# ଆଜିର ସମୟ 'ଏକ ବଡ଼ ଆହ୍ୱାନ'

## ଏକଜୁଟ୍ ହୋଇ କରିବାକୁ ହେବ ମଧ୍ୟପ୍ରାଚ୍ୟ ସଂକଟର ମୁକାବିଲା

**ବେଙ୍ଗାଲୁରୁ/ହାଇଦ୍ରାବାଦ୍,୧୦।୫/ଏଜେନ୍ସି:**

ଆମେରିକା-ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱସ୍ତରୀୟ ତୈଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି, ଯାହା ଭାରତ ଉପରେ ମଧ୍ୟ ଭାରିମାତ୍ରାରେ ପ୍ରଭାବ ପକାଇଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଆଜି ଏକ କାର୍ଯ୍ୟକ୍ରମ ଅବସରରେ ଦେଶବାସୀଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ସମୟ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ ସାଜିଛି । ବର୍ତ୍ତମାନ ସମୟରେ ପେଟ୍ରୋଲ, ଗ୍ୟାସ୍ ଏବଂ ଡିଜେଲର ବ୍ୟବହାର କମ୍ କରିବାକୁ ହେବ । ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଯୋଗୁଁ ସାରା ବିଶ୍ୱରେ ପେଟ୍ରୋଲ-ଡିଜେଲ୍ ଦର ଅନେକ ଗୁଣା ବଢ଼ିଯାଇଛି । ସୁତରାଂ ପେଟ୍ରୋଲ, ଗ୍ୟାସ୍ ଏବଂ ଡିଜେଲ ଭଳି ଜିନିଷକୁ ଅତି ସଞ୍ଜମତାର ସହ ବ୍ୟବହାର କରିବା ଜରୁରୀ । ଆମ ପାଖରେ ପେଟ୍ରୋଲିୟମ୍‌ର କୂପ ନାହିଁ । ସୁତରାଂ ଆମଦାନୀ ହେଉଥିବା ପେଟ୍ରୋଲିୟମ ପଦାର୍ଥକୁ କେବଳ ଆବଶ୍ୟକ ସ୍ଥଳେ ହିଁ ବ୍ୟବହାର କରିବା ଉଚିତ୍ ହେବ । କରୋନା ସଂକ୍ରମଣ ସମୟରେ 'ୱାର୍କ ଫ୍ରମ୍ ହୋମ୍' ଭଳି ବ୍ୟବସ୍ଥାକୁ ଆପଣାଇବା ଅପରିହାର୍ଯ୍ୟ ହୋଇପଡିଛି । ଏହାଦ୍ୱାରା ଗାଡି ମଟରରେ ଇନ୍ଧନ କମ୍ ଖର୍ଚ୍ଚ ହେବ । ଯେଉଁ ସହରରେ ମେଟ୍ରୋ ଟ୍ରେନ୍‌ର ସୁବିଧା ଅଛି ସେସବୁ ଅଞ୍ଚଳର ଲୋକେ ନିଜ ଗାଡି ମଟର ବ୍ୟବହାରକୁ କମ୍ କରି ମେଟ୍ରୋରେ ଯାତ୍ରା କରିବା ଆରମ୍ଭ କରନ୍ତୁ । ମୋଦୀ କହିଛନ୍ତି ଯେ, ଭାରତ ମୁଖ୍ୟତଃ ବିଦେଶରୁ ତୈଳ ଆମଦାନୀ କରୁଥିବାରୁ ଏହାର ବ୍ୟବହାରରେ ସଞ୍ଜମତା ରକ୍ଷା କରିବା ଆଜିର ସମୟର ଆବଶ୍ୟକତା । ସେହିପରି ଏକ ବଡ଼ ସଂକଳ୍ପ ନେବାକୁ ହେବ ଯେ, ଅନ୍ତତଃ ଏକ ବର୍ଷ ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟକ୍ରମ ବା ଉତ୍ସବ ହେଉ, ସୁନା କିଣିବା ନାହିଁ । ଏହାଦ୍ୱାରା ଦେଶର ବିଦେଶୀ ମୁଦ୍ରା ମଧ୍ୟ ସଞ୍ଚୟ ହୋଇପାରିବ ଏବଂ ଯୁଦ୍ଧର ପ୍ରତିକୂଳ ପ୍ରଭାବ ମଧ୍ୟ ଅନେକାଂଶରେ ହ୍ରାସ ପାଇବ । ମୋଦୀ ସୌରଶକ୍ତି ଏବଂ ପେଟ୍ରୋଲରେ ଇଥାନଲ ମିଶ୍ରଣ କ୍ଷେତ୍ରରେ ଭାରତର ପ୍ରଗତି ବିଷୟରେ ଉଲ୍ଲେଖ କରିଛନ୍ତି । ଖାଇବା ତେଲର ସଞ୍ଚୟ, ରାସାୟନିକ ସାର ବଦଳରେ ଚାଷ କାର୍ଯ୍ୟରେ ଜୈବିକ ସାର ଉପଯୋଗ କରିବା ଏବଂ ବର୍ତ୍ତମାନ ସମୟରେ ଅଯଥା କାରଣରେ ବିଦେଶ ଯାତ୍ରା ନକରିବା ଆଦି ଉପରେ ମଧ୍ୟ ମୋଦୀ ପରାମର୍ଶ ଦେଇଛନ୍ତି । ମୋଦୀ କହିଛନ୍ତି, ବର୍ତ୍ତମାନର ସଂକଟ ସମୟରେ ଆମ ସମସ୍ତଙ୍କୁ ଏକଜୁଟ୍ ହୋଇ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ ।

ରବିବାର ହାଇଦ୍ରାବାଦ୍‌ରେ ପ୍ରାୟ ୯,୪୦୦ କୋଟି ଟଙ୍କାର ଏକାଧିକ ବିକାଶମୂଳକ ପ୍ରକଳ୍ପର ▶▶ ୬



**ପ୍ରଧାନମନ୍ତ୍ରୀଙ୍କ ୫ ବଡ଼ ପରାମର୍ଶ**

- ସୀମିତ ବ୍ୟବହାର କରନ୍ତୁ ପେଟ୍ରୋଲ, ଗ୍ୟାସ୍ ଓ ଡିଜେଲ୍
- ବର୍ଷେ ଯାଏ ସୁନା କିଣନ୍ତୁ ନାହିଁ
- ଜୈବିକ ସାରର ପ୍ରୟୋଗ ଉପରେ ଗୁରୁତ୍ୱ
- ଖାଇବା ତେଲର ଅଳ୍ପ ବ୍ୟବହାର ଜରୁରୀ
- ଅକାରଣେ ବିଦେଶ ଯାତ୍ରାରୁ କ୍ଷାନ୍ତ ରହିବା ମଙ୍ଗଳକାରୀ

# ନୂଆ ରୂପ ପାଇବ ଖଣ୍ଡଗିରି-ଉଦୟଗିରି

## ବିକାଶ ପାଇଁ ୧୦୦ କୋଟିର ସୁପାରିଶ



**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:**

ଓଡ଼ିଶାର ଗୌରବମୟ ଇତିହାସର ଅନ୍ୟତମ ମୂକସାକ୍ଷୀ ଖଣ୍ଡଗିରି-ଉଦୟଗିରିର ବିକାଶ କରାଯିବ । ରାଜ୍ୟ ସରକାର ଏହି ଯୁଗ୍ମ ପାହାଡ଼କୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବେ । ଖଣ୍ଡଗିରି-ଉଦୟଗିରିର ସର୍ବାଙ୍ଗୀନ ବିକାଶ ପାଇଁ ୧୦୦ କୋଟି ଖର୍ଚ୍ଚ ହେବ । ଏଥିଲାଗି ବିଭାଗୀୟ ଷ୍ଟାଣ୍ଡିଂ କମିଟି ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏହି ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳକୁ ଓଡ଼ିଶାର ସମ୍ପୂର୍ଣ୍ଣ ପର୍ଯ୍ୟଟନ ଗୌରବ ଭାବେ ବିକଶିତ କରାଯିବ । ଏହି ଦୁଇ ପାହାଡ଼ କଳିଙ୍ଗର ମହାନ୍ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କର ସ୍ମୃତିକୁ ଦର୍ଶାଉଛି । ତେଣୁ ଏଠାରେ ଖାରବେଳଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ରହିଛି । ଷ୍ଟାଣ୍ଡିଂ କମିଟି ପକ୍ଷରୁ ଦିଆଯାଇଥିବା ▶▶ ୬

# ତାମିଲନାଡୁରେ 'ବିଜୟ' ରାଜ ଆରମ୍ଭ

## ମୁଖ୍ୟମନ୍ତ୍ରୀଭାବେ ନେଲେ ଶପଥ, ପ୍ରଥମ ନିର୍ଦ୍ଦେଶନାମାରେ ୨୦୦ ୟୁନିଟ୍ ମାଗଣା ବିଜୁଳି

**ଚେନ୍ନାଇ, ୧୦।୫/ଏଜେନ୍ସି:**

ତାମିଲଗା ଭେଟ୍ରି କାଝଗାମ (ଟିଭିକେ) ମୁଖ୍ୟ ତଥା ଅଭିନେତାରୁ ନେତା ସାଜିଥିବା ଜୋସେଫ ବିଜୟ ଚନ୍ଦ୍ରଶେଖର (ଥଲାପତି ବିଜୟ ଭାବେ ପରିଚିତ) ତାମିଲନାଡୁର ନୂଆ ତଥା ୯ମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତାଙ୍କ ସହ ଅନ୍ୟ ୯ ଜଣ ମଧ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏହି ୯ ମନ୍ତ୍ରୀଙ୍କ ମଧ୍ୟରେ ଏନ୍. ଆନନ୍ଦ, ଆଧବ ଅର୍ଜୁନ, ଡଃ କେ.ଜି. ଅରୁଣରାଜ, କେ.ଏ. ସେଙ୍ଗୋଟ୍ଟାଇୟନ, ପି. ଭେଙ୍କଟରମଣନ, ଆର୍. ନିର୍ମଳକୁମାର, ରାଜମୋହନ, ଡଃ ଟି.କେ. ପ୍ରଭୁ ଏବଂ ସେଲ୍‌ଭି ଏସ୍. କୀର୍ତ୍ତନା ପ୍ରମୁଖ ସାମିଲ ଅଛନ୍ତି ।



ଏମାନେ ସମସ୍ତେ ବିଜୟଙ୍କ ଦଳ ଟିଭିକେର ବିଧାୟକ । ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ବିଜୟଙ୍କ ସମେତ ସମସ୍ତ ମନ୍ତ୍ରୀମାନେ ▶▶ ୬

**ମନ୍ତ୍ରୀ ଭାବେ ଶପଥ ନେଲେ ଟିଭିକେର ୯ ବିଧାୟକ**

**ସେଲ୍‌ଭି ଏସ୍. କୀର୍ତ୍ତନା ସବୁଠୁ କମ୍ ବୟସ୍କା ମନ୍ତ୍ରୀ**

**ରେଢ଼ାଖୋଲରେ ଧର୍ମେନ୍ଦ୍ର**

# ଭେଟିଦେଲେ ୧୯୪ କୋଟିର ପ୍ରକଳ୍ପ

## ଲୋକଙ୍କ ସାମାଜିକ ଓ ଆର୍ଥିକ ଜୀବନଶୈଳୀରେ ଆଣିବ ପରିବର୍ତ୍ତନ

**ରେଢ଼ାଖୋଲ, ନାକଟିଦେଉଳ,୧୦।୫/ଏନ୍‌ଏନ୍‌ଏସ୍:**

ସମ୍ବଲପୁର ହେଉଛି ଅପାର ସମ୍ଭାବନାର ଅଞ୍ଚଳ ଏବଂ ଏହି ମାଟିର ସର୍ବାଙ୍ଗୀନ ବିକାଶ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଏହି ସଂକଳ୍ପକୁ ପାଥେୟ କରି ରେଢଖୋଲ ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଜି ପ୍ରାୟ ୧୯୪ କୋଟି ଟଙ୍କାର ୪୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ନାକଟିଦେଉଳରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରର ମାଟି ହେଉଛି ବୀର ସଂଘର୍ଷର ମାଟି । ଏହି ମାଟିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆ ଇଂରେଜମାନଙ୍କ ବିରୋଧରେ ସାଲିସବିହୀନ ଲଢ଼େଇ କରିଥିଲେ ଏବଂ ସ୍ୱାଭିମାନ ସହ ବୁଝାମଣା ନକରି ଦେଶମାତୃକା ପାଇଁ ନିଜର ବଳିଦାନ ଦେଇଥିଲେ । ତାଙ୍କର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମ ଅତୁଳନୀୟ । ସେ କହିଛନ୍ତି, ମା' ସମଲେଇଙ୍କ ଆଶୀର୍ବାଦରୁ ଆଜି ରେଢ଼ାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ବ୍ଲକର ଉନ୍ନତି ପାଇଁ ପ୍ରାୟ ୯.୧୭ କୋଟି ଟଙ୍କାର ୧୭ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ପ୍ରାୟ ୧୮୪.୬୯ କୋଟି ଟଙ୍କାର ୩୧ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ୮.୩୦ କୋଟି ଟଙ୍କା ବ୍ୟୟରେ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍‌ର ବିକାଶ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନାକଟିଦେଉଳ ଠାରେ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ କମ୍ୟୁନିଟି ହେଲଥ୍ ସେଣ୍ଟର ଭବନର ନୂତନ ଗୃହ ସହ ବିପିଏଚୟୁ ୟୁନିଟ୍ ପାଇଁ ଶିଳାନ୍ୟାସ ହୋଇଛି । ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ▶▶ ୬



**୯.୧୭ କୋଟି ଟଙ୍କାର ୧୭ ପ୍ରକଳ୍ପ ଲୋକାର୍ପିତ**

**୧୮୪.୬୯ କୋଟି ଟଙ୍କାର ୩୧ ପ୍ରକଳ୍ପର ଶିଳାନ୍ୟାସ**

## ହିମନ୍ତ ଏନ୍‌ଡିଏ ବିଧାୟକ ଦଳ ନେତା ନିର୍ବାଚିତ

# ୧୨ରେ ମୁଖ୍ୟମନ୍ତ୍ରୀଭାବେ ନେବେ ଶପଥ

**ଗୁଆହାଟୀ,୧୦।୫/ଏଜେନ୍ସି:**

ଆସାମରେ ପୁଣି ଚାଲିବ ହିମନ୍ତ ବିଶ୍ୱଶର୍ମାଙ୍କ ରାଜ୍ । କାରଣ ସେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ଶ୍ରୀ ବିଶ୍ୱଶର୍ମା ରବିବାର ବିଜେପି ତଥା ଏନ୍‌ଡିଏ ବିଧାୟକ ଦଳର ନେତା ନିର୍ବାଚିତ ହୋଇଛନ୍ତି । ସେ ମେ' ୧୨ ତାରିଖରେ ଲଗାତାର ଦ୍ୱିତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ।

ଶ୍ରୀ ବିଶ୍ୱଶର୍ମା ବିଜେପି ତଥା ଏନ୍‌ଡିଏ ବିଧାୟକ ଦଳର ନେତା ନିର୍ବାଚିତ ହୋଇଥିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ସୂଚନା ଦେଇଛନ୍ତି । ଆସାମ ବିଧାନସଭା ନିର୍ବାଚନ ପରେ ବିଜେପି ତଥା ଏନ୍‌ଡିଏର ବିଧାୟକ ଦଳ ନେତା ନିର୍ବାଚନ ପାଇଁ ଶ୍ରୀ ନଡ୍ଡାଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିଲା ।

ଗୁହାହାଟୀରେ ଏନ୍‌ଡିଏର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ଶେଷ ହେବା ପରେ ଶ୍ରୀ ନଡ୍ଡା କହିଥିଲେ ଯେ ହିମନ୍ତ ବିଶ୍ୱଶର୍ମାଙ୍କୁ ବିଧାୟକ ଦଳ ନେତା କରିବା ପାଇଁ ବିଜେପିର ୮ ଜଣ ବିଧାୟକ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ବିଜେପିର ଅନ୍ୟ ବିଧାୟକଙ୍କ ସହିତ ଏନ୍‌ଡିଏରେ ସାମିଲ ଥିବା ଆସାମ ଗଣ ପରିଷଦ (ଏଜିପି) ନେତା ଅତୁଲ ବୋରା ଓ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)ର ରିଓନ ଡାଇମରୀ ପ୍ରମୁଖ ସମର୍ଥନ କରିଥିଲେ । ଫଳରେ ▶▶ ୬



ନିତିଦିନ NITIDIN

**ବିଧାୟକଙ୍କ ପ୍ରତିଶ୍ରୁତିର ୨୪ ଘଣ୍ଟା ନ ପୂରୁଣୁ ପଦକ୍ଷେପ**

# ୩ ବୋର୍‌ୱେଲ ଖନନ ଆରମ୍ଭ

**ପୁରୁଷୋତ୍ତମପୁର,୧୦।୫/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ବଡ଼ଖରିଡ଼ା ପଞ୍ଚାୟତ ବାଣନଈ ଗ୍ରାମରେ ଘରକୁ ପାନୀୟ ଜଳ ଯୋଗାଣ ହେଉନଥିବା ପ୍ରତିବାଦରେ ଗତକାଲି ଲୋକେ ରାସ୍ତା ଅବରୋଧ କରିଥିଲେ। ଲୋକଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ବିଧାୟକଙ୍କ ନିର୍ଦ୍ଦେଶର ୨୪ ଘଣ୍ଟା ନ ପୁରୁଣୁ ବୋରୱେଲ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଆଜି ବାଣନଈ ଗ୍ରାମରେ ପ୍ରଶାସନ ପକ୍ଷରୁ ୩ଟି ବୋରୱେଲ୍ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ସହ ପୂର୍ବରୁ ଥିବା ବୋରୱେଲ ଗୁଡିକର ଗଭୀର ୨୫୦ ଫୁଟ ପର୍ଯ୍ୟନ୍ତ ଖୋଳାଯିବା ସହ ନୂତନ ମୋଟର ଲଗାଯାଇଛି। ପୂର୍ବରୁ ଲାଗିଥିବା ମୋଟର ଯୋଗେ ଅଧଘଣ୍ଟା ପାଣି ଯୋଗାଣ ହେଉଥିବା ବେଳେ ବର୍ତମାନ ତିନି ଘଣ୍ଟା ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗୀୟ ଯନ୍ତ୍ରୀ ସଂଗ୍ରାମ ସ୍ୱାଇଁ କହିଛନ୍ତି । ସୂଚନାଥାଉକି ଗତକାଲି ପାନୀୟ ଜଳ ସମସ୍ୟା ନେଇ ଆସ୍କା ପୁରୁଷୋତ୍ତମପୁର ରାଜପଥକୁ ସ୍ଥାନୀୟ ଅଞ୍ଚଳବାସୀ ଅବରୋଧ କରିଥିଲେ । ଘଟଣା ସ୍ଥଳରେ ଉପସ୍ଥିତ ତହସିଲଦାର, କବିସୂର୍ଯ୍ୟନଗର ଥାନା ଓ ପୁରୁଷୋତ୍ତମପୁର ଥାନା ଅଧିକାରୀ ଓ କର୍ମଚାରୀଙ୍କ ସମେତ ପୁରୁଷୋତ୍ତମପୁର ଏସଡ଼ିପିଓ ଓ ଜନସ୍ୱାସ୍ଥ୍ୟ ବିଭାଗର ଏସଡ଼ିଓ ଏବଂ ଯନ୍ତ୍ରୀ, ସରପଞ୍ଚ ପ୍ରତିନିଧି ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ। ପାନୀୟ ଜଳ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

# ଗ୍ୟାସ୍ ସିଲିଣ୍ଡର ଫାଟି ଜଣେ ଗୁରୁତର, ୪ ଆହତ

**ପୁରୁଷୋତ୍ତମପୁର,୧୦।୫/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ ଅଘଟଣ ଘଟିଛି। ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଜଣେ ଗୁରୁତର ହୋଇଥିବା ବେଳେ ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ବ୍ୟକ୍ତି ଜଣକ ଗ୍ରାମର ପ୍ରସନ୍ନ ନାହାକ ବୋଲି କୁହାଯାଉଛି। ଆହତଙ୍କ ମଧ୍ୟରେ ଦୁଇ ମହିଳା ଓ ଦୁଇ ଶିଶୁ ରହିଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ପ୍ରସନ୍ନଙ୍କ ଶରୀର ପ୍ରାୟ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିବା ଜଣାପଡିଛି। ଆମ୍ବୁଲାନ୍ସ ଯୋଗେ ପ୍ରସନ୍ନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଆଜି ସନ୍ଧ୍ୟା ସମୟରେ ଘରେ ରୋଷେଇ ପାଇଁ ଗ୍ୟାସ୍ ଲଗାଉଥିବା ବେଳେ ଗ୍ୟାସ୍ ଲିକ୍ ହୋଇ ସିଲିଣ୍ଡର ବିସ୍ଫୋରଣ ଘଟିଥିବା କୁହାଯାଉଛି। ସମସ୍ତ ଗୋଟିଏ ପରିବାରର ହୋଇଥିବା ଜଣାପଡିଛି। ଖବର ପାଇଁ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

**ବିଶ୍ୱ ମାତୃ ଦିବସ**

# 'ମାତୃ ଋଣ ପରିଶୋଧ ସମ୍ଭବ ନୁହେଁ'




**ବ୍ରହ୍ମପୁର,୧୦।୫/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗଞ୍ଜାମ ଶାଖା ତରଫରୁ ସଭାପତି ହରେକୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ସ୍ଥାନୀୟ ସରକାରୀ କୁଇନ ଅଫ ଦି ମିଶନ୍ସ ହାଇସ୍କୁଲ ପରିସରରେ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. କୁଳମଣି ଓଝା, ସମ୍ମାନୀତ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରାନ୍ତ ଉପାଧ୍ୟକ୍ଷ ପ୍ରଫେସର ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରାକ୍ତନ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଓ ଡାକ୍ତର ସଙ୍କର୍ଷଣ ପାତ୍ର ଉପସ୍ଥିତ ଥିଲେ। ଏମାନଙ୍କ ସହିତ ଡ଼ ବନମାଳୀ ପାଣିଗ୍ରାହୀ, ଡ଼ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡ଼ ଲମ୍ବୋଦର ପାଣିଗ୍ରାହୀ, ପ୍ରଫେସର ଡ଼ ସୂଚନା ପାଢ଼ୀ, ଡ଼ ସଚ୍ଚିଦାନନ୍ଦ ପାଢ଼ୀ, ବଂଶୀଧର ସେଠୀ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜନ୍ମଦାତ୍ରୀ ଆମର ପ୍ରଥମ ଦେବୀ, ଜନ୍ମଭୂମି, ଗୋମାତା ଓ ଜଗତଜନନୀ ମା ଦୁର୍ଗା ମଧ ଆମ ସଂସ୍କୃତିରେ ବନ୍ଦନୀୟା। ସେମାନଙ୍କ ଋଣ ପରିଶୋଧ ସମ୍ଭବ ନୁହେଁ ବୋଲି ଅତିଥିମାନେ କହିଥିଲେ। ପୁତ୍ର ପୁତ୍ରବଧୂ ମାନଙ୍କ ଦ୍ୱାରା ମା' ଙ୍କୁ ନିର୍ଯାତନା, ଯୌନ ନିର୍ଯାତନା ଓ ନାବାଳିକା ତଥା ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ଅପରାଧ ହାର ଓଡ଼ିଶାରେ ବଢୁଥିବାରୁ ଅତିଥି ମାନେ ଚିନ୍ତା ପ୍ରକଟ କରିଥିଲେ। ଏହି ସଭାରେ ବର୍ଷିଆନ କବି ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଦଶମ କବିତା ସଂକଳନ ସ୍ମୃତିର ଶବ୍ଦ ଚିତ୍ର ଲୋକାର୍ପଣ ହୋଇଥିଲା। ପରେ ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ମାତୃ ଦିବସ ଉପଲକ୍ଷେ ଏକ କବିତା ଆସର ହୋଇଥିଲା। ସ୍ୱର୍ଣ୍ଣମୟୀ ପାଢ଼ୀ, ସନ୍ଧ୍ୟା ରାଣୀ ଦେବୀ, ଜ୍ୟୋତ୍ସ୍ନା ରାଣୀ ଦେବୀ, ଡ଼ ନିହାରିକା ସାହୁ ଓ ମଧୁସ୍ମିତା ସାହୁ କବିତା ଆସର ପରିଚାଳନା କରିଥିଲେ। ପ୍ରାୟ ୨୫ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଅଧିବକ୍ତା ଗୌରୀ ଶଙ୍କର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟିକ ସରୋଜ କାନ୍ତ ରଥ, ଧୀର ସମୀର ପାଣିଗ୍ରାହୀ ଓ ଡ଼ ଅନୁଜ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆସିକା ଥାନା ପକ୍ଷରୁ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ




**ଆସିକା,୧୦।୫/ଏନ୍ଏନ୍ଏସ୍:** ଆସିକା ଆଦର୍ଶ ଥାନା ପରିସରରେ ପୋଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଶିଶୁ କିଶୋର ଅଧିକାର ଅଧିନସ୍ଥ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଥାନା ଅଧିକାରୀ ସୌମ୍ୟରଂଜନ ଜେନା, ପୋଲିସ ଏସ୍ଆଇ ଅଲିସ୍ମିତା ଜେନା, ପୋଲିସ ଏସ୍ଆଇ କୈଳାଶ ଚନ୍ଦ୍ର ସାହୁ, ଏଏସ୍ଆଇ ଅଶୋକ କୁମାର ପଟ୍ଟନାୟକ, ଏଏସ୍ଆଇ ବସନ୍ତ କୁମାର ବେହେରା, ଏଏସ୍ଆଇ ଜନ୍ ଶବର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ମହିଳା ଓ ଶିଶୁ ବିରୋଧୀ ଅପରାଧ, ସାଇବର ଅପରାଧ ଉପରେ ଆଲୋକପାତ କରିବା ସାଙ୍ଗକୁ ସାଂପ୍ରତିକ ପରିସ୍ଥିତିରେ ସାଇବର ଅପରାଧ ବ୍ଲାକ୍‌ମେଲିଂର ଏକ ମାଧ୍ୟମ ପାଲଟିଥିବା ବେଳେ ଏହାକୁ ପ୍ରତିହତ କରିବାର ସତର୍କ ଓ ସଚେତନତାର ଆବଶ୍ୟକତା ରହିଥିବା କହିଥିଲେ। ଅଜଣା ଓଟିପି ନମ୍ବର ସେୟାର ନ କରିବା ଓ ସାମାଜିକ ଗଣମାଧ୍ୟମରେ ଅଜଣା ବ୍ୟକ୍ତିଙ୍କ ବନ୍ଧୁତ୍ୱ ଅନୁରୋଧକୁ ଗ୍ରହଣ ନକରିବାକୁ ପରାମର୍ଶ ଦେଇଥିଲେ। ସାଇବର ଠକେଇରୁ ଦୂରେଇ ରହିବା ପାଇଁ ସାରା ରାଜ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ସାଇବର ଅପରାଧୀମାନେ ନୂଆଁ ନୂଆଁ କୌଶଳ ମାଧମରେ ଜନସାଧାରଣ ବିଶେଷକରି ବୟସ୍କ ବ୍ୟକ୍ତିମାନଙ୍କୁ ଠକେଇ କରୁଛନ୍ତି । ତେଣୁ ନିଜର ବ୍ୟକ୍ତିଗତ ତଥ୍ୟକୁ ଅଜଣା ବ୍ୟକ୍ତିକୁ ନଜଣାଇ ସୁରକ୍ଷିତ ରଖିବାକୁ କୁହାଯାଇଥିଲା। ଡିଜିଟାଲ୍ ପ୍ଲାଟଫର୍ମର ସୁରକ୍ଷିତ ବ୍ୟବହାର କରିବା, ଅଜଣା ଫୋନକଲ୍‌କୁ ଗ୍ରହଣ ନ କରିବା, ମୋବାଇଲ୍‌ରେ ଆସୁଥିବା ଅଜଣା ଲିଙ୍କ୍‌କୁ ନ ଖୋଲିବା, ଏଟିଏମ୍ କାର୍ଡର ପିନ୍‌କୁ କାହାରିକୁ ନଦେବା, ଅପରିଚିତ ବ୍ୟକ୍ତିଙ୍କ କଥାରେ ପ୍ରଲୋଭିତ ନହୋଇ ନିଜ ବ୍ୟାଙ୍କ ଏକାଉଣ୍ଟ ନମ୍ବର, ଓଟିପି ଓ ଆଧାର କାର୍ଡ ନମ୍ବର କାହାରିକୁ ନଦେବା, ସାଇବର ଠକେଇରୁ ଦୂରେଇ ରହିବା, ଠକାମୀର ଶୀକାର ହେଲେ ସାଇବର ହେଲ୍‌ପଲାଇନ୍‌ର ସହାୟତା ନେବା, ମୋବାଇଲ୍ ଫୋନ ବ୍ୟବହାର ସମୟରେ ଆକର୍ଷଣ ସୁବିଧା ଦେଉଥିବା ଆପ୍ ସମୟରେ ନଜାଣି କ୍ଲିକ୍ କରିବା ସମେତ ସାଇବର ଅପରାଧରୁ ଦୂରେଇ ରହିବା ପାଇଁ ଉପସ୍ଥିତ ଅଙ୍ଗନବାଡି କର୍ମୀ, କିଶୋରୀ ଓ ସଚେତନ ନାଗରିକଙ୍କୁ ବହୁ ଶିକ୍ଷଣୀୟ ତଥା ଉପାଦେୟ ସୂଚନା ପ୍ରଦାନ କରିଥିଲେ।

**ଗୁଣିଗାରେଡ଼ି ସନ୍ଦେହରେ ନିର୍ଯାତନା**

# ଏସ୍‌ପିଙ୍କୁ ସୁରକ୍ଷା ପାଇଁ ନିବେଦନ କଲେ ପରିବାର



**ଫୁଲବାଣୀ, ୧୦।୫/ଏନ୍ଏନ୍ଏସ୍:** ସରକାର ଗୁଣିଗାରେଡି ନିରୋଧ ଆଇନ ପ୍ରଣୟନ ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଏଥିରୁ ମୁକୁଳି ପାରି ନାହାନ୍ତି ଲୋକେ। ଏହାର ପରିଣାମ ସ୍ୱରୂପ ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ଲୋକ ଏହାର ଶୀକାର ହେଉଛନ୍ତି। ଏଭଳି ଏକ ଘଟଣା ନଜରକୁ ଆସିଛି ଗୋଚ୍ଛାପଡା ଥାନା ଅନ୍ତର୍ଗତ କୁରେଇପଦର ଗ୍ରାମରେ। ଏହି ଗ୍ରାମର ଏକ ପରିବାର ଗୁଣି ଗାରେଡି କରି ଗାଁର ଲୋକଙ୍କୁ ମାରୁଥିବା ସନ୍ଦେହ କରି କିଛି ଲୋକଙ୍କ ଦ୍ୱାରା ଦୀର୍ଘ ବର୍ଷ ଧରି ନିର୍ଯାତିତ ହେଉଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଭୟ ଭିତରେ ଜୀବନ ବିତାଉଥିବା ବେଳେ ବର୍ତ୍ତମାନ ଜୀବନରୁ ମାରିଦେବାକୁ ଧମକ ମିଳିଛି। ଫଳରେ ପରିବାରର ବାପା ମା'ଙ୍କ ସହ ପାଞ୍ଚ ପ୍ରାଣୀ କୁଟୁମ୍ବ ଭୟରେ ଜୀବନ ବିତାଉଛନ୍ତି। ଆଜି ପରିବାର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁରେଇପଦର ଗ୍ରାମର ପୀତବାସ କହଁର, ସ୍ତ୍ରୀ ସରୋଜିନୀ ଓ ତିନି ସନ୍ତାନଙ୍କ ସହ ବସବାସ କରୁଛନ୍ତି। ନିକଟସ୍ଥ ଗ୍ରାମ ଡେରାକୁମ୍ଭାର କିଛି ବ୍ୟକ୍ତି ସେମାନେ ଗୁଣିଗାରେଡି କରୁଥିବା ସନ୍ଦେହ କରି ବହୁ ଦିନ ହେଲା ସେମାନଙ୍କୁ ମାରଧର କରିବା ସହିତ ଜୀବନରେ ମାରିଦେବା ଧମକ ଦେଉଛନ୍ତି। ଏ ନେଇ ପୂର୍ବରୁ ଗୋଚ୍ଛାପଡା ଥାନାରେ ଏତଲା ଦିଆ ଯାଇଥିଲା। ତେବେ ପୁଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆପୋଷ ବୁଝାମଣା କରି ଛାଡି ଦେଇଥିଲା। ଗତ ମାସ ୧୦ ତାରିଖରେ ପୁଣିଥରେ ଏହି ବ୍ୟକ୍ତିମାନେ ସରୋଜିନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସରୋଜିନୀ ଥାନାରେ ଏତଲା ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଆକ୍ରମଣ କାରୀ ମାନେ ଖୋଲାରେ ବୁଲୁଥିବାରୁ ଏହି ପରିବାର ଏବେ ଭୟ ମଧ୍ୟରେ ଦିନ କାଟୁଛନ୍ତି। ପୀଡିତ ପରିବାର ଏସପିଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିବା ବେଳେ ସଦର ଏସଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ଘଟଣାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ, ଗୋଚ୍ଛାପଡା ଥାନା ଅଧିକାରୀ ସଂଜୀବ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି,ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଭୟ ପକ୍ଷଙ୍କୁ ଡାକି ବୁଝାସୁଝା କରିବା ସହ ଏଭଳି ନ କରିବାକୁ ତାଗିଦ କରାଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗୁଣିଗାରେଡି ସନ୍ଦେହରେ ଗୋଚ୍ଛାପଡା ଅଞ୍ଚଳରେ ଏକ ଦମ୍ପତିଙ୍କୁ ହାତୁଡ଼ିରେ ପିଟି ହତ୍ୟା କରାଯାଇଥିବା ବେଳେ କିଛି ବର୍ଷ ତଳେ ଗ୍ରାମବାସୀ ଗୁଣିଗାରେଡି ସନ୍ଦେହରେ ଜନୈକ ବ୍ୟକ୍ତିଙ୍କ ଘର ପୋଡି ଦେଇଥିବା ମଧ୍ୟ ନଜିର ରହିଛି। ତେଣୁ ପୁଲିସ ଓ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଢ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ଗାଁରେ ବାଘ ଆତଙ୍କ, ରାତିରେ ଗୁହାଳରୁ ଛେଳି ଖାଇବା ଅଭିଯୋଗ

**ଦିଗପହଣ୍ଡି,୧୦।୫/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲା ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧୀନ ରତନେଇ ରେଖାଙ୍କିତ ସଂରକ୍ଷିତ ଜଙ୍ଗଲ ଜକର ଫରେଷ୍ଟ ବିଟ୍‌ର ଜକର ଗ୍ରାମ ନିକଟ ମା' ରତନେଇ ମନ୍ଦିର ପାଖରେ ବାଘ ଆତଙ୍କ ଲାଗି ରହିଛି। ବାଘ ଜଣେ ବ୍ୟକ୍ତିଙ୍କ ଗୁହାଳରେ ପଶି ୩ ଛେଳି ନେଇ ଖାଇଦେଇଥିବା ଅଭିଯୋଗ ହୋଇଛି। ଶନିବାର ଅପରାହ୍ନରେ କିଛି ବ୍ୟକ୍ତି କାର୍ ଓ ବାଇକ୍‌ରେ ଦିଗପହଣ୍ଡିରୁ ଚିକିଟି ଅଭିମୁଖେ ଯାଉଥିବା ବେଳେ ଏକ କଲରା ପତରିଆ ବାଘକୁ ଦେଖି ମୋବାଇଲରେ ଭିଡିଓ ଓ ଫୋଟ ଉଠାଇ ଭାଇରାଲ କରିଥିଲେ। ଖବର ପ୍ରଚାରିତ ହେବା ପରେ ଗ୍ରାମ ସମେତ ଆଖପାଖ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ବାଘ ଦେଖିବାକୁ ସେଠାରେ ପହଞ୍ଚିଥିଲେ। ଏନେଇ ଦିଗପହଣ୍ଡି ବନ ବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ରବିବାର ସକାଳେ ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଚିକିଟି ଫରେଷ୍ଟର କାମନା ଭୂୟାଁ, ଫରେଷ୍ଟ ଗାର୍ଡ ମିତାରାଣୀ ବିଶ୍ୱାସରାୟ, ବନ ବିଭାଗ ସ୍କ୍ୱାଡ୍ ସଦସ୍ୟ ସନ୍ତୋଷ ଗୌଡ଼ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ବନବିଭାଗ ପକ୍ଷରୁ ଡ୍ରୋନ କ୍ୟାମେରା ସହାୟତାରେ ବାଘ ଠାବ ପାଇଁ ପଦକ୍ଷେପ ନିଆଯାଇଥିଲା। ପରେ ନିକଟସ୍ଥ ଗୁହାଳ ଓ ନଦୀଘାଟ ନିକଟରେ ୨ଟି ଟ୍ରାପ୍ କ୍ୟାମେରା ସଂଯୋଗ କରାଯାଇଛି। ଘଟଣାସ୍ଥଳରୁ କିମ୍ବା ଆଖପାଖ ଜଙ୍ଗଲ ଇଲାକାରୁ ବାଘର କୌଣସି ପାଦ ଚିହ୍ନ ମିଳିନଥିବା ରେଞ୍ଜର କହିଛନ୍ତି। ପରେ ବନ କର୍ମଚାରୀ ବୃନ୍ଦ ଉପସ୍ଥିତ ଗ୍ରାମବାସୀଙ୍କ ସହ ଏନେଇ ବିସ୍ତୃତ ଆଲୋଚନା କରିଥିଲେ। ଗୃହପାଳିତ ପ୍ରାଣୀମାନଙ୍କୁ ରାତିରେ ବାହାରେ ଛାଡ଼ି ନ ଦେଇ ଗୁହାଳରେ ବାନ୍ଧି ରଖିବା ସହ ଗ୍ରାମବାସୀ ସତର୍କ ଓ ସୁରକ୍ଷିତ ରହିବା ପାଇଁ ବନ କର୍ମଚାରୀ ବୃନ୍ଦ ପରାମର୍ଶ ଦେଇ ଫେରିଥିବା ଜଣାପଡ଼ିଛି।

# ବାର ଘଣ୍ଟାରେ ତିନି ହରିଣ ମୃତ

**ବ୍ରହ୍ମପୁର,୧୦।୫/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଶନିବାର ୧୨ ଘଣ୍ଟା ମଧ୍ୟରେ ୩ଟି ହରିଣ ମୃତ୍ୟୁବରଣ କରିଥିବା ଜଣାପଡିଛି। ସେଥିମଧ୍ୟରୁ ମୁଜାଗଡ଼ ରେଞ୍ଜରେ ଦୁଇଟି ମୃତ୍ୟୁବରଣ କରିଥିବା ବେଳେ କେନ୍ଦ୍ରୀୟ ବନାଞ୍ଚଳରେ ଗୋଟିଏ ମୃତ୍ୟୁବରଣ କରିଛି। ପ୍ରଥମଟି ଭଞ୍ଜନଗର ମୁଜାଗଡ଼ ମୁଖ୍ୟ ରାସ୍ତାର ସୋରାଦେବୀ ମନ୍ଦିର ନିକଟରେ ଅଜଣା ଗାଡ଼ି ଧକ୍କାରେ ଗୋଟିଏ ହରିଣ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ମୃତ୍ୟୁବରଣ କରିଛି। ଦ୍ୱିତୀୟଟି କେନ୍ଦ୍ରୀୟ ବନାଞ୍ଚଳ ଲାଠିପଡ଼ା ନିକଟରେ ଶନିବାର ହିଁ ଘଟିଛି। ଶିକାରୀମାନେ ଆକ୍ରମଣ କରି ଗୋଟିଏ ହରିଣକୁ ମାରିଥିଲେ। ଏହାପରେ ତା'ର ମାଂସକୁ କାଟିବା ପାଇଁ ସଜବାଜ ହେଉଥିଲେ। ଏନେଇ ବିଭାଗୀୟ କର୍ମଚାରୀମାନେ ଜାଣି ଘଟଣାସ୍ଥଳରେ ଚଢ଼ାଉ କରି ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସଂପୃକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତମାନଙ୍କ ପାଖରେ ବନବିଭାଗ କର୍ମଚାରୀ ପହଞ୍ଚିଥିଲେ। ସେହିଭଳି ତୃତୀୟ ଘଟଣାଟି ଓହରେ ଘଟିଛି। ଶନିବାର ସନ୍ଧ୍ୟାରେ ଗୋଟିଏ ହରିଣ ଜଙ୍ଗଲରୁ ବାହାରି ଓହ ନିକଟରେ ଘୂରି ବୁଲୁଥିଲା। ଏହି ସମୟରେ କୁକୁରମାନେ ହରିଣଟିକୁ ଗୋଡ଼ାଇବାରୁ ହରିଣଟି ଦୌଡ଼ି ଯାଇ ସିମେଣ୍ଟ କେନାଲ ଉପରେ ବାଡ଼େଇ ହୋଇ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହରିଣଟି ମୃତ୍ୟୁବରଣ କରିଥିଲା। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ୩ଟି ଯାକ ହରିଣର ବ୍ୟବଚ୍ଛେଦ କରାଯାଇଛି। ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ ଏବଂ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ ଉଭୟ ମାମଲାର ତଦନ୍ତ କରୁଛନ୍ତି।

# ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଗିରଫ

**ବୁଗୁଡା,୧୦।୫/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ ଗ୍ରାମରେ ସ୍ତ୍ରୀ ସୈରିନ୍ଧ୍ରୀ ବେହେରା (୫୩)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀ ମୁରଲି ବେହେରା (୬୩) ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଏନେଇ ପୁଲିସ ଥାନାରେ କେସ୍ ନଂ ୨୨୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୯ ତାରିଖ ସକାଳେ ମୁରଲୀ ମଦ ପିଇବା ପାଇଁ ତାଙ୍କ ସ୍ତ୍ରୀ ସୈରିନ୍ଧ୍ରୀଙ୍କୁ ଟଙ୍କା ମାଗିଥିଲେ। ସୈରିନ୍ଧ୍ରୀ ମଦ ପାଇଁ ଟଙ୍କା ଦେବାକୁ ରୋକଠୋକ୍ ମନା କରିଦେଇଥିଲେ। ଏଥିରେ ମୁରଲୀ ଅତ୍ୟଧିକ ରାଗିଯାଇ ଘରେ ଥିବା ଏକ ଲୁହାରଡରେ ସୈରିନ୍ଧ୍ରୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ଅଟକାଇବାକୁ ଯାଇ ସୈରିନ୍ଧ୍ରୀଙ୍କ ବାମ ହାତ କ୍ଷତାକ୍ତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସେ ଚିତ୍କାର କରି ତଳେ ପଡି ଅଚେତ ହୋଇଯାଇଥିଲେ। ତଥାପି ମୁରଲୀର ରାଗ ଶାନ୍ତ ହୋଇନଥିଲା। ସେ ସୈରିନ୍ଧ୍ରୀଙ୍କ ଛାତି ଉପରେ ବସି ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ଗାଁ ଲୋକେ ଘରେ ପଶି ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ସ୍ୱାମୀଙ୍କ ପରକିୟା ପ୍ରୀତି ସହିତ ଏଭଳି ହତ୍ୟା ଉଦ୍ୟମକୁ ନେଇ ସ୍ତ୍ରୀଙ୍କ ଅଭିଯୋଗ ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ ସହ ଆଜି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ସାଇ ସୁନ୍ଦର ଧାମ ମନ୍ଦିରରୁ ୫ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି





**ଚୋରି ଘଟଣାର ଦୃଶ୍ୟ ସିସିଟିଭିରେ କଏଦ୍**

**ହିଞ୍ଜିଳିକାଟୁ,୧୦।୫/ଏନ୍ଏନ୍ଏସ୍:** ହିଞ୍ଜିଳିରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। ଚୋରି, ଡକାୟତି, ହତ୍ୟା ଭଳି ଘଟଣା ବାରମ୍ବାର ଘଟୁଛି। କେତେବେଳେ ଦିନ ଦୁଇ ପହରେ ୩ ବର୍ଷର ଶିଶୁ ସମ୍ମୁଖରେ ମହିଳାଙ୍କୁ ହତ୍ୟା ତ ଆଉ କେତେବେଳେ ଗାଁରେ ଉଭୟ ଗୋଷ୍ଠୀର ସଂଘର୍ଷ ଏବଂ କେତେବେଳେ ଡକାୟତି ଗ୍ୟାଙ୍ଗର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନ। ପ୍ରଥମେ ଜାନୁଆରୀ ମାସରେ ଭଂଜନଗର, ମାର୍ଚ୍ଚରେ ମାଣ୍ଡିଆପଲି ଓ ଗତକାଲି ବିଳମ୍ବିତ ରାତିରେ ହିଞ୍ଜିଳି ସାଇ ମନ୍ଦିରରୁ ଚୋରି ଘଟିଛି। ସୂଚନା ପ୍ରକାରେ, ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୋଚିଲିମା ଛକସ୍ଥିତ ସାଇ ସୁନ୍ଦର ଧାମ ମନ୍ଦିରରୁ ଗତକାଲି ବିଳମ୍ବିତ ରାତି ଗୋଟାଏ ସମୟରେ ଦୁଇ ଦୁର୍ବୃତ୍ତ ମୁଖ୍ୟ ଫାଟକ ନ ଖୋଲିପାରି ପାଚେରୀ ଡେଇଁ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଚୋରି ଘଟଣା କଏଦ ହେବା ଆଶଙ୍କାରେ ପ୍ରଥମେ ଦୁର୍ବୃତ୍ତମାନେ ସେଠାରେ ଲାଗିଥିବା ୩ ସିସିଟିଭିକୁ ଭାଙ୍ଗି ଦେଇଥିଲେ । ଅନ୍ୟ ସିସିଟିଭିରେ ଚୋରିର ପୁରା ଭିଡିଓ ଦୃଶ୍ୟମାନ ହୋଇଛି । ଦୁଇ ଜଣଙ୍କ ମଧ୍ୟରୁ ଜଣେ ଲୁଙ୍ଗିପିନ୍ଧିଥିବା ବେଳେ ଅନ୍ୟ ଜଣେ ଦେହମୁହଁ ଘୋଡାଇ ହୋଇଥିଲା। ଉଭୟ ଦାନ ହୁଣ୍ଡିରୁ ପ୍ରାୟ ୧ ଲକ୍ଷ ଟଙ୍କା, ୫ଟି ରୂପା ମୁକୁଟ, ରୂପା ଢାଲ, ରୂପା ଅଧ କେଜି ହାର ଏଭଳି ସମୁଦାୟ ୫ କେଜି ରୂପା ଆନୁମାନିକ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ପ୍ରାଚୀର ନିକଟରେ ଦୁର୍ବୃତ୍ତଙ୍କୁ ଜଣେ ସୁରକ୍ଷା ଦେଉଥିବା ମଧ୍ୟ ଜଣାପଡିଛି । ଭୋର ୪ଟା ସମୟରେ ମନ୍ଦିର ପୂଜାରୀ ସନ୍ତୋଷ କୁମାର ମିଶ୍ର ମନ୍ଦିର ଫାଟକ ଖୋଲାଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ମନ୍ଦିରର ପ୍ରତିଷ୍ଠାତା ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ । ଏନେଇ ଶ୍ରୀ ପାଣିଗ୍ରାହୀ ହିଞ୍ଜିଳି ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ, ଏସଆଇ ସୁରେଶ ଚନ୍ଦ୍ର ସାହୁ, ରଶ୍ମୀ ରଞ୍ଜନ ସାମଲ ଘଟଣାର ଯାଞ୍ଚ କରିଥିଲେ । ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଉଦ୍ୟମ ଜାରିଥିବା ଥାନାଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି । ଗତ କିଛିଦିନ ହେଲା ଅଞ୍ଚଳରେ ଘନ ଘନ ଚୋରି ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସେପଟେ ଦୁର୍ବୃତ୍ତ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ସହରବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଢିଲା ପେଟ୍ରୋଲିଙ୍ଗ ବ୍ୟବସ୍ଥା ଓ ପୁଲିସର ନିଷ୍କ୍ରିୟ ମନୋଭାବ ଯୋଗୁଁ ଅପରାଧୀ ସକ୍ରିୟ ହୋଇ ଉଠୁଛନ୍ତି ବୋଲି ସହରର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଚୋରି ଘଟଣା ନେଇ ହିଞ୍ଜିଳି ଥାନାରେ ୩୧୧/୨୬ ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ରାଜଯୋଗୀ ଜଗଦୀଶଚନ୍ଦ୍ରଙ୍କ ଅବ୍ୟକ୍ତ ସ୍ମୃତି ଦିବସ

**ଆସିକା,୧୦।୫/ଏନ୍ଏନ୍ଏସ୍:** ଆସିକା ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରବକ୍ତା ରାଜଯୋଗି ଜଗଦୀଶଚନ୍ଦ୍ର ହାସୀଜାଙ୍କ ୨୫ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶାନ୍ତି ଶକ୍ତି ଭବନର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସେବା କେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଆୟୋଜିତ ସଭାକୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ଯେ ପାକିସ୍ତାନର ମୁଲତାନ ପ୍ରଦେଶରେ ଜନ୍ମିତ ଭ୍ରାତା ଜଗଦୀଶଚନ୍ଦ୍ର ୧୯୫୨ ମସିହାରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆସିବା ପରେ ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ୨୦୦ ରୁ ଅଧିକ ପୁସ୍ତକ ରଚନା କରିବା ସହିତ ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରକାଶିତ ମାସିକ ପତ୍ରିକା ମାଧ୍ୟମରେ ଭାରତୀୟ ଦୈବୀ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହରିହର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଏ. ଯୁଧିଷ୍ଠିର ଦୋରା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ରାଉତ, ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା, ଆସିକା ହେଡ ପୋଷ୍ଟ ଅଫିସ୍‌ର ଡେପୁଟି ପୋଷ୍ଟ ମାଷ୍ଟର ମହାକାଳ ନାୟକଙ୍କ ସମେତ ଆସିକା ସହରର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଶତାଧିକ ଭଉଣୀ ଭାଇ ଯୋଗ ଦେଇ ରାଜଯୋଗି ଭ୍ରାତା ଜଗଦୀଶଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ହୃଦ୍‌ଘାତରେ କ୍ରୀଡ଼ା ଶିକ୍ଷକ ମୃତ

**ପାତ୍ରପୁର,୧୦।୫/ଏନ୍ଏନ୍ଏସ୍:** ପାତ୍ରପୁର ବ୍ଲକ ସୁରଙ୍ଗୀ ହାଇସ୍କୁଲରେ କ୍ରୀଡା ଶିକ୍ଷକ ଥିବା ଶିଖର ମାଝୀଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଶିକ୍ଷକ ଜଣକ ନିଜ ଗ୍ରାମ ଚିକିଟି ଗଡ଼ ବାସଭବନରେ ରହୁଥିବା ବେଳେ ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ ଚିକିଟି ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କ୍ରୀଡା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମାନପତ୍ର ପାଇଥିଲେ । ୨୦୨୧ ମସିହାରେ ତାଙ୍କର ପ୍ରଥମ ପୋଷ୍ଟିଙ୍ଗ ଭାବେ ସୁରଙ୍ଗୀ ହାଇସ୍କୁଲରେ କର୍ମମୟ ଜୀବନ ଆରମ୍ଭ ହୋଇଥିଲା।

**ସବ୍‌ଟ୍ରେଜେରୀରେ ୮ କୋଟିର ଘୋଟାଲା**

# ୬ଙ୍କୁ ଗିରଫ କଲା ଭିଜିଲାନ୍ସ

**ଭଦ୍ରକ,୧୦।୫/ଏନ୍‌ଏନ୍‌ଏସ୍‌:** ଭଦ୍ରକ, ତିହିଡ଼ି ଏବଂ ଚାନ୍ଦବାଲି ସବଟ୍ରେଜେରୀରେ ଦୀର୍ଘ ୫ ବର୍ଷ ଧରି ଚାଲିଥିବା ପ୍ରାୟ ୮ କୋଟି ଟଙ୍କାର ବଡ଼ଧରଣର ଆର୍ଥିକ ହେରଫେରର ଗୁମର ଧୀରେ ଧୀରେ ଖୋଲୁଛି। ଏହି କଳେଙ୍କାରୀର ମୁଖ୍ୟ କୁହାଯାଉଥିବା ତଥା ଚାନ୍ଦବାଲି ସବଟ୍ରେଜେରୀର ନିଲମ୍ବିତ ମୁଖ୍ୟ କିରାଣି ସନ୍ତୋଷ ପଣ୍ଡାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏହାସହ ଅନ୍ୟ ୫ ଜଣ ସହାୟକ-ଶିବ ଶଙ୍କର ସାମଲ, ଦେବ ଶଙ୍କର ସାମଲ, ପ୍ରଫୁଲ୍ଲ କୁମାର ରାଉତ, ସନ୍ଦୀପ କୁମାର ମିତ୍ର, ଅଭୟ କୁମାର ପଣ୍ଡାଙ୍କୁ ମଧ୍ୟ ଗିରଫକରାଯାଇଛି।

ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ନିଲମ୍ବିତ କିରାଣି ପଣ୍ଡାଙ୍କ ଆୟବହିର୍ଭୁତ ସମ୍ପତ୍ତି ଠାବ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। କଟକ, ବାଲେଶ୍ୱର ଏବଂ ଭଦ୍ରକ ଭିଜିଲାନ୍ସ ମିଳିତ ଟିମ୍ ତିହିଡ଼ି ଥାନା ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ଆରସା ଏବଂ ଭଦ୍ରକ ବାଇପାସ୍ ନିକଟରେ ଥିବା ସନ୍ତୋଷଙ୍କ ନବନିର୍ମିତ ଘରେ ଚଢ଼ଉ କରିଥିଲା। ଖୋଳତାଡ଼ ପରେ ବହୁ ଗୁରୁତ୍ୱପୂର୍ଣ୍ଣ ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଦୁର୍ନୀତିର ପରିମାଣ ୮ କୋଟି ଟପିବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଛି।

ନିଲମ୍ବିତ ହୋଇଥିବା ମୁଖ୍ୟ କିରାଣି ଶ୍ରୀ ପଣ୍ଡା ପୂର୍ବରୁ ଭଦ୍ରକ ସବଟ୍ରେଜେରୀରେ ଥିଲେ। ପରେ ତିହିଡ଼ି ଓ ଚାନ୍ଦବାଲି ସବଟ୍ରେଜେରୀକୁ ତାଙ୍କର ବଦଳି ହୋଇଥିଲା। ଏସବୁ ସବ୍ ଟ୍ରେଜେରୀରେ କେହି ଅଧିକାରୀ ନଥିବାରୁ ସ୍ଥାନୀୟ ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ ଫାଇଲ୍ ଚାଷ ଚାଲିଥିଲା। ଅଧିକାରୀମାନେ ଆଖିବୁଜି ମୁଖ୍ୟ କିରାଣିଙ୍କ ଫାଇଲ୍‌ରେ ଦସ୍ତଖତ କରୁଥିଲେ। ଏହାର ଫାଇଦାରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହେଉଥିଲା। ବର୍ତ୍ତମାନ ସୁଦ୍ଧା ଆକଳନରେ ୨୫ ଜୁଲାଇ ୨୦୧୮ରୁ ୪ ମଇ ୨୦୨୩ ମଧ୍ୟରେ ୧୦୨ଟି ମିଥ୍ୟା/ଜାଲ ବିଲ୍ ଜରିଆରେ ୮ କୋଟି ୪ଲକ୍ଷ ୭୬ ହଜାର ୧୪୬ଟଙ୍କା ଆତ୍ମସାତ ହୋଇଥିବା ଜଣାଯାଇଛି। ବିନା ସମୀକ୍ଷାରେ ମନଇଚ୍ଛା ଦସ୍ତଖତ କରିଥିବା ଅଭିଯୋଗରେ ଚାନ୍ଦବାଲିର ପୂର୍ବତନ ତହସିଲଦାର ସୁଶାନ୍ତ ସୂତାରଙ୍କୁ ନିକଟରେ ସରକାର ନିଲମ୍ବିତ କରିଥିଲେ। ଚାନ୍ଦବାଲି ସବ୍ ଟ୍ରେଜେରିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେବା ପରେ ଭିଜିଲାନ୍ସ ଟିମ୍ ତନାଘନା ଆରମ୍ଭ କରିଥିଲା। କିନ୍ତୁ ୬ ମାସ ତଳେ ନିଲମ୍ବିତ ହୋଇଥିବା ଚତୁର କିରାଣି ନିଜ ଆକାଉଣ୍ଟରେ ସମ୍ପତ୍ତି ରଖୁନଥିଲେ। ସନ୍ଦେହ ଏଡ଼ାଇବାକୁ ଆରସା, ପାଳିଆ ଓ ଭଦ୍ରକର ୨୯ ଜଣଙ୍କ ଜମାଖାତାକୁ ସରକାରୀ ଅର୍ଥ ଟ୍ରାନ୍ସଫର୍ କରିଛନ୍ତି।

**ସମ୍ବଲପୁର 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ**

# 'ଲୋକଲୋଚନକୁ ଆସିବ ଭୀମମଣ୍ଡଳୀର ଗୌରବମୟ ଇତିହାସ'

**ରେଢାଖୋଲ,ସମ୍ବଲପୁର,୧୦।୫/ଏନ୍‌ଏନ୍‌ଏସ୍ :** କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କରିଛନ୍ତି। ଏହି ଐତିହାସିକ ଐତିହ୍ୟ ସ୍ଥଳୀ ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ସହ ଏହା ସମ୍ବଲପୁରର ପର୍ଯ୍ୟଟନକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ଭୀମମଣ୍ଡଳୀ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଓଡ଼ିଶାର ଗୌରବମୟ ଇତିହାସ ଓ ପୁରାତନ ସଭ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ। ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଅନୁସାରେ, ଭୀମମଣ୍ଡଳୀର ଗୁମ୍ଫା କାନ୍ଥରେ ଥିବା 'ରକ୍ ଆର୍ଟ' ଗୁଡ଼ିକ ପ୍ରାୟ ୧୦,୦୦୦ ବର୍ଷରୁ ଅଧିକ ପୁରୁଣା। ଏହି ସ୍ଥଳୀରେ ପ୍ରସ୍ତର ଯୁଗର ଅନେକ ପ୍ରାଚୀନ ଉପକରଣ ମଧ୍ୟ ମିଳିଛି। ଏହି ଦୁର୍ଲଭ ସ୍ଥଳୀକୁ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଦ୍ୱାରା ଆନୁଷ୍ଠାନିକ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି। ଐତିହାସିକ ଦୃଷ୍ଟିକୋଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ପାଇଁ ଭୀମମଣ୍ଡଳୀ ସବୁବେଳେ ସ୍ୱତନ୍ତ୍ର। ଏହି ପରିପ୍ରେକ୍ଷୀରେ ଏହାର ବିକାଶ ପାଇଁ ଡବଲ୍ ଇଞ୍ଜିନ ସରକାର ପ୍ରାୟ ୮ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି, ଯାହାର କାମ ଆଜିର ଠାରୁ ଆରମ୍ଭ ହୋଇଛି। ଖୁବ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଣ୍ଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଏବଂ ବିଶ୍ରାମ ଗୃହ ଆଦି ନିର୍ମାଣ କରାଯିବ। ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଏହି ପ୍ରକଳ୍ପ ଅନେକ ନୂଆ ସୁଯୋଗ ସୃଷ୍ଟି କରିବ।





**ପ୍ରକଳ୍ପ ପାଇଁ ୮.୩୦ କୋଟି ଟଙ୍କା ଅନୁମୋଦନ**

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ସରକାରଙ୍କ 'ହୋମ୍ ଷ୍ଟେ' ନୀତି ମାଧ୍ୟମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ରୋଜଗାରକ୍ଷମ କରାଯିବା ସହ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର ପାରମ୍ପରିକ ଗ୍ରାମ୍ୟ ଜୀବନର ଅନୁଭୂତି ପ୍ରଦାନ କରିବା ପାଇଁ ଯୋଜନା ରହିଛି। ଆଗାମୀ ଦିନରେ ଏହି ଅଞ୍ଚଳର ସାଂସ୍କୃତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଭୀମମଣ୍ଡଳୀ ବିଶେଷ ଭାବରେ ସହାୟକ ହେବ। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୫, ୨୦୨୫ରେ ଏହି ସ୍ଥାନ ପରିଦର୍ଶନ କରିବା ଅବସରରେ ଶ୍ରୀ ପ୍ରଧାନ ଏହାର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ଦେବ୍ରିଗଡ଼-ଭୀମମଣ୍ଡଳୀ-ହୀରାକୁଦକୁ ଏକ 'ପର୍ଯ୍ୟଟନ ସର୍କିଟ୍' ଭାବେ ଘୋଷଣା କରିବାକୁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁରୋଧ କରିଥିଲେ।

**ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା**

# ଅପରାଧ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ସାଧାରଣ ଲୋକଙ୍କ ସହ ପୁଲିସର ସମନ୍ୱୟ ଏବଂ ପୁଲିସିଂ ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଲୋକାଭିମୁଖୀ କରିବା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଡିଜିପି ସମସ୍ତ ଜିଲ୍ଲାର ଏସ୍‌ପି ଏବଂ ରେଞ୍ଜ ଆଇଜି/ଡିଆଇଜିମାନଙ୍କୁ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଓ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସହ ପୁଲିସର ଆସ୍ଥା ଓ ସମନ୍ୱୟକୁ ଆହୁରି ମଜବୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରୁରୀକାଳୀନ ସହାୟତା ଯାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ବୃତ୍ତିଗତ ଓ ବ୍ୟବହାରିକ ତାଲିମ ପ୍ରଦାନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏପରି ତାଲିମ ଦ୍ୱାରା ଜଟିଳ ଓ ଜରୁରୀ ପରିସ୍ଥିତିରେ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ବୃଦ୍ଧି ପାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହା ସହ ପ୍ରତିଦିନ ପୂର୍ବାହ୍ନ ୯ଟା ପୂର୍ବରୁ ରାଜ୍ୟର ସମସ୍ତ ଥାନାରେ ନିୟମିତ ଭାବେ "ବ୍ରିଫିଂ ପରେଡ୍" ଅନୁଷ୍ଠିତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାର ସଠିକ୍ ପାଳନ ଏବଂ ନିୟମିତ ମନିଟରିଂ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବ୍ରିଫିଂ ପରେଡ୍ ପରେ ସମ୍ପୃକ୍ତ ଥାନା ଅଞ୍ଚଳର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ପ୍ରବଣ ଅଞ୍ଚଳ, ଅପରାଧୀଙ୍କ ଚଳଚଳନ ଏବଂ ଚାଲୁଥିବା ତଦନ୍ତ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହା ଦ୍ୱାରା ଥାନା ସ୍ତରରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ସୁଦୃଢ଼ ହେବ ବୋଲି ସେ କହିଥିଲେ। ଏହା ବ୍ୟତୀତ ରାଜ୍ୟରେ ଆଇନ-ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜିପି ବିଭିନ୍ନ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଜାରି ଥିବା ଏନ୍‌ବିଡବ୍ଲ୍ୟୁ ଗୁଡ଼ିକର ତ୍ୱରିତ କାର୍ଯ୍ୟକାରୀ, ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀମାନଙ୍କ ବିରୋଧରେ ଏନ୍‌ଏସ୍‌ଏ ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଜୋରଦାର ଚଢ଼ଉ ଅଭିଯାନ ଚଳାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସମସ୍ତ ଥାନା ଅଞ୍ଚଳରେ ବିଟ୍ ପାଟ୍ରୋଲିଂକୁ ଆହୁରି ସକ୍ରିୟ କରିବା, ଜାତୀୟ ରାଜପଥରେ ନିୟମିତ ପେଟ୍ରୋଲିଂ ବୃଦ୍ଧି କରିବା ସହ ଅସଦାଚରଣ ଓ ଅପରାଧ ପ୍ରବଣ ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ହତ୍ୟା ଭଳି ଗୁରୁତର ମାମଲାଗୁଡ଼ିକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ଭାବେ ମନିଟରିଂ କରି ଅଭିଯୁକ୍ତଙ୍କ ଶୀଘ୍ର ଗିରଫଦାରୀ, ଦୃଢ ତଦନ୍ତ ଏବଂ ଆଇନ ଅନୁଯାୟୀ ଦଣ୍ଡାଦେଶ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ପୁଲିସର ସକାରାତ୍ମକ କାର୍ଯ୍ୟ, ତ୍ୱରିତ ପଦକ୍ଷେପ ଓ ଜନସେବାମୂଳକ ଭୂମିକା ସମ୍ପର୍କରେ ସାଧାରଣ ଲୋକ ଅବଗତ ହେବା ଉଚିତ ବୋଲି ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ବୈଠକରେ ଡିଜିପି(କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା(ନିର୍ଦ୍ଦେଶକ) ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର ଡ଼. ଏସ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।



**ପ୍ରତିଦିନ ଥାନାରେ ହେବ 'ବ୍ରିଫିଂ ପରେଡ୍'**

**ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବାକୁ ପରାମର୍ଶ**

**ଥାନା ଅଞ୍ଚଳରେ ବିଟ୍ ପାଟ୍ରୋଲିଂକୁ ସକ୍ରିୟ କରିବାକୁ ନିର୍ଦ୍ଦେଶ**

**ଜଗନ୍ନାଥ ସଂସ୍କୃତି ପ୍ରତି ଇସ୍କନର କୁଠାରାଘାତ**

# ଅଦିନରେ କଲା ସ୍ନାନଯାତ୍ରା

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ଲଣ୍ଡନ ନିକଟ ୱାଟଫୋର୍ଡରେ ଥିବା ଇସ୍କନ ଜଗନ୍ନାଥ ସଂସ୍କୃତିର ପୁଣି ଧଜ୍ଜିଆ ଉଡ଼ାଇଛି। ତା ସହ ମହାପ୍ରଭୁଙ୍କୁ ବି କରିଛି ଘୋର ଅପମାନ। ଖାଲି ଅତିଥିରେ ପର୍ବ ପାଳିନି ବରଂ ପରମ୍ପରାର ହତ୍ୟା ବି କରିଛି। କିଏ କ୍ଷୀର ଢାଳିଛି ତ ଆଉ କିଏ ଦହି। ଯିଏ ଯେମିତି ପାରିଲା, ଯେଉଁଥିରେ ପାରିଲା ମହାପ୍ରଭୁଙ୍କୁ ଗାଧୋଇ ଦେଇଛି। ୧୦୮ ଗରା ସୁବାସିତ ଜଳ ବଦଳରେ ମନଇଚ୍ଛା ଘରୁ ଆଣି ଢଳାଯାଇଛି ପାଣି। ବିଶ୍ୱନିୟନ୍ତାଙ୍କ ପ୍ରତି ଏଭଳି ଅପମାନ ଦେଖି ଖପ୍ପା ହୋଇଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ। ଭକ୍ତଙ୍କଠୁ ସେବାୟତ ମହଲ ପର୍ଯ୍ୟନ୍ତ, ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା। ଖୋଦ୍ ସେଠାକାର ଶ୍ରୀଜଗନ୍ନାଥ ସୋସାଇଟିର ସଦସ୍ୟମାନେ ବି କ୍ଷୋଭ ପ୍ରକାଶ କରିଛନ୍ତି।

ଇସ୍କନ ଗଭର୍ଣ୍ଣିଂ ବଡି ପକ୍ଷରୁ ଗଜପତି ମହାରାଜଙ୍କୁ ଲେଖାଯାଇଥିବା ଚିଠିରେ ସ୍ପଷ୍ଟ ଭାବେ ଇସ୍କନ୍ ଲେଖିଥିଲା, କେବଳ ତିଥିରେ ହିଁ ସବୁଠି ସ୍ନାନ ପୂର୍ଣ୍ଣିମା ପାଳନ କରାଯିବ। ଏଥିପାଇଁ ସବୁ ଇସ୍କନ୍ ଟେମ୍ପୁଲକୁ ନିର୍ଦ୍ଦେଶ ଦିଆଯାଇଛି। ମାସ କେଇଟା ବିତିନି, ନିଜ ପ୍ରତିଶ୍ରୁତିକୁ ପାଣିର ଗାର ଭଳି ଧୋଇଦେଇଛି ନିଜେ ଇସ୍କନ୍। ପ୍ରଶ୍ନ ଉଠୁଛି- ଅତିଥିରେ ପର୍ବ ପାଳିବାକୁ କାହିଁକି ଏତେ ଉଚ୍ଛନ ହେଉଛି ଇସ୍କନ ? ଜୁନ୍ ୨୯ରେ ସ୍ନାନଯାତ୍ରା ପଡୁଥିବାବେଳେ ଦେଢ ମାସ ଆଗରୁ କାହିଁକି ଏଭଳି ପ୍ରହସନ ? ସ୍ନାନଯାତ୍ରା ନୀତିକାନ୍ତି ଜାଣିନି କି ଇସ୍କନ୍ ? କ୍ଷୀରଦହି ଢାଳି ମହାପ୍ରଭୁଙ୍କୁ ଅପମାନିତ କରିବାକୁ କିଏ ଦେଲା ସାହସ ? ଜଗନ୍ନାଥ ସଂସ୍କୃତି ବିରୋଧରେ ଇସ୍କନର ବାରମ୍ବାର ଏଭଳି ମନମାନୀ ଦେଖି ବରିଷ୍ଠ ସେବାୟତ କହିଲେଣି, ଆଭିମୁଖ୍ୟ ନ ବଦଳାଇଲେ ଆଗକୁ ଓଡ଼ିଶାରେ ଇସ୍କନକୁ ଜୋରଦାର ବିରୋଧ ହେବା ନିଶ୍ଚିତ।

ଅଦିନରେ ରଥଯାତ୍ରା ଓ ସ୍ନାନ ଯାତ୍ରା କରି ମହାପ୍ରଭୁଙ୍କ ମୂଳପୀଠ ପରମ୍ପରାକୁ ବାରମ୍ବାର ଉଲ୍ଲଂଘନ କରୁଛି ଇସ୍କନ୍। ଯାହାକୁ ନେଇ ଐକ୍ୟ ସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକରେ ତୀବ୍ର ଅସନ୍ତୋଷ ଝାଡ଼ିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ରଥଯାତ୍ରା ଓ ୧୦ଟି ସ୍ନାନଯାତ୍ରା ଅତିଥିରେ ଆୟୋଜନ କରିବାକୁ ଧାର୍ଯ୍ୟ କରିଛି ଇସ୍କନ୍। ଯାହାକି ଶାସ୍ତ୍ର ବିରୋଧୀ। ଏପଟେ ଇସ୍କନକୁ କଡ଼ା ସମାଲୋଚନା କରି ଜଗନ୍ନାଥ ସଂସ୍କୃତି ଗବେଷକ କହିଛନ୍ତି, କିଛି ଲୋକ ରଥଯାତ୍ରା କିମ୍ବା ସ୍ନାନଯାତ୍ରାକୁ ପିକନିକ୍ ଭାବିନେଉଛନ୍ତି।

ଚଳିତ ବର୍ଷ ଜୁନ୍ ୨୯ରେ ସ୍ନାନ ଓ ଜୁଲାଇ ୧୬ରେ ପଡୁଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ତେବେ ତା ପୂର୍ବରୁ ବିଶ୍ୱବ୍ୟାପୀ ମନ ଇଚ୍ଛା ଏହି ଉତ୍ସବ ପାଳନ କରିବାକୁ ଯୋଜନା ରଖିଛି ଇସ୍କନ। ପ୍ରଶ୍ନ ଉଠୁଛି- ବାରମ୍ବାର କୁହାଯିବା ସତ୍ତ୍ୱେ କାହିଁକି ଜିଦ୍ ଛାଡୁନି ଇସ୍କନ ? ଉଦ୍ଦେଶ୍ୟମୂଳକ ଭାବେ ଜଗନ୍ନାଥ ସଂସ୍କୃତିକୁ କାହିଁକି କରାଯାଉଛି ଅପମାନ ? ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦବେଗ ବଢୁଥିବା ବେଳେ ଇସ୍କନର ପ୍ରତିକ୍ରିୟା ମିଳିପାରିନି। ତେବେ ପୂର୍ବରୁ ଏ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଭୁବନେଶ୍ୱର ଇସ୍କନ କହିଥିଲା, ଦେଶ ଭିତରେ ଆମେ ନିୟମ ଅନୁସାରେ ରଥଯାତ୍ରା ପାଳୁଛୁ। ଦେଶ ବାହାର କାର୍ଯ୍ୟକ୍ରମ ଆମ ନିୟନ୍ତ୍ରଣରେ ନାହିଁ। ଏ ସଂପର୍କିତ ନିଷ୍ପତ୍ତି କେବଳ ଉଚ୍ଚ କର୍ତ୍ତୃପକ୍ଷ ହିଁ ନେଇ ପାରିବେ।

# ଦନ୍ତା ଆକ୍ରମଣରେ ମହିଳା ମୃତ

**ହିନ୍ଦୋଳ,୧୦।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସେକ୍ସନ ଅନ୍ତର୍ଗତ ବାର୍ଷୀଙ୍ଗା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ସୋମନାଥ ବିଶ୍ୱାଳଙ୍କ ପତ୍ନୀ ଭାରତୀ ବିଶ୍ୱାଳ(୫୩)। ସେ ଘର ନିକଟରେ ଥିବା ପଡ଼ିଆକୁ ସକାଳେ ଶୌଚ ହେବାକୁ ଯାଇଥିବା ସମୟରେ ଦନ୍ତା ହାତୀ ଆକ୍ରମଣର ଶିକାର ହୋଇଥିଲେ। ଭାରତୀ ଜୋରରେ ଚିତ୍କାର କରିବାରୁ ସାହି ପଡ଼ିଶା ଦୌଡ଼ି ଆସିଥିଲେ ହେଁ ଭାରତୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲେ। ଦନ୍ତାହାତୀଟି ଏତେ ମାତ୍ରାରେ ଉଗ୍ର ହୋଇ ଯାଇଥିଲା ଯେ ସର୍ବ ସମ୍ମୁଖରେ ଭାରତୀଙ୍କୁ ଗୋଡ଼ରେ ଦଳି ଚାଲିଥିଲା। ଖବର ପାଇ ବନବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇ ଭାରତୀଙ୍କୁ ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଭାରତୀଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଲିଖିତ ଅଭିଯୋଗ କ୍ରମେ ବାଲିମି ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ମୃତଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛଇ।

# ଆଜି ସୃଷ୍ଟି ହୋଇପାରେ ଲଘୁଚାପ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ ସୋମବାର ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ। ତେବେ ଏହା କେଉଁ ଦିଗରେ ଗତି କରିବ ଓ ପ୍ରଭାବ କ'ଣ ରହିବ ତାହା ଏଯାଏ ସ୍ପଷ୍ଟ ହୋଇନି। ୧୩ ତାରିଖ ସୁଦ୍ଧା ସ୍ପଷ୍ଟ ହେବ ଚିତ୍ର। ଶ୍ରୀଲଙ୍କା ସ୍ଥିତ ଗଲ୍ଫ ଅଫ୍ ମନାରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଡରାଉଛି। ଘନୀଭୂତ ହୋଇ ଲଘୁଚାପର ରୂପ ନେଇ ପାରେ ଘୂର୍ଣ୍ଣିବଳୟ। ଓଡିଶାକୁ ବାତ୍ୟାର ଆଶଙ୍କା ସୃଷ୍ଟି କରିଛି ଏହି ଘୂର୍ଣ୍ଣିବଳୟ। କିନ୍ତୁ ଏହା ଓଡ଼ିଶାକୁ କେତେ ଦୂର ପ୍ରଭାବିତ କରିବ ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ। ସେପଟେ ଆସନ୍ତା ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏପରିକି ୮ ଜିଲ୍ଲାରେ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ କାଳବୈଶାଖୀର ଅଧିକ ପ୍ରଭାବ ରହିବ। ଏଥିସହିତ ପବନର ବେଗ ୪୦ ରୁ ୫୦ କିଲୋମିଟର ଯାଏଁ ରହିବ। ସେହିପରି ରାୟଗଡ଼ା, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପ୍ରକୋପ ଅନୁଭୂତ ହେବ। ଏଭଳି କାଳବୈଶାଖୀର ପ୍ରଭାବ ଆସନ୍ତା ୧୫ ତାରିଖ ଯାଏଁ ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଘରୋଇ ବିଦ୍ୟାଳୟମୁହାଁ ସିବିଏସ୍‌ଇ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ସିବିଏସ୍‌ଇର ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ହୋଇଛନ୍ତି। ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଏପ୍ରିଲ୍ ୧୬ ତାରିଖରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖାଇବାକୁ ବ୍ୟସ୍ତ। ତେବେ ଯେଉଁମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପଢିବାରୁ ବଞ୍ଚିତ ହୋଇଛନ୍ତି ସେମାନେ ଏବେ ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ହୋଇଛନ୍ତି। ସିବିଏସ୍‌ଇ ବୋର୍ଡର ଯେଉଁସବୁ ଶିକ୍ଷାନୁଷ୍ଠାରେ ଯୁକ୍ତ ଦୁଇ ବା ଏକାଦଶ ଶ୍ରେଣୀ ପାଠ୍ୟକ୍ରମ ରହିଛି ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟାର ଆସନ ରହିଛି। ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇବା ସମ୍ଭବପର ହେଉନାହିଁ। ଏହାଛଡ଼ା ଏହିସବୁ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ କିଛି ଛାତ୍ରଛାତ୍ରୀ ଫେଲ୍ ହୋଇଥିବାରୁ ସେମାନେ ମଧ୍ୟ ପୁଣିଥରେ ଏକାଦଶ ଶ୍ରେଣୀରେ ପଢିବାକୁ ଥିବାରୁ ଅଧିକ ସଂଖ୍ୟାରେ ଦଶମଶ୍ରେଣୀ ଛାତ୍ରଛାତ୍ରୀଙ୍କର ନାମଲେଖା ହୋଇପାରୁ ନାହିଁ। ଯେଉଁ ଛାତ୍ରଛାତ୍ରୀ ସିବିଏସଇ ବୋର୍ଡରୁ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ନମ୍ବର ଆଧାରରେ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ନିଜ ନିଜ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରୁନାହାନ୍ତି ସେମାନେ ଏବେ ରାଜଧାନୀର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ହୋଇଛନ୍ତି। ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ନିଜ ନିଜ ଛାତ୍ରଛାତ୍ରୀଙ୍କ ନାମଲେଖା ସିବିଏସ୍‌ଇର ଦଶମ ଫଳ ପ୍ରକାଶନ ପୂର୍ବରୁ ସାରିଥିବାବେଳେ ଆଉ କେତେକ ସିଟ୍ ଖାଲି ରଖିଛନ୍ତି। ଏହିସବୁ ଆସନରେ ଏବେ ଅନ୍ୟ ବିଦ୍ୟାଳୟ ବିଶେଷକରି ସିବିଏସଇର ଛାତ୍ରଛାତ୍ରୀମାନଙ୍କ ନାମ ଲେଖାଯାଉଛି। ଅବଶ୍ୟ ଏଥିପାଇଁ ବିଦ୍ୟାଳୟଗୁଡିକ ଭିନ୍ନ ଭିନ୍ନ ପରିମାଣର ଅର୍ଥ ଦାବି କରୁଛନ୍ତି। ଅଭିଭାବକମାନେ ନିଜ ନିଜ ପିଲାଙ୍କ ନାମଲେଖା ପାଇଁ ହଡଳ ବିକଳ ହେଉଥିବାରୁ ଯେଉଁ ବିଦ୍ୟାଳୟ ଯେତିକି ଅର୍ଥ ଦାବି କରୁଛନ୍ତି ତାହା ଦେବାକୁ ବାଧ ହେଉଛନ୍ତି। ନାମଲେଖା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଅନେକ ଘରୋଇ କଲେଜରେ ସିଟ୍ ବୁକିଂ ହୋଇସାରିଛି। ଫଳରେ ଯେଉଁ ଗରୀବ ମେଧାବୀ ଘରୋଇ ସ୍କୁଲରେ ପଢ଼ିବାକୁ ସ୍ୱପ୍ନ ଦେଖିଥିବ ତାହା ପୂରଣ ନହେବା ଏକ ପ୍ରକାଶ ସ୍ପଷ୍ଟ ହୋଇଯାଇଛି। ତେଣୁ ଗଣଶିକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବା ସହ ରାଜ୍ୟର ଘରୋଇ ସ୍କୁଲରେ ମୋଟ କେତେ ସିଟ୍ ରହିଛି ଏବଂ ନାମଲେଖା ଲାଗି କେତେ ସିଟ୍ ଦର୍ଶାଯାଉଛି ତାହାର ଯାଞ୍ଚ କରିବାକୁ ଅନେକ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

**ବିଜେଡି ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ**

# ବିଜେଡି ମାଆମାନଙ୍କ ପାଇଁ ଲଢୁଛି, ଲଢ଼ିବ: ନବୀନ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ମାତୃ ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଜି ଶଙ୍ଖ ଭବନଠାରେ ବିଜେଡି ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ ଶୁଭାରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟରେ ନାରୀ ସୁରକ୍ଷା ଅଧିକାରର ଉଲ୍ଲଂଘନ, ନାରୀ ନିର୍ଯାତନା, ସାମାଜିକ ଅସୁରକ୍ଷିତା, ସାମ୍ବିଧାନିକ ଓ ରାଜନୈତିକ ଅଧିକାରର ଉଲ୍ଲଂଘନ ଆଦିକୁ ନେଇ ବିଜୁ ମହିଳା ଜନତା ଦଳ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି।

ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସାଂସଦ ସୁଲତା ଦେଓ, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ଏବଂ ଉପସଭାନେତ୍ରୀ ସ୍ୱର୍ଣ୍ଣଲତା ସାମଲ ବିଜେପିର ନାରୀ ବିରୋଧୀ କାର୍ଯ୍ୟକଳାପକୁ ନେଇ ଦୃଢ଼ ନିନ୍ଦା କରିଥିଲେ।

ଆଭାସୀ ମାଧ୍ୟମରେ ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ସମାବେଶରେ ଯୋଗ ଦେଇ କହିଥିଲେ ଯେ ଗତ କିଛି ଦିନ ଧରି ଆମ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ଅତ୍ୟନ୍ତ ଚିନ୍ତାଜନକ। ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଆରମ୍ଭ କରିଥିବା ଅଭିଯାନକୁ ବିଜୁ ଜନତା ଦଳ ଆଗକୁ ନେଉଛି। ୨୦୨୩ରେ ମହିଳା ସଂରକ୍ଷଣ ବିଲକୁ ବିଜେଡି ସମ୍ପୂର୍ଣ୍ଣ ସମର୍ଥନ କରିଥିଲା। ଏହା ପୂର୍ବରୁ ଦଳୀୟସ୍ତରରେ ମହିଳାଙ୍କୁ ଆଗକୁ ଆଣିବା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇ ଆସିଛି ବିଜେଡି। ବିଡ଼ମ୍ବନାର ବିଷୟ, ନାରୀ ତା'ର ଅଧିକାର ପାଇଁ ଲଢ଼େଇ କରିବାକୁ ପଡୁଛି ଏବଂ ସରକାର କେବଳ ପ୍ରଚାରରେ ବ୍ୟସ୍ତ। ସୀମା ନିର୍ଦ୍ଧାରଣ ବିଲ୍ ସହ ମହିଳା ସଂରକ୍ଷଣ ବିଲ୍ ନଯୋଡି ବର୍ତ୍ତମାନ ଲୋକସଭାର ଆସନ ସଂଖ୍ୟା ଭିତ୍ତିରେ ମହିଳାଙ୍କୁ ସଂରକ୍ଷଣ ଦିଆଯାଉ। ବିଜେଡି ସବୁ ବେଳେ ମାଆମାନଙ୍କ ପାଇଁ ଲଢୁଛି ଆଗକୁ ମଧ୍ୟ ଲଢ଼ିବ ବୋଲି ନବୀନ କହିଛନ୍ତି।

ଆଜି ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ ମେ' ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଚାଲିବ। ଏହି ଭଳି ବିକ୍ଷୋଭ ସଭାବେଶ ଆୟୋଜନ କରି ବିଜେପି ସରକାର ମହିଳାଙ୍କୁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ଟାଳଟୁଳ ନୀତି ଓ ମହିଳା ନିର୍ଯାତନା ରୋକିବାରେ ଅସମର୍ଥତାକୁ ବିଜେଡି ଲୋକଲୋଚନକୁ ଆଣିବ।

ସଭାନେତ୍ରୀ ସେହାଙ୍ଗିନୀ ଛୁରିଆ ବିସ୍ତୃତ ଭାବେ ମହିଳା ସଶକ୍ତିକରଣ ବାବଦରେ କହି, ବିଜେପି ସରକାରଙ୍କ ମହିଳାଙ୍କୁ ପ୍ରତାରଣା ତଥା ମିଛ ତଥ୍ୟ ଦେଇ ଲୋକଙ୍କୁ ଭ୍ରମିତ କରିବା ବିରୋଧରେ ପ୍ରତିବାଦର ସ୍ୱର ଘରେ ଘରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି। ସାଂସଦ ସୁଲତା ଦେଓ ବିଜେଡି ସରକାରଙ୍କ ଦୀର୍ଘ ଦିନର ସଂଘର୍ଷ ଏବଂ ଅକ୍ଲାନ୍ତ ପରିଶ୍ରମରେ ଓଡିଶାର ୨.୫ କୋଟି ମହିଳା ଯେଉଁ ସ୍ୱାଧୀନତା ଏବଂ ସମାନତା ତଥା ସୁରକ୍ଷା ପାଇଛନ୍ତି ତାହାକୁ ହାତଛଡା ନକରିବାକୁ ଚହିଥିଲେ। ବରିଷ୍ଠ ନେତ୍ରୀ କସ୍ତୁରୀ ମହାପାତ୍ର ମହିଳାଙ୍କ ଅଧିକାର, ସୁରକ୍ଷା ଏବଂ ସଶକ୍ତିକରଣ ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନ ବାବଦରେ ଆଲୋକପାତ କରିଥିଲେ।

ସେହିପରି ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରତ୍ୟେକ ନିର୍ବାଚନମଣ୍ଡଳୀସ୍ତରରେ ମହିଳାମାନଙ୍କ ପ୍ରତିବାଦ ସମାବେଶ କରି ଦୃଢ ସ୍ୱର ଉତ୍ତୋଳନ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଡ. ଲେଖାଶ୍ରୀ ସାମନ୍ତସିଂହାର, ସର୍ମିଷ୍ଠା ସେଠୀ, ଡ.ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, ଡ. ମିନୀତି ବେହେରା, ବିଜୁ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସମେତ ଡ. ଗୀତାଞ୍ଜଳୀ ବସ୍ତିଆ ମଞ୍ଚ ପରିଚାଳନା କରିଥିଲେ। ଏହି ସମାବେଶରେ ସାରା ରାଜ୍ୟରୁ ଆଭାସୀ ମାଧ୍ୟମରେ ହଜାରରୁ ଉର୍ଦ୍ଧ୍ୱ ମହିଳା ନେତ୍ରୀ ଓ କର୍ମୀ ଯୋଗ ଦେଇଥିଲେ।

## ସବୁଠି ବିଶ୍ୱ ମାତୃ ଦିବସ

# ଶ୍ରେଷ୍ଠ ମା' ସମ୍ମାନ ପାଇଲେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ




**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ ପାଳିତ ହୋଇଯାଇଛି। ଜୟଦେବ ଭବନଠାରେ ଆୟୋଜିତ ସମାରୋହରେ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ ପାଳନ ସହ ମଦର ସମ୍ମାନ ୨୦୨୬ ମଧ ପ୍ରଦାନ କରଯାଇଥିଲା।

ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ସମ୍ମାନୀୟା ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଲେଖିକା ତଥା ଗବେଷିକା ମନୋରମା ବିଶ୍ୱାଳ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ତଥା ବିଶିଷ୍ଟ ସମାଜ ବିଜ୍ଞାନୀ ଶରତ ଚନ୍ଦ୍ର ଭଦ୍ର ଏବଂ ମଦର ଅନୁଷ୍ଠାନର ଚେୟାରମ୍ୟାନ୍ ଅବସରପ୍ରାପ୍ତ ପ୍ରମୁଖ ଆୟକର ଅଧିକାରୀ ତଥା ଜଣାଶୁଣା କବି ଶରତ କୁମାର ଦାଶ ମହୋଦୟ ଉପସ୍ଥିତ ଥିଲେ। ପ୍ରସିଦ୍ଧ ଓଡ଼ିଶୀ ସଙ୍ଗୀତ ବିଶାରଦ ତଥା ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଶ୍ରେଷ୍ଠ ମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଲେଖିକା କାନନବାଳା ପଟ୍ଟନାୟକ, ଚିକିତ୍ସାବିଜ୍ଞାନ ଓ ସେବା ପାଇଁ ପ୍ରସିଦ୍ଧ ଟଙ୍କିଆ କ୍ଲିନିକ୍‌ର ପ୍ରତିଷ୍ଠାତା ଡ ଶଙ୍କର ରାମଚନ୍ଦାନୀ, ସାମ୍ବାଦିକତା କ୍ଷେତ୍ରରେ ନିର୍ଭୀକତା ଓ ସ୍ପଷ୍ଟବାଦୀ ଭାବେ ଜଣାଶୁଣା ସାମ୍ବାଦିକା ସ୍ୱାତୀ ଜେନା, ସାମଜିକ କର୍ମୀ ଅଭିରାମ ମଲିକ୍, ବିଶିଷ୍ଟ ଶିକ୍ଷାବିତ୍ ଡ ବ୍ରଜବନ୍ଧୁ ନନ୍ଦ ଏବଂ ରୁନାଲିସା ବେହେରା ଓ ଯୁବ ପ୍ରତିଭା ତମନ୍ନା ଭୋଇଙ୍କୁ ମଦର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନର ମାସିକ ମୁଖପତ୍ର ମଦର ୱିସଡମ୍ ନିଉଜ ଲେଟର ଉନ୍ମୋଚିତ କରାଯାଇଥିଲା। ଶିଶୁ ପ୍ରତିଭା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଏବଂ ଓଡ଼ିଆଣୀ ପ୍ରତିଯୋଗିତାର ବିଜୟୀ ମାନଙ୍କୁ ଅନ୍ୟତମ ସମ୍ମାନୀତ ଅତିଥି ଡ ରଜନୀ ରଞ୍ଜନଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଓମ୍ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। କୁନି କଳାକାର ଫିଓନା ସଂଗୀତ ପରିବେଷଣ କରିଥିବା ବେଳେ ମଦର ଅନୁଷ୍ଠାନର କର୍ମକର୍ତ୍ତା ଦିପ୍ତିଶ୍ରୀ ନାୟକ, ଜିଜ୍ଞାସା ମଣ୍ଡଳ, ନବକାନ୍ତି ମାଝୀ, ପ୍ରଶାନ୍ତ ରାଉତରାୟ, ବିଥିକା ମହାନ୍ତି, ପ୍ରଭୁଦତ୍ତ, ରାଜେଶ, ମଣ୍ଟୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମାଜ ଗଠନରେ ମା'ର ଭୂମିକା ଅପରିସୀମ

ସମାଜରେ ମା'ର ଅସୀମ ତ୍ୟାଗ, ସ୍ନେହ ଓ ସଂସ୍କାରର ମହତ୍ତ୍ୱକୁ ସ୍ମରଣ କରିବା ଉଦ୍ଦେଶ୍ୟରେ 'ବିଶ୍ୱ ଓଡ଼ିଆ ପରିବାର' ପକ୍ଷରୁ ରାଜଧାନୀ ଭୁବନେଶ୍ୱରଠାରେ ଏକ ଭାବଗମ୍ଭୀର ପରିବେଶରେ 'ମାତୃ ଦିବସ' ପାଳିତ ହୋଇଯାଇଛି। ସମାଜସେବୀ ଡକ୍ଟର ସିକ୍ତା ପତିଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାରୋହରେ ମାତୃତ୍ୱର ଗୌରବ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଗଠନର ଅଧ୍ୟକ୍ଷ ସଞ୍ଜୟ ଶର୍ମା ମତବ୍ୟକ୍ତ କରି କହିଥିଲେ ଯେ, ମା' କେବଳ ପରିବାରର ଆଧାର ନୁହେଁ, ବରଂ ସେ ଏକ ସୁସଂସ୍କୃତ ସମାଜ ଗଠନର ପ୍ରମୁଖ ଶକ୍ତି। ମା'ର ଆଦର୍ଶ ଓ ଶିକ୍ଷା ହିଁ ଜଣେ ସନ୍ତାନକୁ ସଫଳ ନାଗରିକରେ ପରିଣତ କରିଥାଏ। ସାମ୍ପ୍ରତିକ ଯୁଗରେ ପାରିବାରିକ ମୂଲ୍ୟବୋଧକୁ ରକ୍ଷା କରିବାରେ ମା'ର ଭୂମିକା ଅତୁଳନୀୟ ବୋଲି ସେ ପ୍ରକାଶ କରିଥିଲେ। ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମାତୃତ୍ୱର ମହାନତା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ଜଣେ ମା' ହିଁ ସନ୍ତାନର ପ୍ରଥମ ଶିକ୍ଷକ ଓ ପ୍ରେରଣାର ଉତ୍ସ। ତାଙ୍କର ନିଷ୍କାମ ସ୍ନେହ ଓ ତ୍ୟାଗ ମାନବ ଜୀବନକୁ ସଠିକ୍ ଦିଗଦର୍ଶନ ଦେଇଥାଏ। ତେବେ ଆଧୁନିକ ସମାଜରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅତିଥିମାନେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ପିତାମାତାଙ୍କ ପ୍ରତି ସମ୍ମାନ ଓ ସେବାଭାବ ରଖିବାକୁ ସେମାନେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସମାଜସେବୀ, ସାହିତ୍ୟିକ, ଶିକ୍ଷାବିତ୍ ଓ ସଂସ୍କୃତିପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଓଡ଼ିଆ ପରିବାରର କନକଲତା ଭଞ୍ଜ, ସରୋଜିନୀ ବେହେରା, କଳ୍ପନା ମହାପାତ୍ର, ଡକ୍ଟର ପ୍ରୀତିପ୍ରତିଭା ଭୋଳ, ବିଦ୍ୟୁତଲତା ଦେବୀ, ନୟନା ଚାଟାର୍ଜୀ, ନନ୍ଦିନୀ ନାୟକ, ଜଗନ୍ନାଥ ଚାଟାର୍ଜୀ, କୁଳମଣି ରାଉତ, ଡକ୍ଟର ବଂଶୀଧର ଦାଶ, ଅକ୍ଷୟ କୁମାର ସ୍ୱାଇଁ, ଚିନ୍ମୟ ବୋଡେ, ଡାକ୍ତର ସଞ୍ଜୀବ ଦୀକ୍ଷିତ ଏବଂ କମାଣ୍ଡର୍ ଦାଶରଥି ନନ୍ଦକିଶୋର ପ୍ରମୁଖ ଉପସ୍ଥିତ ରହି ମାତୃ ଶକ୍ତିର ବନ୍ଦନା କରିଥିଲେ।

## ମା' ପାଇଁ କବିତା ଆସର



ଆସନ୍ତା ଜୁନ୍ ୧୪ ତାରିଖ ପ୍ରଥମ ରଜ ଅବସରରେ 'କୋଠଘର ଆମ ସାହିତ୍ୟ ପରିବାର'ର ବାର୍ଷିକ ଉତ୍ସବ ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ସଭାକକ୍ଷରେ ଅନୁଷ୍ଠିତ ହେବ। ଏହି ମହାନ ସାରସ୍ୱତ ସମାରୋହରେ ଓଡ଼ିଶାର କୋଣ ଅନୁକୋଣରୁ ବହୁ ବିଶିଷ୍ଟ କବି ଓ ସାହିତ୍ୟିକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବର ସଫଳ ଆୟୋଜନ ନିମନ୍ତେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଇଜି ପାର୍କ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ତଥା କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର, ଯୁଗ୍ମ ସମ୍ପାଦକ ତଥା ଭାଷାବିଜ୍ଞାନୀ ଡଃ ଦେବାଶିଷ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ପ୍ରଶାସିକା ମମତା ବାରିକ, ପ୍ରହରାଜ ଜୟ ନାରାୟଣ ନନ୍ଦ, ରାଜଶ୍ରୀ ନନ୍ଦ, ଭାରତୀ ପରିଡ଼ା ଓ ସୁନନ୍ଦା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ବର୍ଷ ଓଡ଼ିଶାର ୮ ଜଣ ବିଶିଷ୍ଟ ସାରସ୍ୱତ ପ୍ରତିଭାଙ୍କୁ 'କୋଠଘର ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ବୈଠକରେ ଘୋଷଣା କରାଯାଇଛି। ଏହି ଅବସରରେ ବିଶ୍ୱ ମାତୃ ଦିବସ ପାଳିତ ହେବା ସହ ମା'ଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କବିତା ଆସର ଅନୁଷ୍ଠିତ ହୋଇଥିଲା। କବିମାନେ ନିଜ ସୃଜନୀ ମାଧ୍ୟମରେ ମାତୃ ମହିମା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ସମ୍ପାଦିକା ଅମ୍ବିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ବସୁଧାମାତା ସମ୍ମାନ ସମାରୋହ

ସମାଜକୁ ଶୃଙ୍ଖଳିତ କରିବାରେ ମା'ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜ ଉପରେ ମାତୃଶକ୍ତିର ବଡ଼ ପ୍ରଭାବ ରହିଛି। ସମାଜ ଗଢୁଥିବା ଏହି ମା'ମାନଙ୍କୁ ସମ୍ମାନିତ କରି ଆମେ ଗର୍ବିତ ହେବା ସହିତ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସଂସ୍ଥାର କାର୍ଯ୍ୟ ବେଶ୍ ପ୍ରଶଂସନୀୟ ବୋଲି ରାଜ୍ୟ ସ୍ତରୀୟ ବସୁଧାମାତା ସମ୍ମାନ ପ୍ରଦାନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ରଖିଛନ୍ତି। ବିଶ୍ୱ ମାତୃଦିବସ ଅବସରରେ ୱିମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫାର ପକ୍ଷରୁ ସ୍ଥାନୀୟ ଜୟଦେବଭବନ ଠାରେ ଆୟୋଜିତ ବସୁଧାମାତା ସମ୍ମାନ ସମାରୋହ-୨୦୨୬ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ରାଜ୍ୟ




ଅଲମ୍ପିକସ୍ ସଂଘର ସଭାପତି ସମୀର ମହାନ୍ତି। ସେ କହିଛନ୍ତି ଯେ ସମାଜ ସମୃଦ୍ଧ ହେଲେ ଦେଶ ସଶକ୍ତ ହୋଇଥାଏ। ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏଭଳି ମା'ମାନଙ୍କୁ ସମ୍ମାନିତ କରିବା ଆମପାଇଁ ଅତ୍ୟନ୍ତ ଗୌରବର ବିଷୟ। ୱସ୍ୱର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ବସୁଧାମାତା ସମ୍ମାନ ଉପରେ ଆଲୋକପାତ କରିବା ସହିତ ୱସ୍ୱର ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦିପ୍ତିମୟୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଞ୍ଜୀବ କୁମାର ପ୍ରଧାନ ଓ ଶର୍ମିଷ୍ଠା ନାୟକ ଅତିଥି ପରିଚୟ କରିଥିଲେ। ବସୁଧାମାତା ସମ୍ମାନ ସମାରୋହର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ହୃଷିକେଶ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବସୁଧାମାତା ସମ୍ମାନ ସମାରୋହର ସ୍ମରଣିକା 'ମୋ ମା' ଉନ୍ମୋଚନ ହୋଇଥିଲା। ସମାରୋହରେ ସୁଷମା ନନ୍ଦଙ୍କୁ ତାଙ୍କର ଜୀବନବ୍ୟାପି ସେବା ଓ ସାଧନା ପାଇଁ ଚଳିତବର୍ଷର ବସୁଧାମାତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ସମାଜ ଓ ସଂସାରରେ ଉଲ୍ଲେଖନୀୟ ସେବା ଓ ତ୍ୟାଗ ପାଇଁ ପାଇଁ ନିବେଦିତା ଲେଙ୍କା, ସ୍ୱର୍ଣ୍ଣପ୍ରଭା ରାଉତ, ଭାରତୀ ମହାନ୍ତି, କବିତାରାଣି ଗିରି, ସମିତି ମହାନ୍ତି, ତୁନା ପ୍ରଭା ସେନାପତି ଓ ସିଲା ପଟ୍ଟନାୟକ ପ୍ରମୁଖ ମା'ଙ୍କୁ ଆଦର୍ଶମାତା ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ପାଇଁ ଶ୍ରୀରାମ ଗ୍ରାମିଣ ବିକାଶ ସଂଘର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାତୃଦିବସ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରମୋଦ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଫୋକସ ପ୍ଲସ୍ ଟିଭି ଲୋକାର୍ପିତ



**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ରବିବାର ଫୋକସ୍ ପ୍ଲସ୍ ଟିଭିର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ଶଶୀରଞ୍ଜନ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଶୋକ ମହାନ୍ତି, ପ୍ରଦୋଷ ପଟ୍ଟନାୟକ, ସୋଫିଆ ଫିର୍ଦ୍ଦୋଷ, ମୀମାଂସା ମଲ୍ଲିକ, ଏ ମାନଭି ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଏହି ଅବସରରେ ଇଂରାଜୀ ପତ୍ରିକା ' ରାଉଣ୍ଡ୍ ଦି କ୍ଲକ' ଉନ୍ମୋଚିତ ହୋଇଥିଲା। ତେବେ ମୁଖ୍ୟ ସମ୍ପାଦକ ସୁଧାଂଶୁ ଶେଖର ରାଉତ ସମାମାଜିକ ସ୍ତରରେ ଗଣମାଧ୍ୟମର ଭୂମିକା ଏବଂ ପରିବର୍ତ୍ତନ ଆଣିବାରେ ସମ୍ବାଦପତ୍ର, ତଥା ବିଭିନ୍ନ ଗଣମାଧ୍ୟମ ଗ୍ରହଣ କରୁଥିବା ପ୍ରମୁଖ ଭୂମିକା ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେଥିଘେନି ଏଯାବତ୍ କୌଣସି ସ୍ପଷ୍ଟ ଚିତ୍ର ମିଳୁନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ବଜାୟ ରଖିବାପାଇଁ ସରକାର ଯେଉଁ ମାର୍ଗଦର୍ଶିକା ଜାରି କରିଛନ୍ତି ସେଥିରେ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଛାତ୍ରମାନେ ଆନ୍ଦୋଳନ କରିପାରିବେ ନାହିଁ ବୋଲି ଯେଉଁ ସର୍ତ୍ତ ରହିଛି ସେଥିରୁ ଛାତ୍ରସଂସଦ ନିର୍ବାଚନ ନେଇ ଅନେକ ଛାତ୍ର ସଂଗଠନ ଆଶଙ୍କାବ୍ୟକ୍ତ କରୁଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ଗତ ୭ବର୍ଷ ଧରି ଓଡିଶାରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଫଳରେ ଛାତ୍ରାବସ୍ଥାରୁ ନେତୃତ୍ୱ ବିକାଶ ଲାଗି ଯେଉଁ ସୁଯୋଗ ରହିଥିଲା ତାହାର ଏକ ପ୍ରକାର ଅପମୃତ୍ୟୁ ଘଟିଛି। ବିଜେଡି ସରକାର ସମୟରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ ରଖାଯିବା ଘଟଣାକୁ ବିଜେପି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଛାତ୍ର କଂଗ୍ରେସ, ବାମପନ୍ଥୀ ଛାତ୍ର ସଂଗଠନ ସମେତ ବିଭିନ୍ନ ରାଜନୈତିକ ଦଳ ବିରୋଧ କରୁଥିଲେ। ସେ ସମୟରେ ବିଜେଡି ଏବଂ ତାହାର ଯୁବ ଓ ଛାତ୍ରଶାଖାର ନେତାମାନେ ଛାତ୍ରସଂସଦ ନିର୍ବାଚନ ବିପକ୍ଷରେ ମତଦେଇ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ଓ ଶୈକ୍ଷିକ ବାତାବରଣ ବଜାୟ ରଖିବାପାଇଁ ଏହା ଅପରିହାର୍ଯ୍ୟ ବୋଲି କହୁଥିଲେ। ଏବେ ଦୁଇବର୍ଷ ଧରି ବିଜେପି ରାଜ୍ୟରେ କ୍ଷମତାରେ ରହିଛି। ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାରମ୍ବାର ଛାତ୍ର ସଂସଦ ନିର୍ବାଚନ ଲାଗି ଦାବି ହେଉଛି। ସରକାରଙ୍କ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଅନ୍ୟମାନେ ନିର୍ବାଚନ ସପକ୍ଷରେ ବିବୃତ୍ତି ଜାରି କରୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦୁଇବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ କରାଯାଇ ନାହିଁ। ଏବେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଶିକ୍ଷକ ଓ ଅଣଶିକ୍ଷକ ମରୁଡି ଜନିତ ସମସ୍ୟା ଅତି ଉତ୍କଟ ସ୍ଥିତିରେ ରହିଥିବା ଏବଂ ଆଉ କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯ୍ୟାତନା ଭଳି ଅଭାବନୀୟ ଘଟଣା ଘଟୁଥିବା ଦୃଷ୍ଟିରୁ ଛାତ୍ର ସଂସଦ ନିର୍ବାଚନ ହେଲେ ସଂଗଠିତ ଛାତ୍ରଶକ୍ତି ବିଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରିବାର ଆଶଙ୍କା ରହିଛି। ଏଥି ସହିତ ଛାତ୍ରଛାତ୍ରୀମାନେ ଯେଉଁଭଳି ସେମାନଙ୍କ ଦାବି ଉଠାଇ ନପାରିବେ ତାହାକୁ ଚାପିଦେବା ଲାଗି ଶୃଙ୍ଖଳା ନାମରେ ଦମନମୂଳକ ମାର୍ଗ ନିର୍ଦ୍ଦେଶିକା ଜାରି କରାଯାଇଛି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ଛାତ୍ର ସଂଗଠନଗୁଡିକର କାର୍ଯ୍ୟକଳାପ ବେଶ୍ ଶିଥିଳ ଅନୁଭୂତ ହେଉଛି। ଏମିତିକି ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥାରେ ସୁଧାର ଆଣିବାପାଇଁ ଛାତ୍ର ସଂଗଠନଗୁଡିକ ଯେଉଁଭଳି ଚାପ ପ୍ରୟୋଗ କରିବାକଥା ତାହା ଲକ୍ଷ୍ୟ କରାଯାଉନାହିଁ। ଅତୀତରେ ବିଜେଡି ସରକାର ସମୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସରେ ଶୃଙ୍ଖଳା ଓ ଶୈକ୍ଷିକ ବାତାବରଣ ଆଳରେ ଛାତ୍ରସଂସଦ ନିର୍ବାଚନ ନକରିବାପାଇଁ ବାରମ୍ବାର ସୁପାରିଶ୍ କରୁଥିଲେ। ଏବେ ଅତିଥି ଅଧ୍ୟାପକଙ୍କୁ ଭରସା କରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଚାଲିଛି। ଏହି ଅତିଥି ଅଧ୍ୟାପକମାନେ କେବଳ ପାଠପଢାଇବା ଛଡା ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ରହିପାରିବେ ନାହିଁ। ଏମିତିକି ଛାତ୍ର ସଂସଦ ନିର୍ବାଚନ ପରିଚାଳନାରେ ବି ଏମାନେ ଭାଗ ନେଇପାରିବେ ନାହିଁ। ଏଭଳି ସ୍ଥିତିରେ ଭାରପ୍ରାପ୍ତ ଅଧ୍ୟକ୍ଷମାନେ ବହୁ ସ୍ଥଳରେ ଛାତ୍ରସଂସଦ ର୍ନିବାଚନ ରିସ୍କ ନେବାକୁ ପ୍ରସ୍ତୁତ ନୁହନ୍ତି। ପ୍ରାୟ ସାତବର୍ଷ ଧରି ଅଭ୍ୟାସରେ ପଡ଼ିଯାଉଥିବାରୁ ଅଭିଭାବକମାନେ ବି ପିଲାଙ୍କ କ୍ୟାରିଅର ଦୃଷ୍ଟିରୁ କ୍ୟାମ୍ପସ ଛାତ୍ର ରାଜନୀତି ପ୍ରତି ନାକ ଟେକୁଛନ୍ତି। ଏଭଳି ସ୍ଥିତିରେ ଗ୍ରୀଷ୍ମ ଅବକାଶ ପରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ପାଠପଢ଼ା ଆରମ୍ଭ ହେବାପରେ ଛାତ୍ର ସଂସଦ ନିର୍ବାଚନ ହେବ କି ନହେବ ତାହା ଶିକ୍ଷାବର୍ଷର କ୍ୟାଲେଣ୍ଡର ପ୍ରକାଶ ପରେ ସ୍ପଷ୍ଟ ହେବ।

# ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଡଙ୍ଗର୍' ଉଦ୍‌ଘାଟିତ

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡି ଏବଂ ଶୁଭମ୍ ଅନୁଷ୍ଠାନର ମିଳିତ ସହଯୋଗରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଡଙ୍ଗର୍' ଆଜି ଉଦ୍‌ଘାଟିତ ହୋଇଯାଇଛି। ଭବାନୀପାଟଣାର ମହାବୀର ସାଂସ୍କୃତିକ ଅନୁଷ୍ଠାନ ରଙ୍ଗମଞ୍ଚଠାରେ ୯ ଓ ୧୦ ତାରିଖ ଦୁଇଦିନ ଧରି ଏହି ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହେବ।

ଆଜିର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ଜୟ ପ୍ରକାଶ ନାରାୟଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ବିଶିଷ୍ଟ ସମାଜସେବୀ ଜୟନାରାୟଣ, ବରିଷ୍ଠ ଅଧିବକ୍ତା ଭବେନ୍ଦ୍ର କୁମାର ପଣ୍ଡା, ବିଶିଷ୍ଟ ସମାଜସେବୀ ଜୟନ୍ତ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଓ ସଙ୍ଗୀତ ପରମ୍ପରାର ମୌଳିକତା ଏବଂ ଏହାର ବିଶେଷତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଜିର ଯୁବ କଳାକାରମାନେ ହେଉଛନ୍ତି ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଜଗତର ଭବିଷ୍ୟତ। ତେଣୁ ଆଦିବାସୀ ସମ୍ପ୍ରଦାୟର ଏହି ସମୃଦ୍ଧ ନୃତ୍ୟ ଓ ସଙ୍ଗୀତ ପରମ୍ପରାର ବହୁଳ ପ୍ରଚାର ଓ ପ୍ରସାର ସହ ଏହାକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟରେ ଯୁବ କଳାକାରମାନେ ନିଜର ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ କୋୟା ନୃତ୍ୟ, ଖଡିଆ ନୃତ୍ୟ, କିଷାନ ନୃତ୍ୟ, ପତର ସୌରା, ଲାଞ୍ଜିଆ ସୌରା ନୃତ୍ୟ, ଢେମ୍‌ସା, ପଞ୍ଚରସି, ଆଦିବାସୀ ନୃତ୍ୟ, ସିଙ୍ଗାରୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ମହାବୀର ସାଂସ୍କୃତିକ ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶୁଭମ୍ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲୁପ୍‌ସ୍ ସମ୍ପର୍କିତ ସଚେତନତା ଶୋଭାଯାତ୍ରା

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ବିଶ୍ୱ ଲୁପ୍‌ସ୍ ଦିବସ ଅବସରରେ ଲୁପ୍‌ସ୍ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ରୋଗ ସାଧାରଣତଃ ୧୫ରୁ ୪୫ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରେ ଅଧିକ ଦେଖାଯାଏ। ଜ୍ୱର, ଛାତିରେ ବ୍ୟଥା, କେଶ ଝଡ଼ିବା, ଚର୍ମରେ ରାଶ୍, ଗଣ୍ଠିବେଦନା ଇତ୍ୟାଦି ଲକ୍ଷଣ ଦେଖାଦେଲେ ଲୁପ୍‌ସ୍ ଥିବାର ସନ୍ଦେହ କରାଯାଇପାରେ। ଏହି ଅବସରରେ ଶୈଳଶ୍ରୀ ବିହାର ପରିସରରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନର ଉଦ୍‌ଘାଟନ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କୁ ଏହି ରୋଗ ବିଷୟରେ ସଚେତନ କରାଇଥିଲେ। ପ୍ରଫେସର ଡଃ ଜ୍ୟୋତି ରଞ୍ଜନ ପରିଡ଼ା ଓ ଡାକ୍ତର ଦେବାଶିଷ ମାଇକାପ୍ ସଚେତନ କରିବା ସହ ଔଷଧ ସେବନ, ସୁସ୍ଥ ଜୀବନଶୈଳୀ ଲାଗି ପରାମର୍ଶ ଦେଇଥିଲେ। ଚୈତନ୍ୟ ଚନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବହୁ ପ୍ରତୀକ୍ଷିତ ବାଲକାଟି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ

# ଓଡ଼ିଶା ଓ ଭୁବନେଶ୍ୱର ପାଇଁ ମୋ ଜୀବନ ସମର୍ପିତ: ଅପରାଜିତା

**ଭୁବନେଶ୍ୱର,୧୦।୫/ଏନ୍‌ଏନ୍‌ଏସ୍:** ବାଲକାଟି ଓ ଏହାର ଆଖପାଖ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ସହିତ ବଜାର ଅଞ୍ଚଳରେ ଭିଡ଼ ସମସ୍ୟାର ସମାଧାନ ପାଇଁ ଆରମ୍ଭ ହୋଇଛି କାର୍ଯ୍ୟ। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ମୁତାବକ ୮କୋଟି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭୁବନେଶ୍ୱର ଲୋକସଭା ତଥା ଜୟଦେବ ବିଧାନସଭା ନିର୍ବାଚନୀ ମଣ୍ଡଳୀର ବାଲକାଟିଠାରେ ସାରଦେଇପୁର-ନିମାପଡ଼ା ରାସ୍ତା ପ୍ରଶସ୍ତିକରଣ କାମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କରକମଳରେ ୧୦ ମିଟର ଚଉଡ଼ା ଓ ପାଖାପାଖି ସାଢ଼େ ୫ କିଲୋମିଟର ଲମ୍ବ ଏହି ରାସ୍ତାର ପ୍ରଶସ୍ତିକରଣ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍, କଲଭର୍ଟ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଯଥାଶୀଘ୍ର ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହେବ। ଏହି ଅବସରରେ 'ବିକାଶ ଓ ସେବା ରାଜନୀତିର ମୂଳ' ବୋଲି କହିବା ସହିତ ରାସ୍ତା ପ୍ରଶସ୍ତିକରଣରେ ରାସ୍ତା କଡ଼ରେ ରହିଥିବା ଦୋକାନୀମାନଙ୍କ ସମସ୍ୟାର ସମାଧାନ ମିଳିତ ଭାବରେ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ।

ଭେଣ୍ଡିଂଜୋନ୍ ମାଧ୍ୟମରେ ସମସ୍ତ ଦୋକାନୀମାନଙ୍କ ପାଇଁ ବ୍ୟବସ୍ଥା କରାଯିବା ସହିତ କାହାର କିଛି ଅସୁବିଧା ରହିବ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ପୂର୍ଣ୍ଣ ସହଯୋଗ ରହୁଥିବା ବେଳେ, ଡବଲ୍ ଇଞ୍ଜିନ ସରକାର ଯୋଗୁଁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଉଥିବା କହିଥିଲେ ସାଂସଦ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନିର୍ଦ୍ଦେଶକ୍ରମେ ଶାସନକୁ ସୁଶାସନରେ ପରିଣତ କରିବା ପାଇଁ ନିଜ ସଂସଦୀୟ କ୍ଷେତ୍ରରେ ରହୁଥିବା ଅଧିକାଂଶ ଦିନରେ ସାଂସଦଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ବାବଦରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ପ୍ରଦାନ କରାଯାଉଥିବା ସହିତ ଅଭିଯୋଗ ଶୁଣାଣି ଶିବିର ଜରିଆରେ ଲୋକଙ୍କ ଆହୁରି ନିକଟତର ହେବାକୁ ଚେଷ୍ଟା କରୁଥିବା ଜଣାଇଥିଲେ ଅପରାଜିତା। ଏଥିସହିତ 'ଓଡ଼ିଶା ଏବଂ ଭୁବନେଶ୍ୱର ପାଇଁ ମୋର ଜୀବନ ସମର୍ପିତ' ଏବଂ 'ଆମେ ଯାହା କହିବା ତାହା କରିବା, ଆଉ ଯାହା କରି ପାରିବା ନାହିଁ ତାହା କହିବା ନାହିଁ' ବୋଲି କହିବା ସହିତ ଆଗାମୀ ଦିନରେ ଲୋକଙ୍କ ପ୍ରସ୍ତାବ ରେ ବାଲିପାଟଣାଠାରୁ ରଙ୍ଗ ବଜାର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଓ ବାଲକାଟି ଅଞ୍ଚଳରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏହି ସଭାରେ ପୂର୍ତ୍ତ ବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସଚିନ ସାହୁ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ, ଜୟଦେବ ନିର୍ବାଚନ ମଣ୍ଡଳୀ ସାଂସଦଙ୍କ ପ୍ରତିନିଧି ଅଶୋକ ପଟ୍ଟନାୟକ, ସ୍ଥାନୀୟ ପୂର୍ବତନ ଜିଲ୍ଲା ସଭାପତି ସୁବାସ ଜେନା, ବରିଷ୍ଠ ନେତା ବସନ୍ତ ନାୟକ, ସାଂସଦ ପ୍ରତିନିଧି ଚୌଧୁରୀ ଦ୍ୱାରିକାନାଥ ଦାଶ, ବିଜୟ ମହାରଣା, ଜିଲ୍ଲା ବିଜେପି ଉପସଭାପତି ତାପସ ଜେନା, ମଣ୍ଡଳ ନେତୃତ୍ୱ ଅମ୍ବିକା ଶତପଥୀ, ବ୍ରହ୍ମା ନନ୍ଦ ସ୍ୱାଇଁ, ନିର୍ବାଚନ ମଣ୍ଡଳୀ ନେତା ନାରାୟଣ ଖୁଣ୍ଟିଆ, ପ୍ରଭାତ ସ୍ୱାଇଁ, ରାଜ୍ୟ ଆଇଟି ସେଲ ମୁଖ୍ୟ ଜ୍ୟୋତିରଞ୍ଜନ ନାୟକ ଓ ବହୁ ସଂଖ୍ୟାରେ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ରାଜ୍ୟର ଅନୁସୂଚିତ ଜାତି ମୋର୍ଚ୍ଚାର ଉପସଭାପତି ଶିବ ମଲ୍ଲିକ। ଶେଷରେ ଅଶୋକ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ନିତିଦିନ NITIDIN



## ଘରୋଇ ଗ୍ୟାସ୍‌ର ବଢୁଛି କଳାବଜାର

**କୁଆଁପାଳ,୧୦।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ରନ୍ଧନ ଗ୍ୟାସ୍‌ର ଘୋର ଅଭାବ ଯୋଗୁ ସାଧାରଣ ଉପଭୋକ୍ତାମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଅପରପକ୍ଷରେ ସହର ବଜାରର ରାସ୍ତାକଡ଼ରେ ଥିବା ଉଠା ଜଳଖିଆ ଦୋକାନ, ହୋଟେଲ୍, ବିବାହ ମଣ୍ଡପ ଗୁଡିକରେ ଘରୋଇ ଗ୍ୟାସ ବ୍ୟାପକ ବ୍ୟବହାର କରଯାଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଅପରପକ୍ଷରେ ଗ୍ୟାସ ଡିପୋରେ ଗ୍ୟାସ ସିଲିଣ୍ଡର ମହଜୁଦ୍ ନଥିବାରୁ ଉପଭୋକ୍ତାମାନଙ୍କର ଲମ୍ବା ଧାଡି ଲାଗୁଛି। ରାଜ୍ୟ ସରକାର ଗ୍ୟାସ୍‌ର କଳାବଜାରୀକୁ ରୋକିବାରେ ବିଫଳ ହୋଇଛନ୍ତି। ସହର ଅଥବା ଗ୍ରାମାଞ୍ଚଳରେ ଥିବା ମଣ୍ଡପଗୁଡିକରେ ଏକାଧିକ ଘରୋଇ ଗ୍ୟାସ ସିଲିଣ୍ଡର ବିବାହ ଭୋଜିରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ହେଲେ ଯୋଗାଣ ବିଭାଗ ଜାଣି ଅଜଣାର ଅଭିନୟ କରୁଛି। ସାଧାରଣ ଲୋକ ହଇରାଣ ହେଉଥିଲା ବେଳେ କାହା ସ୍ୱାର୍ଥରେ ଯୋଗାଣ ବିଭାଗ ବେଆଇନ ଭାବେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରୁଥିବା ଉଠା ଜଳଖିଆ ଦୋକାନ, ହୋଟେଲ, ମଣ୍ଡପଗୁଡିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନେଇ ପ୍ରଶ୍ନ ଉଠୁଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବା ସହ ଏହି ଘଟଣାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

## ପ୍ରାଣନାଥ ମହାବିଦ୍ୟାଳୟର ରୋଭର୍ ରେଞ୍ଜର୍ ସମାବେଶ



**ଖୋର୍ଦ୍ଧା,୧୦।୫/ଏନ୍‌ଏନ୍‌ଏସ୍:** ପ୍ରାଣନାଥ ମହାବିଦ୍ୟାଳୟର ପୂର୍ବତନ ଓ ଅଧ୍ୟୟନରତ ରୋଭର୍ ରେଞ୍ଜର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଣନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ରେଞ୍ଜର ଲିଡର ଡଃ ମମତା ଦେ, ମୁଖ୍ୟବକ୍ତା ଭାବେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାଣନାଥ ମହାବିଦ୍ୟାଳୟର ରୋଭର ଲିଡର ବିଶିଷ୍ଟ ସାହିତ୍ୟିକ ଗୋପାଳ କୃଷ୍ଣ ଦାସ, ସମ୍ମାନିତ ଅତିଥି ଭାବେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପ୍ରାକ୍ତନ ଜିଲ୍ଲା ସଂଗଠକ କମିଶନର ନଗେନ୍ଦ୍ର ନାଥ ଦତ୍ତ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପ୍ରାଣନାଥ ମହାବିଦ୍ୟାଳୟର ପ୍ରଥମ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ରୋଭର୍ ଦୁଷ୍ମନ୍ତ ପଟ୍ଟନାୟକ ଯୋଗଦାନ କରିଥିଲେ। ୧୯୯୬ ମସିହାରୁ ପ୍ରାଣନାଥ ମହାବିଦ୍ୟାଳୟରେ ରୋଭର୍ ରେଞ୍ଜର ୟୁନିଟ୍ ଆରମ୍ଭ ହୋଇଆସୁଛି। ଏହି ୟୁନିଟରୁ ଅନେକ ଛାତ୍ରଛାତ୍ରୀ ଦେଶବିଦେଶରେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ ପୁରସ୍କାରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହି ସମ୍ମିଳନୀକୁ ସନ୍ତୋଷ କୁମାର ଭଞ୍ଜ, ସନ୍ତୋଷ କୁମାର ସାହୁ, ଭବାନୀ ପ୍ରସାଦ କର, ମନୋଜ କୁମାର ନାୟକ ଆଦି ସମସ୍ତ ସିନିୟର୍ ରୋଭର୍ ରେଞ୍ଜର ଆୟୋଜନ କରିଥିବା ସ୍ଥଳେ ସଭା ସଂଯୋଜନା କରିଥିଲେ ସିନିୟର୍ ରେଞ୍ଜର ଯଶସ୍ୱିନୀ ସାହୁ। ଉକ୍ତ ସମ୍ମିଳନୀରେ ୨୦୦ ଜଣ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସମେତ ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ମାର୍ଶଲ୍ ଆର୍ଟ ପ୍ରଶିକ୍ଷଣ ଶିବିର



**ଆଠଗଡ଼,୧୦।୫/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଆଠଗଡ଼ସ୍ଥିତ କ୍ୱାନ୍ କି ଡୋ ଆସୋସିଏସନ ପକ୍ଷରୁ ଆଠଗଡ଼ ମାର୍ଶଲ ଆର୍ଟ ଏକାଡେମୀ ସହଯୋଗରେ ୨ୟ କ୍ୱାନ୍ କି ଡୋ ବେଲ୍ଟ ଟେଷ୍ଟ ଗ୍ରେଡ୍ ଏବଂ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବିଶ୍ୱନାଥ ମଡେଲ ବିଦ୍ୟାଳୟ ଠାରେ ଆସୋସିଏସନର ସଭାପତି ରୁଦ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କ୍ୱାନ୍ କି ଡୋ ଆସୋସିଏସନର ବୈଷୟିକ ନିର୍ଦ୍ଦେଶକ ବିଶ୍ୱଜିତ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ବେଲ୍ଟ ଟେଷ୍ଟ ପରୀକ୍ଷା କରାଇବା, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେବା ସହିତ ମାନପତ୍ର ପ୍ରଦାନ କରିଥିଲେ। ଏଥିରେ ଆସୋସିଏସନର ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶ୍ରୀତମ କୁମାର ଶତପଥୀ, ସଂପାଦକ ବଦ୍ରିନାରାୟଣ ବାହିନୀପତି, କୋଷାଧ୍ୟକ୍ଷ ରାହୁଲ କୁମାର ଜେନା, ସହ ସଂପାଦକ ଚନ୍ଦନ ପ୍ରସାଦ ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବେଦାଚାର୍ଯ୍ୟ ଦୁଃଖିଶ୍ୟାମ ଦାସଶର୍ମାଙ୍କ ୫ତମ ଶ୍ରାଦ୍ଧବାର୍ଷିକୀ

**ସାଲେପୁର,୧୦।୫/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ୍ ସଉରୀ ପଞ୍ଚାୟତ ମା' ଚଣ୍ଡୀ ମନ୍ଦିର ପରିସରରେ ବେଦାଚାର୍ଯ୍ୟ ଦୁଃଖିଶ୍ୟାମ ଦାସଶର୍ମାଙ୍କ ୫ତମ ଶ୍ରାଦ୍ଧବାର୍ଷିକ ଭକ୍ତିଭାବ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଦୁଃଖିଶ୍ୟାମ ବୃଦ୍ଧାଶ୍ରମ ପକ୍ଷରୁ ବୃଦ୍ଧାଶ୍ରମର ଅଧ୍ୟକ୍ଷ ଅଜୟ କୁମାର ଜେନା ଓ ତାଙ୍କ ସହଧର୍ମିଣୀ ସୁକାନ୍ତି ଜେନା ଗୁରୁ ବେଦାଚାର୍ଯ୍ୟ ଦୁଖୀଶ୍ୟାମ ଦାସଶର୍ମାଙ୍କୁ ପିଣ୍ଡାଦାନ ଦେବା ସହିତ ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଦୁଃଖିଶ୍ୟାମ ଦାଶଶର୍ମାଙ୍କ ସ୍ମୃତି ଚାରଣ ସମୟରେ ଉପସ୍ଥିତ ତାଙ୍କର ବହୁ ଶିଷ୍ୟ ଓ ଗ୍ରାମବାସୀମାନଙ୍କ ମଧ୍ୟରେ ଗଭୀର ଆବେଗ ଓ ଶ୍ରଦ୍ଧା ପରିଲକ୍ଷିତ ହୋଇଥିଲା। ଏହି ଅବସରରେ କିଛି ବୃଦ୍ଧ ଲୋକଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ବିଜୟ କୁମାର ପାଲ୍, ରାମଚନ୍ଦ୍ର ପାଣି, ଅବତନ ଷଡ଼ଙ୍ଗୀ, ଚନ୍ଦ୍ରମଣି ଭୂୟାଁ, ଦେବେନ୍ଦ୍ର ନାୟକ, ସୁଲଭ ନାୟକ, ରଞ୍ଜନ ନାୟକ, ଭରତ ମହାନ୍ତି, ମାଧବାନନ୍ଦ ବାରିକ, ଦୁଃଶାସନ ରାଉତ, ପ୍ରସନ୍ନ ସେଠୀ, ରାଜେଶ କାଣ୍ଡି, ମଣ୍ଟୁ ମହାରଣା, ସୁରଜ କାଣ୍ଡି, ଦିପୁନ ମହାରଣାଙ୍କ ସମେତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ

# ଈଶ୍ୱରଙ୍କ ସନ୍ତାନ ଆମେ ସବୁ ଭାଇଭାଇ: ମୌଲାନା ଫଜଲ୍

**ଖୋର୍ଦ୍ଧା,୧୦।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦିୟା ମୁସଲିମ ସଂଗଠନ ଆନୁକୁଲ୍ୟରେ ଦୁଇ ଦିନ ଧରି ଚାଲିଥିବା ୫୯ତମ କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦଯାପିତ ହୋଇଛି। ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନରେ କେରଙ୍ଗ ସଭାପତି ଓସିମ ଅହମଦ ଖାଁ ପୌରୋହିତ୍ୟ କରିଥିଲେ। ସଭାକାର୍ଯ୍ୟ ପବିତ୍ର କୋରାନ ପାଠ ସହ ଆରମ୍ଭ ହୋଇଥିଲା। ପବିତ୍ର କୋରାନ ଆବୃତ୍ତି ନାସର ଖାଁ କରିଥିବା ବେଳେ ଓଡିଆ ଅନୁବାଦ ହଲିମୁଦ୍ଦିନ ଖାଁ ପଢି ଶୁଣାଇଥିଲେ। ଉର୍ଦ୍ଦୁ ନଜମ ସଂଗୀତ ଓସି ଆହମଦ ଖାଁ ପରିବେଷଣ କରିଥିଲେ। ପ୍ରଥମ ବକ୍ତା ଭାବେ ଯୋଗଦେଇ ମୌଲାନା ଅଖତରୁଦ୍ଦିନ ଖାଁ ଆର୍ଥିକ ଅନୁଦାନ ଓ ଓସିୟତ ସଂସ୍ଥା ବିଷୟରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବକ୍ତା ଭାବେ ମୌଲାନା ସୟଦ ଫଜଲେ ନଇମ ଯୋଗଦେଇ ଲୋକମାନଙ୍କୁ ଈଶ୍ୱରବିଶ୍ୱାସୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ତୃତୀୟ ବକ୍ତା ଭାବେ ମୌଲାନା ସେକ ଇସହାକ ଯୋଗଦେଇ ଉତ୍ତମ ଚରିତ୍ର ଗଠନ ପାଇଁ ଇସଲାମୀୟ ନୀତି ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନୀ ସମାରୋହରେ ଅହମଦିୟା ମୁସଲିମ କେନ୍ଦ୍ରୀୟ ସଂସ୍କାର ଓ ନିର୍ଦ୍ଦେଶ ସଚିବ ମୌଲାନା ଅତାଉଲ ମୁଜିବ ଲୋନ ପୌରୋହିତ୍ୟ କରିଥିଲେ। ପବିତ୍ର କୋରାନ ପାଠ ତସଲିମ ଅହମଦ ଆବୃତି କରିଥିବା ବେଳେ ଓଡିଆ ଅନୁବାଦ ମୁହମ୍ମଦ ଫଜଲେ ଉମର ପଢି ଶୁଣାଇଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇ କଟକର ମୌଲାନା ଫଜଲ ହକ ଖାନ ଧାର୍ମିକ ସହିଷ୍ଣୁତା ଓ ବିବେକ ସ୍ୱାଧୀନତା ବିଷୟରେ ଆମେ ସଭିଏଁ ଈଶ୍ୱରଙ୍କ ସନ୍ତାନ, ଆମେ ସବୁ ଭାଇଭାଇ ବୋଲି କହିଥିଲେ। ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ କଟକ ବିଧାୟକ ତଥା ଓଡ଼ିଶା ଜନତା କଂଗ୍ରେସ ଦଳର ସଭାପତି ମୁହମ୍ମଦ ମୁକିମ, ସ୍କୁଲ ସବ୍ ଇନିସପେକଟର ରବି ସତପଥୀ, ମନମଥ ରାଉତରାୟଏବଂ ପି.ସି.ଇ ସ୍ପୋକ୍‌ପର୍‌ସନ୍ ସୁଭେନ୍ଦୁ ମଲ୍ଲିକ ଯୋଗଦେଇ ସଶକ୍ତ ରାଷ୍ଟ୍ରଗଠନ, ରାଷ୍ଟ୍ରର ବିକାଶ ଓ ଉନ୍ନତି ତଥା ବିଶ୍ୱଭାଇଚାରା ବିଷୟରେ ମତାମତ ରଖିଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ କେରଙ୍ଗର ଉତିର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ସଭାପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଶ୍ୱବ୍ୟାପୀ ଅହମଦିୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ମହାମାନ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ବିଶ୍ୱବାଶୀଙ୍କ ପାଇଁ ଶାନ୍ତିର ବାର୍ତ୍ତାକୁ ମୌଲାନା ହଲିମ ଅହମ ପଢି ଶୁଣାଇଥିଲେ। କେରଙ୍ଗ ସଭାପତି ଓସିମ ଅହମଦ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ କେରଙ୍ଗ ଓ ମହିମୁଦାବାଦ ଗ୍ରାମର ଯୁବସଂଘ ତରଫରୁ ସାମୂହିକ ସଂଗୀତ ତରାନା ପରିବେଷଣ କରାଯାଇଥିଲା। ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା।



## ନୟାଗଡ଼ରେ ଖୋଲିଲା ଚେସ୍ ଏକାଡେମୀ




**ନୟାଗଡ଼,୧୦।୫/ଏନ୍‌ଏନ୍‌ଏସ୍:** ନୟାଗଡ଼ ପୌରାଞ୍ଚଳରେ ଚେସ ଖେଳାଳି ମାନଙ୍କ ପ୍ରଶିକ୍ଷଣ ନିମନ୍ତେ ପ୍ରଥମ ଥର ପାଇଁ ସ୍ଥାପିତ ଏକ ଚେସ ଏକାଡେମୀ ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି। ନୟାଗଡ଼ ଟାଉନ ଷ୍ଟେସନ ରୋଡ଼ରେ ଥିବା ଫିଟନେସ ପ୍ଲାନେଟ ନିକଟରେ ଅବସ୍ଥିତ ଏହି ଚେସ ଏକାଡେମୀକୁ ଓଡ଼ିଶା ଚେସ ଆସୋସିଏସନ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଏବଂ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ତଥା ସମାଜସେବୀ ପ୍ରମୋଦ ପଟ୍ଟନାୟକ ମିଳିତ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଚେସ ଆସୋସିଏସନ ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ଚେସ ଆସୋସିଏସନ କାର୍ଯ୍ୟକାରିଣୀ କମିଟି ସଦସ୍ୟ ରିତେଶ ରଥ, ପୂର୍ବତନ ସଭାପତି ଶ୍ରୀଧର ସାହୁ,ସଦସ୍ୟ ବିଶ୍ୱରଂଜନ ଦାଶ ତଥା ଚେସ ଏକାଡେମୀର ନିର୍ଦ୍ଦେଶକ ବାଲାରସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚେସ ଖେଳ ଶିଖିବା ତଥା ବିଭିନ୍ନ ବର୍ଗର ଚେସ ଖେଳାଳି ମାନେ ଏଠାରୁ ପ୍ରଶିକ୍ଷଣ ଗ୍ରହଣ କରି ନିଜକୁ ଜଣେ ଜଣେ ଭଲ ଖେଳାଳି ଭାବେ ଗଢ଼ି ତୋଳିବା ପାଇଁ ଏହି ଏକାଡେମୀ ବେଶ ସହାୟକ ହେବ ବୋଲି ଉପସ୍ଥିତ ଅତିଥି ମାନେ ଆଶା ପୋଷଣ କରିଥିଲେ। ବିପି ଚେସ ଏକାଡେମୀ ନାମରେ ନାମିତ ଏହି ଚେସ ପ୍ରଶିକ୍ଷଣ କେନ୍ଦ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ କୋଚ ମାନେ ଆସି ପ୍ରଶିକ୍ଷଣ ଦେବେ ବୋଲି ଜଣାପଡିଛି। ଏହି ଚେସ ଏକାଡେମୀରେ ଆଡ଼ମିସନ କରି ପ୍ରଶିକ୍ଷଣ ନେବା ପାଇଁ ନିର୍ଦ୍ଦେଶକଙ୍କ ମୋବାଇଲ ନମ୍ବର ୮୬୩୭୨୦୨୮୯୮ରେ ଯୋଗାଯୋଗ କରି ସବିଶେଷ ତଥ୍ୟ ଜାଣିବା ପାଇଁ ଏକାଡେମୀ ପକ୍ଷରୁ କୁହାଯାଇଛି।

## ଜେଏମ୍‌ଏଫ୍‌ସିର ସ୍ଥାୟୀ ଗୃହ ନିର୍ମାଣ ଦାବି

**କୁଆଁପାଳ,୧୦।୫/ଏନ୍‌ଏନ୍‌ଏସ୍:** ପୂର୍ବ ବିଜେଡି ସରକାର ଅମଳରେ ମାହାଙ୍ଗା ନିର୍ବାଚନୀ ମଣ୍ଡଳୀର ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ନୂତନ ଭାବେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟ ପ୍ରତିଷ୍ଠା କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଉକ୍ତ କୋର୍ଟର ସ୍ଥାୟୀ ଗୃହ ନିର୍ମାଣ କରାଯାଇ ନାହିଁ। ସ୍ଥାୟୀ ଗୃହ ନିର୍ମାଣ ମାହାଙ୍ଗାରେ କରିବା ପାଇଁ ସାଧାରଣରେ ଦାବି ହେଉଛି। ତାହା ନହେଲେ ଯେ କୌଣସି ସ୍ଥାନରେ କୋର୍ଟର ସ୍ଥାୟୀ ଗୃହ ପ୍ରତିଷ୍ଠା କରାଗଲେ କୁରୁଜଙ୍ଗା, ଗୋପାଳପୁର, ଭଦ୍ରେଶ୍ୱର, ଗୋତରା, ହଳଦିଆ ପଞ୍ଚାୟତର ଜନସାଧାରଣମାନେ ନାହିଁ ନଥିବା ସମସ୍ୟା ଭୋଗିବେ। କୋଠପଦା ଠାରେ ଜେଏମ୍‌ଏଫସିର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଦାବି କରାଯାଉଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ଯାହାକୁ ସାଧାରଣରେ ବିରୋଧ କରାଯାଉଛି। ଏଠାରେ କୋର୍ଟ ପ୍ରତିଷ୍ଠା କରାଗଲେ ଯାତାୟତରେ ସମସ୍ୟା ସୃଷ୍ଟି ହେବ। ଏହା ମାହାଙ୍ଗାର ମଧ୍ୟବର୍ତ୍ତୀ ସ୍ଥଳ ନୁହେଁ। କେନ୍ଦ୍ରାପଡା ଜିଲ୍ଲାର ସୀମାକୁ ଲାଗିଥିବା କୁରୁଜଙ୍ଗା ପଂଚାୟତର ଭରତପୁର ଅଂଚଳର ଲୋକମାନେ ସମସ୍ୟା ଭୋଗିବେ। ଏପରିକି ଗମନାଗମନ ପାଇଁ ଗାଡିମଟର ସୁବିଧା ହେବ ନାହିଁ। ଲକ୍ଷ୍ମୀବସ୍ ନିର୍ଦ୍ଦିଷ୍ଟ ସମୟରେ କୁଆଁପାଳ ଯାଏ। ସାଲେପୁରରୁ କୁଆଁପାଳକୁ ବସ୍ ସୁବିଧା ରହିଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ମାହାଙ୍ଗାର ମଧ୍ୟବର୍ତ୍ତୀ ସ୍ଥଳରେ କୋର୍ଟ ପ୍ରତିଷ୍ଠା କରାଗଲେ ସାଧାରଣ ଲୋକଙ୍କ କୌଣସି ଅସୁବିଧା ହେବନାହିଁ ବୋଲି ଚର୍ଚ୍ଚା ହେଉଛି। ତେଣୁ ମାହାଙ୍ଗାରେ ଜେଏମ୍‌ଏଫ୍‌ସିର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହେଉଛି।

### ଜାଭିୟର୍ସ ବିଦ୍ୟାଳୟର ମାଲିକାନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

## ଥାନାରେ ଏତଲା, ଚିନ୍ତାରେ ଅଭିଭାବକ

**ଆଠଗଡ଼,୧୦।୫/ଏନ୍‌ଏନ୍‌ଏସ୍:** ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ଆଠଗଡ ରାଜବାଟି ନଗର ଠାରେ ୨୦୧୪ ମସିହାରେ ସେଣ୍ଟ ଜାଭିର୍ୟସ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଖୋଲାଯାଇଥିଲା ସେଣ୍ଟ ଜାଭିର୍ୟସ ସ୍କୁଲ୍। ମାତ୍ର ଏବେ ସ୍କୁଲର ସେଲ୍‌ଟର ପ୍ରଥମ ଟ୍ରଷ୍ଟକୁ ଭାଙ୍ଗି ଚାରିଟେବୁଲ୍ ମ୍ୟାନେଜମେଣ୍ଟ ନାମରେ ଏକ ନୂତନ ଟ୍ରଷ୍ଟ ଗଢା ଯିବାରେ ଦେଖାଦେଇଛି ବିବାଦ। ବିବାଦ ଦେଖାଦେବା ନେଇ ଅଶାନ୍ତ ହୋଇପଡିଛି ସ୍କୁଲ ପରିବେଶ ଏବଂ ୧୧୦୦ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ଚିନ୍ତାରେ ପଡିଛନ୍ତି ଅଭିଭାବକ। ପୁରାତନ ଓ ନୂତନ ଟ୍ରଷ୍ଟ ଏବେ ନିଜ ନିଜର ସମର୍ଥକ କର୍ମଚାରୀ ମାନଙ୍କୁ ନେଇ ଦୁଇ ଗୋଷ୍ଠିରେ ପରଣିତ ହେବାରେ ବିବାଦ କ୍ରମଶଃ ଘନେଇବାରେ ଲାଗିଛି ଏବଂ ଦୁଇ ଗୋଷ୍ଠୀଙ୍କ ପକ୍ଷରୁ ଆଠଗଡ ଥାନାରେ ପୃଥକ୍ ପୃଥକ୍ ଭାବେ ଏତାଲା ଦିଆଯାଇଛି। ଥାନା ପକ୍ଷରୁ ଅଧିକାରୀ ସୁମତି ମହାନ୍ତିଙ୍କ ପକ୍ଷରୁ ଉପଖଣ୍ଡ ପ୍ରଶାସନ ସହଯୋଗରେ ସମାଧାନ ପାଇଁ ପ୍ରୟାସ କରାଯାଇଥିଲା। ଉପଖଣ୍ଡ ପ୍ରଶାସନ ପକ୍ଷରୁ ଟ୍ରଷ୍ଟିଙ୍କୁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଡକାଇ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆଲୋଚନା କରାଯାଇଥିଲା। ମାତ୍ର ଦୁଇ ଟ୍ରଷ୍ଟି ମଧ୍ୟରେ ଥିବା ବିବାଦକୁ ନେଇ ଏହା ଜିଲ୍ଲା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବା ଏବଂ ଅଦାଲତଙ୍କର ଆସନ୍ତା ୧୯ ତାରିଖରେ ଆଦେଶ ଆସିବାକୁ ଥିବାରୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ୧୯ତାରିଖ ଅଥବା ଅଦାଲତଙ୍କ ଆଦେଶ ନଆସିବା ପର୍ଯ୍ୟନ୍ତ ସ୍କୁଲରେ ପ୍ରବେଶ କରିବାକୁ ଦୁଇ ପକ୍ଷକୁ ବାରଣ କରାଯାଇଥିଲା। ଏହାସହିତ ଦୁଇ ଗୋଷ୍ଠୀଙ୍କୁ ଲିଖିତ ଅଭିଯୋଗ ଏବଂ ଆବଶ୍ୟକୀୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୁରୁଣା ଟ୍ରଷ୍ଟି ଅଭିଯୋଗ ପତ୍ର ସହିତ ଆବଶ୍ୟକୀୟ ନଥିପତ୍ର ଦାଖଲ କରିଥିବାବେଳେ ନୂତନ ଟ୍ରଷ୍ଟି କୌଣସି ଅଭିଯୋଗ ପତ୍ର କିମ୍ବା କୌଣସି ନଥିପତ୍ର ଦାଖଲ କରିନଥିବା ଜଣାଯାଏ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଅଧିକ ହେବା ସହିତ ନିଜ ନିଜର ସମର୍ଥକମାନଙ୍କୁ ଯାହାକି ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ବିଦ୍ୟାଳୟକୁ ପ୍ରଶୟ ଦିଆଯାଇ ପରିବେଶକୁ ଅଶାନ୍ତ କରିଦିଆଯାଇଛି। ଏବେ ଏ ସମସ୍ତ ପ୍ରସଙ୍ଗକୁ ନେଇ ବିଦ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି ଯାହାକୁ ନେଇ ଅଭିଭାବକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାରୁ ସମାଧାନର ସୂତ୍ର ବାହାରିପାରି ନାହିଁ। ଛାତ୍ରଛାତ୍ରୀମାନେ ଭୟରେ ରହିଥିବା ବେଳେ ଏବେ ଖାରାଛୁଟି ଚାଲିଥିବାରୁ ସରକାରଙ୍କ ପକ୍ଷରୁ ଆଭାସି ଶିକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶଥିବାରେ ଏହି ଶିକ୍ଷା ପାଇବାରେ ବ୍ୟାପକ ବ୍ୟତିକ୍ରମ ଦେଖାଦେଇଛି। ଏ ସମସ୍ତ ବିଷୟକୁ ଦୃଷ୍ଟିରେ ନେଇ ଅଭିଭାବକ ସଂଘ ତୀବ୍ର ଅସନ୍ତୋଷ ଜାହିର କରିବା ସହିତ ତୁରନ୍ତ ସାମାଧନ କରିବାକୁ ଟ୍ରଷ୍ଟ ପାଖରେ ଦାବି ଜଣାଇଛି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ଗୋଷ୍ଠୀକନ୍ଦଳ ନିମନ୍ତେ ଆଠଗଡ଼ ଅଶାନ୍ତ ହେବାରେ ଲାଗିଥିବା ଜଣାଯାଇଛି।

## ବକ୍ସିଂ ଏକାଡେମୀ ତରଫରୁ ପ୍ରଶିକ୍ଷଣ ଶିବିର ଆରମ୍ଭ

**ପୁରୀ,୧୦।୫/ଏନ୍‌ଏନ୍‌ଏସ୍:** ପୁରୀ ବକ୍ସିଂ ଏକାଡେମୀ ତରଫରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସମସ୍ତ ଖେଳାଳିମାନେ ସିଦ୍ଧମହାବୀରଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ସେଠାରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରାରେ ଆସିଥିଲେ। ଏହାପରେ ଶିବିରକୁ ଆରମ୍ଭ କରାଯାଇଥିଲା ଓ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରବିଶଙ୍କର ପ୍ରତିହାରୀ, ହରିହର କର ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଯୋଗ ଦେବାପାଇଁ ଆଗ୍ରହୀ ଖେଳାଳି ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁଙ୍କୁ ଯୋଗାଯୋଗ କରି ଯୋଗଦେଇପାରିବେ।

## ସ୍ମୃତି ସାଉଁଟିଲେ ୧୯୭୧ ବ୍ୟାଚ୍‌ର ଛାତ୍ରଛାତ୍ରୀ

**କୁଷ୍ଟେଇ,କାକଟପୁର,ଅସ୍ତରଙ୍ଗ,୧୦।୫/ଏନ୍‌ଏନ୍‌ଏସ୍:** କାକଟପୁର ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ଶିକ୍ଷା ବର୍ଷର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ଭବ୍ୟ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୫ ବର୍ଷ ପରେ ପୁରୁଣା ବନ୍ଧୁମାନଙ୍କୁ ଭେଟି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଚ୍‌ର ସଦସ୍ୟ ଜମେଶ୍ୱର ଦୀକ୍ଷିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅବସରପ୍ରାପ୍ତ ବନ୍ଧୁମାନେ ନିଜ ନିଜର କର୍ମମୟ ଜୀବନର ଅନୁଭୂତି ବାଣ୍ଟିଥିଲେ। ପିଲାଦିନର ସ୍ମୃତି, ସ୍କୁଲ ବେଳର ଅନୁଭୂତି ଏବଂ ହଜିଯାଇଥିବା ସେହି ସୁବର୍ଣ୍ଣ ଦିନଗୁଡ଼ିକୁ ମନେ ପକାଇ ସମସ୍ତେ କିଛି ସମୟ ପାଇଁ ପୁଣି କୈଶୋରକୁ ଫେରିଯାଇଥିଲେ। ଏହି ଅବସରରେ ମୃତ୍ୟୁବରଣ କରିଥିବା ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାଶେଷରେ ଆଗାମୀ ଦିନରେ ସମାଜସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସର୍ବେଶ୍ୱର ଦୀକ୍ଷିତ, ପ୍ରମୋଦ ସେନାପତି, ଶରତ କୁମାର ସାହୁ, ବିଜୟ ପୃଷ୍ଟି, ରାଜକିଶୋର ଦାସ, ଅଭୟ ମହାନ୍ତି, ସୁବାସ କାନୁନ୍‌ଗୋ, ପ୍ରସନ୍ନ ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଓଡ଼ିଶାର ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ ଦାଶ ସମସ୍ତଙ୍କ ଉପସ୍ଥିତି ତଥା ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



## ରାମଚଣ୍ଡୀ ଥାନା ପକ୍ଷରୁ 'ଆମ ପୁଲିସ'

**କୋଣାର୍କ,୧୦।୫/ଏନ୍‌ଏନ୍‌ଏସ୍:** ରବିବାର ସନ୍ଧ୍ୟାରେ ରାମଚଣ୍ଡୀ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆମ ପୋଲିସ କାର୍ଯ୍ୟକ୍ରମରେ ବଣିଆସାହି, ବଡଗାଁ, ଇଟିଭୂୟା, ତରକୋର ସମେତ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ପୋଲିସ ଓ ଜନତା ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରକ୍ଷା କରି ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସହ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରି ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ସହିତ ଆଇନସେବା ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବଣିଆସାହି ସମେତ ବିଭିନ୍ନ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଓ ଲୋକପ୍ରତିନିଧି ମାନେ ଯୋଗଦାନ କରି ସେମାନଙ୍କର ସମାସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ରାମଚଣ୍ଡୀ ଥାନା ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ସବୁ ବର୍ଗର ଲୋକଙ୍କୁ ନ୍ୟାୟ ଓ ଆଇନ ସେବା ପ୍ରଦାନ ଦିଗରେ ରାମଚଣ୍ଡୀ ପୋଲିସ ନିରନ୍ତର କାର୍ଯ୍ୟ ଅବ୍ୟାହତ ଜାରି ରଖିବ ବୋଲି ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରକାଶ କରିଥିଲେ।



## ମଉଜପୁରରେ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍‌ର ତନାଘନା

**କଣ୍ଟାପଡ଼ା,୧୦।୫/ଏନ୍‌ଏନ୍‌ଏସ୍:** ଆଜି ଓଲଟପୁର ଥାନା ଅନ୍ତର୍ଗତ ମଉଜପୁର ଗ୍ରାମରେ କ୍ରାଇମବ୍ରାଞ୍ଚ ଡିଏସ୍‌ପିଙ୍କ ନେତୃତରେ ୮ଜଣିଆ ତଦନ୍ତକାରୀ ଟିମ୍ ମୃତ ସୌମ୍ୟରଂଜନଙ୍କ ପୈତ୍ରିକ ଘରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତାଙ୍କର ପିତା, ମାତା ଓ ଗ୍ରାମବାସୀଙ୍କଠାରୁ ବିଭିନ୍ନ ପ୍ରକାର ବୟାନକୁ ସଂଗ୍ରହ କରିଥିଲା। ବିଭିନ୍ନ ପ୍ରକାରର ବୟାନ ଓତଥ୍ୟକୁ ଆଧାର ତଦନ୍ତକୁ ବ୍ୟାପକ ଓ ସଠିକ ଦିଗରେ ଆଗେଇବାକୁ କ୍ରାଇମବ୍ରାଞ୍ଚ ପ୍ରାଣ ପଣେ ଚେଷ୍ଟା ଜାରିରଖିଛି। ତଦନ୍ତକୁ ସଠିକ୍ ଓ ତଥ୍ୟଭିତ୍ତିକ ପ୍ରକ୍ରିୟାରେ ଅଗ୍ରସର ହେବା ଓ ମୃତ ପରିବାର ଯେପରି ନ୍ୟାୟ ପାଇବାରେ ବଞ୍ଚିତ ନ ହେବ ସେଥିପାଇଁ ଓଲଟପୁର ପୋଲିସ ଓ କଟକ ଜିଲ୍ଲା ପୋଲିସ ପ୍ରଶାସନ ସବୁ ପ୍ରକାର ସହଯୋଗ ମଧ୍ୟ କରୁଥିବା ଦେଖିବାକୁ ମିଳିଛି। ଆଜି ମଧ୍ୟ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମୃତକଙ୍କ ଗ୍ରାମକୁ ଯାଇ ପରିବାରକୁ ଭେଟିବା ସହ ଓଲଟପୁର ଥାନାରେ ପହଞ୍ଚି ଭାରପ୍ରାପ୍ତ ଅଧିକାରୀ କାଦମ୍ବିନୀ ପରିଡାଙ୍କ ସହ ବିଭିନ୍ନ ଦିଗ ସଂପର୍କରେ ବିଚାରବିମର୍ଶ କରୁଥିବା ଜଣାଯାଇଛି। ସୂଚନାଥାଉ କି ଗତକାଲି ମୁଖ୍ୟମନ୍ତ୍ରୀ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

**ନିତି ଭାରତୀ**

ଘରଚଟିଆ ଚଢ଼େଇମାନଙ୍କୁ ଦେଖ, ସେମାନେ ପର ମୁହୂର୍ତ୍ତରେ କ'ଣ କରିବେ, ଜାଣନ୍ତି ନାହିଁ। ଠିକ୍ ସେମିତି ଆମକୁ ପ୍ରତି ମୁହୂର୍ତ୍ତରେ ସମୟର ଅନୁରୂପତା ଆବଶ୍ୟକ କାମ କରି ବଞ୍ଚିବାକୁ ହେବ। - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ସୋମବାର, ୧୧ ମେ' ୨୦୨୬

# ଖରାଦିନେ ଥଣ୍ଡା ରହିବାର ପାରମ୍ପରିକ ଉପାୟ



**ନିକୁଞ୍ଜ ବିହାରୀ ସାହୁ**

ଋତୁ ଚକ୍ରର ପଞ୍ଚ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନିରବତା, ଝିଙ୍କାରୀ କଣ୍ଠର ସକରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟା ବେଳକୁ ନଦୀ କୂଳର ମନଛୁଆଁ ପବନ। ବିଳମ୍ବିତ ରାତ୍ରି ପ୍ରହର ଯାଏଁ ଗାଁ ମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେ ବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ ପୂର୍ବର ସେ ମୃଦୁ ମଧୁର ଗ୍ରୀଷ୍ମ ଋତୁ ଏବେ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମ ଋତୁ। ପ୍ରାୟ ୪୫ ଡିଗ୍ରୀ ପାଖାପାଖିର ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ। ଝାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁନାହିଁ।

ଆମେ ଏଠାରେ ଆମ ଗାଁ ଗହଳିରେ ପ୍ରଚଳିତ ଖରାଦିନେ ଥଣ୍ଡା ରହିବାର କିଛି ସରଳ ଓ ପାରମ୍ପରିକ ପଦ୍ଧତି ଉପରେ ଆଲୋଚନା କରିବା: ୧) ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନାହିଁ। ସୁତରାଂ, ଏଭଳି ଘର ଖରାଦିନେ ବେଶ୍ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟ ପକ୍ଷରେ, ଟିଣ, ଆଜବେଷ୍ଟସ୍ କିମ୍ବା କଂକ୍ରିଟ୍‌ରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡ଼େ। ୨) ଘରର ମୁଖ୍ୟ ଛାତ ତଳେ ବାଉଁଶ ବତା, ମାଟି, କାଠ ପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ନକଲି ଛାତ (ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା ଅପେକ୍ଷାକୃତ ଥଣ୍ଡା ଜଣାପଡ଼େ। ୩) ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକାସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନସବୁ ଅଖାରେ ବୁଜିଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପ ରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚଳନ ପାଇଁ ପଙ୍ଖା ଚଳେଇବା ଉଚିତ। ୪) ଖଟ, ଗଦି, ମସିଣା, ବେଡ୍‌ସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ, ଖରାଦିନେ ଏସବୁର ବ୍ୟବହାର ନ କରି ସିଧାସଳଖ କିମ୍ବା ପତଳା କପଡ଼ା ପାରି ଭୂଇଁ ଉପରେ ଶୋଇଯିବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲାଗେ। ୫) ମାଟି



ପାତ୍ର, ଯେପରି ସୋରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟି ପାତ୍ରର ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲଟରରୁ ପରିଷ୍କୃତ ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ। ୬) ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ, ଯେପରି ପଖାଳ ଭାତ, କାକୁଡ଼ି, ତରଭୁଜ, ଦହିପାଣି, ତାଳସଜ ଇତ୍ୟାଦି ଖାଇବା ଉଚିତ। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁଁ ହିଁ ଶୀତଳତା ସୃଷ୍ଟି ହୁଏ। ୭) ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳିହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। ୮) ଚିକ୍କଣ ଧଳା ରଙ୍ଗ ମଳିନ କଳା ରଙ୍ଗ ତୁଳନାରେ କମ୍ ତାପ ଶୋଷଣ କରିଥାଏ। ସୁତରାଂ, ଖରାଦିନେ ରଙ୍ଗବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷାକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପ ରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ୍ ରଙ୍ଗ) ବୋଳିଦେବା ଉଚିତ। ୯) ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ। ୧୦) ଖରାଦିନେ ସକାଳେ ଥରେ ଗାଧୋଇବା ବ୍ୟତୀତ ସନ୍ଧ୍ୟାବେଳେ ଆଉ ଥରେ ନଦୀ କିମ୍ବା ଗଡ଼ିଆ ପାଣିରେ ଭଲକରି ବୁଡ଼ି ସ୍ନାନ କରିବା ଉଚିତ। ଜଳରେ କିଛି ସମୟ ବୁଡ଼ି ରହିଲେ ଶରୀରରୁ ତାପ ପରିବହନ ଜରିଆରେ ଜଳକୁ ସ୍ଥାନାନ୍ତରିତ ହୁଏ। ପୁଣି ଗାଧୋଇବା ଦ୍ୱାରା ଦିନବେଳେ ଦେହରେ ଜମିଥିବା ମଇଳା ଧୋଇ ହୋଇଯିବା ଦ୍ୱାରା ଶରୀରର ସ୍ୱେଦ ଗ୍ରନ୍ଥିସବୁ ଉନ୍ମୁକ୍ତ ହୋଇ ଯାଆନ୍ତି। ଫଳରେ ଶରୀରରୁ ଭଲ ଝାଳ ନିର୍ଗତ ହୁଏ, ଯାହା ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ଶୀତଳତା ସୃଷ୍ଟି କରେ। ଆହୁରି ମଧ୍ୟ ଗାଧୋଇ ସାରି ପଦାକୁ ଆସିଲେ ଦେହରେ ଜମିଥିବା ଜଳ ଦ୍ରୁତ ବାଷ୍ପୀଭବନ ହେବାରୁ ଶରୀରକୁ ବେଶ୍ ଶୀତଳ ଓ ଆରାମ ଜଣାପଡ଼େ। ୧୧) ଘର ଭିତରେ ପଶୁଥିବା ବିକିରିତ ତାପ ରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣା ଚେରରେ ତିଆରି ମସିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ୧୨) ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଂକ୍ରିଟ୍ ମଧ୍ୟରେ ଏହି ତରଙ୍ଗର ଗତି ବାସ୍ତବ ପକ୍ଷରେ ଅତି ମନ୍ଥର ହୋଇଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଂକ୍ରିଟ୍ ଛାତ ଭେଦ କରି ରାତି ସମୟରେ ହିଁ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତି ବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ ହେଲେ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ମୁକ୍ତ ଆକାଶ ତଳେ ଶୋଇଯିବା ବରଂ ଭଲ। ୧୩) ଗଛ ବିକିରିତ ତାପ ରଶ୍ମିକୁ ଶୋଷି ନେଉଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନ ସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ୍ , କୁଲର, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହେଉଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବ ପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ତାପ କାଢ଼ିନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ୍ ନିଜ ଭିତରୁ ତାପ କାଢ଼ିନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ, ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟି ଯାଇଛି। ସୁତରାଂ, ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରିଯିବାକୁ ପଡ଼ିବ।

**ଏଜୁକେସନ୍ ଅଫିସର**
**ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର**
**ଭୁବନେଶ୍ୱର, ମୋ: ୮୯୧୭୬୩୭୯୭୪**

# ତୋର-ମୋର ଭାବ



**ଅର୍ଜୁନ ଘଡ଼େଇ**

'ଭାବ'ର ଆଭିଧାନିକ ଅର୍ଥ ସ୍ଥିତି, ଉତ୍ପତ୍ତି (ଭୂ-ଅ), ସ୍ୱଭାବ, ଆତ୍ମା ଆଦି ମନୋବିକାରକୁ ସୂଚୀତ କରୁଥିଲେ ହେଁ ଆମେ ସାଧାରଣ ଲୋକେ ଏହାକୁ ସଂପର୍କ ବା ସମ୍ବନ୍ଧ ଭାବରେ ବ୍ୟବହାର କରିଥାଉ। ଆମ ଭାବନାରେ ଦୃଢ଼ ସମ୍ବନ୍ଧିତ ବ୍ୟକ୍ତି ବା 'ସତ୍ତା' ସହ ଆମେ ସଂପର୍କ ସ୍ଥାପନ କରିଥାଉ। ଆଧ୍ୟାତ୍ମବାଦୀମାନେ ସତ୍ତ୍ୱ ଗୁଣସଂପନ୍ନ ଭାବ ପ୍ରକଟ କରୁଥିବା ବେଳେ ସାଧାରଣ ମଣିଷ ମାତ୍ରାଧିକ ରଜ ଓ ତମ ଗୁଣସଂପନ୍ନ ଭାବ ପ୍ରକଟ କରିଥାନ୍ତି। ସେ ଦୃଷ୍ଟିରୁ ମଣିଷର ଭାବନାରେ ପ୍ରଭେଦ ଦେଖାଦିଏ। କୌଣସି ଈଶ୍ୱରୀୟ ସତ୍ତା ସହ ଐକାନ୍ତିକ ସଂପର୍କ ସ୍ଥାପନ ଏକ ମାନସିକ ପ୍ରବୃତ୍ତିର ପରିପ୍ରକାଶ। ସାମାଜିକ ଜୀବନରେ ଅନେକଙ୍କ ସହ 'ଭାବ' ସଂପର୍କ ସୃଷ୍ଟି କରି ସ୍ନେହ ବନ୍ଧନରେ ବାନ୍ଧି ହେବାର ମାନସିକତା ଅନେକଙ୍କର ଥାଏ। 'ଭାବ'ରୁ ସୃଷ୍ଟ ସାମାଜିକ ସଂପର୍କ ଆମ ଜୀବନର ଗତି ପଥକୁ ଚଳଚଞ୍ଚଳ କରେ। ନିଷ୍କପଟ 'ଭାବ'ରୁ ଆତ୍ମୀୟତା, ସୁଖ, ଶାନ୍ତି ପ୍ରାପ୍ତ ହୁଏ। ଆଜିର ସମାଜରେ ଏହି 'ଭାବ' ବା ସଂପର୍କର ରଜ୍ଜୁ ଏତେ ସଶକ୍ତ ହୋଇ ପାରୁନି। 'ତୋର-ମୋର' ଭାବ ମଧ୍ୟରେ ଅନେକ ବ୍ୟବଧାନ ଦୃଷ୍ଟିରୁ ସାମାଜିକ ସଂପର୍କ କ୍ଷତାକ୍ତ, ଅର୍ଥହୀନ ମନେ ହେଉଛି, ଯାହାକୁ ସାମାଜିକ ବିଡ଼ମ୍ବନା ଭାବେ ଗ୍ରହଣ କରାଯାଇ ପାରେ।

ଆଧ୍ୟାତ୍ମିକତା ଦୃଷ୍ଟିରୁ 'ଭାବକୁ ନିକଟ- ଅଭାବକୁ ଦୂର' ସାଧୁ, ସନ୍ଥଙ୍କ ମୁଖ ନିଃସୃତ ବାଣୀଟି ମୁଖ୍ୟତଃ ଈଶ୍ୱରୀୟ ସଂପର୍କ ସହ ସଂଶ୍ଳିଷ୍ଟ। ନିଷ୍କପଟ, ସମର୍ପିତ, ଐକାନ୍ତିକ ଭାବନାରେ ଈଶ୍ୱର ଭାବ ବା ପ୍ରେମରେ ବାନ୍ଧି ହେବାର ପ୍ରୟାସ ସବୁ ମଣିଷଙ୍କ ପକ୍ଷରେ ସମ୍ଭବ ହୁଏନି। ଏଠି ଭକ୍ତ-ଭଗବାନଙ୍କ ପରି 'ତୁ'-'ମୁଁ' ଅଲଗା ନୁହନ୍ତି, ବରଂ ଏକାତ୍ମ ଭାବରେ ଭାବ ବ୍ୟକ୍ତ କରି ନିବିଡ଼ ସଂପର୍କ ସ୍ଥାପନ କରିଥାନ୍ତି ମାନସିକ ସ୍ତରରେ। ଛନ୍ଦ, କପଟ, କିଛି 'ଦେବା-ପାଇବା'ର ମୋହ ଏହି 'ଭାବ'ରେ ନଥାଏ। ଜୀବନର ଶେଷ ବନ୍ଧୁଙ୍କୁ ଭାବରେ ବାନ୍ଧିରଖି ଆତ୍ମତୃପ୍ତି ପ୍ରାପ୍ତି ସହ ଜୀବନ ଦିବ୍ୟଗତି ପ୍ରାପ୍ତ ହୁଏ।

ସାମାଜିକ ଜୀବନରେ ଭାବ-ସଂପର୍କ-ସମ୍ବନ୍ଧ ପ୍ରତିଷ୍ଠା ବେଳେ ଆମେ ନିଜ ନିଜ ମନରେ ଏତେ ତ୍ୟାଗପୂତ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ନଥାଉ। ଆମ ଭିତରେ ଥିବା, ଅସୂୟା, ଅହଙ୍କାର, ସ୍ୱାର୍ଥପର ମାନସିକତା, ହୃଦୟର କେଉଁ ନିଭୃତ କୋଣରେ ବସା ବାନ୍ଧି ରହିଥାଏ। ତେଣୁ ଭାବ ବା ସଂପର୍କ ସୃଷ୍ଟି କରି ଆମେ ଯେଉଁ ସ୍ମୃତି ସୃଷ୍ଟି କରୁ, ତାହା ଦୀର୍ଘସ୍ଥାୟୀ ହୋଇ ନଥାଏ, ବିଭିନ୍ନ କାରଣ ବା ପରିସ୍ଥିତିରୁ, ଯେଉଁଥି ପାଇଁ ସାମାଜିକ ସଂପର୍କରେ ଫାଟ ବା ବିଭ୍ରାଟ ସୃଷ୍ଟି ହୁଏ।

ଆଲେଖ୍ୟଟିରେ ମୁଖ୍ୟତଃ ସାମାଜିକ ଜୀବନରେ 'ଭାବ'କୁ ନେଇ ସଂପର୍କ ବା ସମ୍ବନ୍ଧରେ ଯେପରି ବିଭ୍ରାଟ ସୃଷ୍ଟି ହେଉଛି, ତା'ର ଏକ କ୍ଷୁଦ୍ର କଳେବର ବିଶିଷ୍ଟ ଆଲୋଚନା ପାଇଁ ଦୃଷ୍ଟି ନିବଦ୍ଧ କରାଯାଇଛି। ଆମେ ଜାଣୁ ଯେ ବୈବାହିକ ସଂପର୍କ ସ୍ଥିର ହୋଇଥାଏ ସ୍ୱର୍ଗରେ; ମର୍ତ୍ତ୍ୟରେ ଏହା ଲୋକ ଦେଖାଣିଆ ସାମାଜିକ କର୍ତ୍ତବ୍ୟ ଭାବେ ସମାହିତ ହୁଏ। ଯଦି ସ୍ୱାମୀ-ସ୍ତ୍ରୀର ସଂପର୍କ ନୈସର୍ଗିକ, ଦୈବୀ-ବିଧାନ, ତେବେ ତାହା ଆଜିର ସମାଜରେ ଏତେ କ୍ଷତାକ୍ତ, ଯନ୍ତ୍ରଣା ପ୍ରଦାୟକ ହେଉଛି କାହିଁକି ? ଆମ ସାମାଜିକ ବ୍ୟବସ୍ଥା ଏତେ ଅବ୍ୟବସ୍ଥିତ ହୋଇ ପଡ଼ିଛି ଯେ ସତେ ଯେମିତି ଏଥିପାଇଁ କେହି ଉତ୍ତରଦାୟୀ ନୁହନ୍ତି ! ପତି-ପତ୍ନୀର ସଂପର୍କ କେବଳ ସାମାଜିକ ଆବଶ୍ୟକତାର ପୂରଣ ପାଇଁ, ସନ୍ତାନ ପ୍ରାପ୍ତି ବା ବଂଶ, କୁଳ ରକ୍ଷା ପାଇଁ ବା କାମନା-ବାସନାର ପରିତୃପ୍ତି ପାଇଁ- ଏହା ଆମ ବିଚାରଧାରା ହୋଇଛି। ବିବାହ ବନ୍ଧନକୁ ଆମେ ଓ ଆମର ଯୁବପିଢ଼ି ଗ୍ରହଣ କରି ନେଇଛନ୍ତି ଯେ ଏହି ସଂପର୍କ ସାତ ଜନ୍ମର ନୁହେଁ, ବରଂ ସାତ ଦିନର ପରି। ଏହି ସଂପର୍କର ସୃଷ୍ଟି ଯେ ଈଶ୍ୱରକଳ୍ପିତ, ଏହା ଆମ ବିଚାରବୋଧଠାରୁ ଦୂରରେ। ପତ୍ନୀ-ପତି ମଧ୍ୟରେ 'ଭାବ'ର ଆଦାନ ପ୍ରଦାନ କେବଳ 'ଦେବା-ନେବା', 'ପାଇବା-ନ ପାଇବା' ଭିତରେ ଗଢ଼ି ଉଠୁଥିବାରୁ ଏହି ସଂପର୍କ ସବୁ ସ୍ଥାନରେ ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ। ଏହା ଆମ ବସ୍ତୁବାଦୀ ଚିନ୍ତାଧାରା ଉପରେ ଆଧାରିତ ଏକ ଅସୁସ୍ଥ ମାନସିକତା। ଘାତ-ପ୍ରତିଘାତକୁ ଉଭୟେ ସାମ୍ନା କରି ସମସ୍ୟା ସମାଧାନର ରାସ୍ତା ନିର୍ଣ୍ଣୟ କରିବାରେ ସେମାନେ ଅସମର୍ଥ। ଯଦି ଏହି ବୈବାହିକ ଜୀବନର ନିର୍ଣ୍ଣୟ ଈଶ୍ୱର କଳ୍ପିତ ଭାବେ ବିଚାର କରାଯାଇ ପାରନ୍ତା, ତେବେ ହୁଏତ ପାରିବାରିକ ସମସ୍ୟା ସୃଷ୍ଟିରେ କିଛି କମ୍ ହୋଇ ପାରନ୍ତା। ଯୁବକଟିଏ ଜୀବନ ସାଥୀ ନିର୍ଣ୍ଣୟ କରିବା ବେଳେ କନ୍ୟାଟିର ବାହ୍ୟ ରୂପରେ ଯେତିକି ମୋହିତ ହେଉଛି, ତା'ର ଗୁଣ,ସଂସ୍କାର, ଚରିତ୍ର ଆଦିକୁ ବିଚାରକୁ ନେଉନାହିଁ। ସେହିପରି ସୁନ୍ଦରୀ ନାରୀଟିଏ ତା' ପାଇଁ ଯୋଗ୍ୟ ବର ସ୍ଥିର କରିବା ସମୟରେ ଯୁବକଟିର ରୂପ, ଧନ, ସଂପଦ, ରୋଜଗାର ପ୍ରତି ବେଶୀ ଆକର୍ଷିତ ହେଉଛି; ଚରିତ୍ର, ସଂସ୍କାର ପ୍ରତି ଦୃଷ୍ଟି ଦେଉନାହିଁ। ତେଣୁ ଆମ 'ସଂପର୍କ' ଭାବନାରେ ନୁହେଁ, କାମନାରେ ହିଁ ସୃଷ୍ଟି ହେଉଛି। ଗୋଟିଏ ଶରୀର ଅନ୍ୟ ଶରୀରଠାରୁ କିଛି ପାଇବାରେ ମୋହଗ୍ରସ୍ତ



ହେବା ପରେ ଏଥିରେ ବ୍ୟତିକ୍ରମ ସୃଷ୍ଟି ହେଲେ ବିଭ୍ରାଟ ସୃଷ୍ଟି ହେବା ଅବଶ୍ୟମ୍ଭାବୀ ହୋଇଥାଏ। ପତି-ପତ୍ନୀର ସଂପର୍କ ଦେହ ପାଇଁ ନୁହେଁ, ଦେହାତୀତ ପାଇଁ- ଏହା ଆମେ ବୁଝିବାରେ ଅସମର୍ଥ। ତେଣୁ ଆଜିର ସମୟରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଭାବ କପଟଶୂନ୍ୟ ନୁହେଁ, ବରଂ କାମନାସକ୍ତ, ଯେଉଁଥିପାଇଁ ବୈବାହିକ ଜୀବନ ଅଧିକାଂଶ କ୍ଷେତ୍ରରେ ଲକ୍ଷ୍ୟଭ୍ରଷ୍ଟ ହେଉଛି। ଏଠି ଆତ୍ମୀୟତା ଅପେକ୍ଷା ସ୍ୱାର୍ଥ ସିଦ୍ଧି ମାନସିକତା ଅଧିକ ପରିପୁଷ୍ଟ, ଯେଉଁଥି ପାଇଁ ବିବାହ ବିଚ୍ଛେଦ ପରି ସାମାଜିକ ବ୍ୟାଧିଗ୍ରସ୍ତ ଆଜିର ଯୁବପିଢ଼ି। ଭାବ-ବନ୍ଧୁ,ପ୍ରୀତି-ବନ୍ଧୁମାନଙ୍କ ସହ ସଂପର୍କ ପରି ପତି-ପତ୍ନୀ ମଧ୍ୟରେ ନିଷ୍କପଟ ପ୍ରେମ ବନ୍ଧନର ମାନସିକତା ନାହିଁ।

'ଭାବ'ର ବିପରୀତ ଶବ୍ଦ ଭାବେ 'ଅଭାବ' ବା ଅ-ଭାବକୁ ବିଚାରକୁ ନେଉଥିବା ବେଳେ ଏହା 'ଦାରିଦ୍ର୍ୟ'କୁ ସୂଚୀତ ନ କରି ସଂପର୍କର ଦୂରତ୍ୱକୁ ଦର୍ଶାଇ ଥାଏ। ତାହା ଜଣେ ସାଧାରଣ ମଣିଷର ଅନ୍ୟ ଜଣେ ମଣିଷ ସହ ସଂପର୍କର ହୋଇପାରେ। କିନ୍ତୁ ଜଣେ ଈଶ୍ୱର ଭାବନାରେ ସଂପର୍କିତ ବା ସମ୍ବନ୍ଧିତ, ଆଧ୍ୟାତ୍ମିକ ଚେତନାରେ ପରିପୁଷ୍ଟ ମଣିଷର 'ଭାବ' ସହ ସମତୁଲ ନୁହେଁ। ଏହା ସେତେବେଳେ ସଂପର୍କିତ ହେବ, ଯେତେବେଳେ ଜଣେ ସ୍ଥିର କରିନେବ ଯେ ପ୍ରତ୍ୟେକ ଆତ୍ମାରେ ସେଇ ଏକା ଈଶ୍ୱରଙ୍କ ସତ୍ତା ବିଦ୍ୟମାନ।

'ତୋର-ମୋର' ଭାବ ଚିର କାଳକୁ ଅତୁଟ ରହିବ,, ଯେତେବେଳେ ଭାବରେ କପଟତା, ସ୍ୱାର୍ଥପରତା, ଅହଙ୍କାର, ପରଶ୍ରୀକାତରତା ଆଦି ବିଲକ୍ଷଣ ରହିବ ନାହିଁ। ତାହା ସ୍ୱାମୀ-ସ୍ତ୍ରୀ କିମ୍ବା ଭକ୍ତ-ଭଗବାନଙ୍କ 'ଭାବ' ପରି ଶାରୀରିକ ନହୋଇ 'ନୈସର୍ଗିକ' ସଂପର୍କ ଭାବେ ପ୍ରତିଷ୍ଠା ହେବ। ଆଜିର ସମାଜରେ ପତି-ପତ୍ନୀଙ୍କ ମଧ୍ୟରେ ଏଇ 'ଭାବ'ର ଅଭାବ ହେତୁ ବୋଧହୁଏ ପତି-ପତ୍ନୀଙ୍କ ସାଂସାରିକ ଜୀବନରେ ଯେଉଁ ଝଡ଼ଝଞ୍ଜା ସୃଷ୍ଟି ହେଉଛି, ସେଥିରେ ବିରାମ ଘଟିବାର ସମ୍ଭାବନା ଦେଖା ଯାଉନାହିଁ। ବସ୍ତୁବାଦୀ ସଭ୍ୟତାର ମୋହ ତ୍ୟାଗ କରି ଆଧ୍ୟାତ୍ମିକ ଭାବନାରେ ଉଦ୍‌ବୁଦ୍ଧ ହୋଇ ପତି-ପତ୍ନୀଙ୍କ ମଧ୍ୟରେ ସଦ୍‌ଭାବ ପ୍ରତିଷ୍ଠା ହେଲେ ସାମାଜିକ ସମସ୍ୟା ଅନେକ ପରିମାଣରେ କମିଯିବ- ଏହା ନିଃସନ୍ଦେହ। ପ୍ରେମ ବା ଭାବରେ ଆତ୍ମୀୟତା ଯେତେ ନିବିଡ଼, କପଟଶୂନ୍ୟ ହେବ, ସାମାଜିକ ବା ମାନସିକ ସଂପର୍କ ସେତେ ସୁଦୃଢ଼ ହେବ। 'ତୋର-ମୋର' ଭାବ ସେତେବେଳେ ଚିର କାଳ ପାଇଁ ସୁଦୃଢ଼ ହେବ, ଯେତେବେଳେ ଏହା ଆଧ୍ୟାତ୍ମିକ ଭାବନାରେ ସୃଷ୍ଟି ହୋଇ ସମସ୍ତ ବାଧାବିଘ୍ନକୁ ଗୋଟିଏ ହାତରେ ଏକାକାର ଭାବେ ସମାଧାନ କରି ପାରିବ। ସଂପର୍କର ସେତୁବନ୍ଧ ପ୍ରତିଷ୍ଠାରେ ବାଲି କିମ୍ବା ପଥର- ଯାହା ବି ବ୍ୟବହୃତ ହେଉ, ଯଦି ତାହା ଦୃଢ଼ ବିଶ୍ୱାସ, ଅନାବିଳ ସ୍ନେହ, ନିଷ୍କପଟ ଭାବ ଉପରେ ଗଢ଼ି ଉଠିଥିବ, ତାହା ଚିର କାଳ ତିଷ୍ଠି ରହିବ, ଏହା ନିଃସନ୍ଦେହ।

**ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ**
**ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ**
**ମୋ: ୯୪୩୮୦୪୮୬୧୫**

**ସମ୍ପାଦକଙ୍କୁ ପତ୍ର**

# ପରିବେଶ ପ୍ରତି ପେଭର ବ୍ଲକ୍‌ର ବିପଦ

ଏବେ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସହରରେ ରାସ୍ତାର ଉଭୟ ପଟରେ ଥିବା ଫୁଟପାଥ୍ ଓ ଅନ୍ୟ ଖାଲି ସ୍ଥାନରୁ ଘାସ ହଟାଇ ବା ସେଠାରେ ପୂର୍ବରୁ ଥିବା ଛୋଟ ବଡ଼ ଗଛ କଟାଯାଇ ସେସବୁ ଜାଗାକୁ ପେଭର ବ୍ଲକ୍‌ରେ ଆବୃତ କରାଯାଇ ସମତଳ କରା ଯାଉଅଛି। ମାଟି କାଢ଼ି ପେଭର ବ୍ଲକ୍ ପକାଇବା ଦ୍ୱାରା ସବୁଜିମା ନଷ୍ଟ ହେଉଛି। ସହର ଘାସମୁକ୍ତ ହେଉଛି। ମାଟି କ୍ରମଶଃ ଅଦୃଶ୍ୟ ହେବାରେ ଲାଗିଛି। ସହରାଞ୍ଚଳ କଂକ୍ରିଟ ଜଙ୍ଗଲରେ ରୂପାନ୍ତରିତ ହେଉଛି। ଏହା ତାପମାତ୍ରା ବୃଦ୍ଧିର କାରଣ ହେଉଛି। ଭୂତଳ ଜଳ ସ୍ତର ଧୀରେ ଧୀରେ କମିବାରେ ଲାଗିଛି। ପେଭର ବ୍ଲକ୍‌ର ମଝିରେ ଥିବା ସୂକ୍ଷ୍ମ ଫାଙ୍କ ଦେଇ ଜଳ ମୃତ୍ତିକାକୁ ପ୍ରବେଶ କରି ଭୂତଳକୁ ଯିବ ବୋଲି କୁହାଯାଉଥିଲେ ହେଁ ପରିବେଶବିତ୍ ଓ ସହରାଞ୍ଚଳ ଉନ୍ନୟନ ସହ ସଂଶ୍ଳିଷ୍ଟ ଥିବା ଅଭିଜ୍ଞ ଯୋଜନା ପ୍ରଣୟନକାରୀଙ୍କ ମତରେ, ଏହି ଚିନ୍ତାଧାରା ଯଥାର୍ଥ ନୁହେଁ। ପେଭର ବ୍ଲକ୍ ଆଚ୍ଛାଦିତ ଅଞ୍ଚଳର ତାପମାତ୍ରା ଘାସ, ଗଛଲତାରେ ପୂର୍ଣ ଅଞ୍ଚଳର ତାପମାତ୍ରାଠାରୁ ପ୍ରାୟ ୩ରୁ ୫ ଡିଗ୍ରୀ ଅଧିକ ଉତ୍ତପ୍ତ ରହୁଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ପରିବେଶବିତ୍‌ଙ୍କ କହିବା କଥା, ପେଭର ବ୍ଲକ୍ ବସେଇବା ପୂର୍ବରୁ ବିଏମ୍‌ସି ଭୁବନେଶ୍ୱରର 'ହିଟ୍ ଇଣ୍ଡେକ୍ସ'କୁ ବିଚାରକୁ ନେବା ଉଚିତ। ବିଏମ୍‌ସି ଓ ଓସ୍‌ଡମା (ଓଏସ୍‌ଡିଏମ୍‌ଏ) ଦ୍ୱାରା ପ୍ରସ୍ତୁତ 'ହିଟ୍ ଇଣ୍ଡେକ୍ସ' ରିପୋର୍ଟ ଅନୁଯାୟୀ ରାଜଧାନୀର ଅନ୍ୟୁନ ଦୁଇ ଡଜନରୁ ଅଧିକ ୱାର୍ଡରେ ତାପମାତ୍ରା (ହିଟୱେଭ୍) ଅତ୍ୟନ୍ତ ଗମ୍ଭୀର। ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନଜନିତ କାରଣରୁ ବର୍ଷର ଅଧିକାଂଶ ସମୟ ଏବେ ଅସହ୍ୟ ଗରମ। ଛଅ ଋତୁ ମଧ୍ୟରୁ ବର୍ଷା ଓ ଶୀତ କ୍ରମଶଃ ଅପସୃୟମାଣ। ତେଣୁ ବର୍ଷ ସାରା ଗ୍ରୀଷ୍ମର ରାଜୁତି। ସହରଗୁଡ଼ିକର ଅବସ୍ଥା ସଙ୍ଗୀନ୍। ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ନଏଡାରେ ପେଭର ବ୍ଲକ୍ ପକାଇବାକୁ ବନ୍ଦ କରି ବ୍ୟାପକ ବୃକ୍ଷ ରୋପଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀର ରାଜରାସ୍ତାରୁ ପେଭର ବ୍ଲକ୍ ହଟାଯାଇ ସେହି ସ୍ଥାନରେ ଗଛ ଲଗାଇବା କାମ ଆରମ୍ଭ ହୋଇଛି, ଯଦ୍ଦ୍ୱାରା କି ବର୍ଷା ଜଳ ଅକ୍ଳେଶରେ ଭୂତଳକୁ ଯାଇ ଜଳସ୍ତର ବୃଦ୍ଧି କରି ପାରିବ। ଏସବୁ ଦୃଷ୍ଟିରୁ ଓଡ଼ିଶାର ସହରାଞ୍ଚଳ ରାସ୍ତାରେ ପେଭର ବ୍ଲକ୍ ବିଛେଇବା ପୂର୍ବରୁ ପରିବେଶବିତ୍‌ଙ୍କ ସହ ପରାମର୍ଶ କରାଯିବା ଉଚିତ୍। ସୁନ୍ଦରତା ଭଲ, ତେବେ ଯେଉଁ ସୌନ୍ଦର୍ଯ୍ୟ ପରିବେଶ ଅନୁକୂଳ ନୁହେଁ ଓ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରେ, ତାହା ସର୍ବଦା ପରିତ୍ୟଜ୍ୟ।

**ପ୍ରତାପ ନାୟକ,**
**କଳିଙ୍ଗ ବିହାର, ଭୁବନେଶ୍ୱର**

# ଶାନ୍ତି ହିଁ ଏକମାତ୍ର ପନ୍ଥା

ଆମେରିକା-ଇରାନ୍ ଯୁଦ୍ଧ- କିଛି କୁଆଡୁ ଆଭାସ ନଥାଇ ହଠାତ୍ ଆକାଶରେ ମେଘ ଘୋଟି ଆସିବା, ଝଡ଼ ତୋଫାନ ମାଡ଼ି ଆସିବା ଭଳି ଆରମ୍ଭ ହୋଇଗଲା। ସମଗ୍ର ବିଶ୍ୱ ଆଜିଯାଏଁ ଏହାର ପରିଣତି ଭୋଗ କରୁଛି। ଏହା ହେଉଛି ଏମିତି ଏକ ଯୁଦ୍ଧ, ଯାହାକୁ ଯୁକ୍ତରାଷ୍ଟ୍ର ଆମେରିକା ଜିତି ପାରିବ ନାହିଁ। ଇରାନ୍ ମଧ୍ୟ ଯଦି ଆମେରିକା ସହିତ ଆଖିରେ ଆଖି ମିଶାଇ ଯୁଦ୍ଧ କରି ଚାଲେ, ଏଇ ଧାରଣାଟିଏ ମନରେ ନେଇ ଯେ ଏହା ଯୁଦ୍ଧକୁ ଆଜି ପର୍ଯ୍ୟନ୍ତ ମୁକାବିଲା କରି ଆସିଛି ଏବଂ ବୁଝାମଣା କରିବା ପାଇଁ ଟେବୁଲକୁ ଗୁରୁତ୍ୱର ସହିତ ଆସିବ ନାହିଁ, କାରଣ ଏହା ଡ୍ରୋନ୍‌ଗୁଡ଼ିକ ଜରିଆରେ ସମାନ୍ତରାଳ ଯୁଦ୍ଧ କରି ଏହାର ଆକ୍ରମଣକାରୀଙ୍କୁ ପ୍ରତିହତ କରି ପାରିଛି, ତା'ହେଲେ ଏହା ନିଜ ଦେଶର ଅଧିକାଂଶ ଭିତ୍ତିଭୂମିକୁ ସ୍ଥାୟୀ କ୍ଷୟକ୍ଷତିରୁ ରକ୍ଷା କରି ପାରିବ ନାହିଁ। ଏପ୍ରିଲ ୮ ତାରିଖଠାରୁ ଆରମ୍ଭ ହୋଇଥିବା ଦୀର୍ଘକାଳୀନ ଯୁଦ୍ଧ ବିରତିକୁ ଇରାନୀୟମାନେ ଭଙ୍ଗ କରିଛନ୍ତି ଗତ ସପ୍ତାହରେ ୟୁଏଇର ଫୁଜାଇରା ତୈଳ ଭଣ୍ଡାର ଉପରେ ଏକାଧିକ ଥର ଆକ୍ରମଣ କରି ଏବଂ ତା' ପରେ ଆମେରିକା ଏହାର ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିଛି, ଗୁରୁବାର ଦିନ ଏହାର ଯୁଦ୍ଧ ଜାହାଜ ଉପରକୁ ଡ୍ରୋନ୍ ଦ୍ୱାରା ଲକ୍ଷ୍ୟ ସାଧନ କରିଛି ବୋଲି ଅଭିଯୋଗ ଉଠାଇ। ଏହା କ୍ୱେଷମ୍ ଦ୍ୱୀପପୁଞ୍ଜ, ବନ୍ଦର ଆବ୍‌ବାସ, ହର୍ମୁଜ୍ ପ୍ରଣାଳୀର ଜାହାଜ କେନ୍ଦ୍ର ଏବଂ ତେହେରାନ୍ ଉପରେ ମଧ୍ୟ ଆମେରିକା ଦ୍ୱାରା ସର୍ବାଧିକ ଗୁରୁତର ଆକ୍ରମଣକୁ ଆମନ୍ତ୍ରଣ କରିଥିବା ମନେ ହେଉଛି, ଯାହାକୁ ଆମେରିକା ନୌବାହିନୀ ଉପରେ ଆକ୍ରମଣ କରିବା ନିମନ୍ତେ ଇରାନୀୟ ସାମରିକ ସୁବିଧାଗୁଡ଼ିକ ଉପରେ ଆକ୍ରମଣର ପରିଣତିର ଫଳ ବୋଲି ଇରାନ୍ ଦାବି କରୁଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶତ୍ରୁତାର ସଦ୍ୟତମ ଘଟଣାଗୁଡ଼ିକୁ ମହତ୍ତ୍ୱ ନଦେଇ, ଏମିତିକି ପାରସ୍ୟ ଉପସାଗର ଉପରେ ଡ୍ରୋନ୍‌ଗୁଡ଼ିକୁ ଇଣ୍ଟରସେପ୍ଟ କରାଯିବାକୁ ପ୍ରଜାପତିଗୁଡ଼ିକ ଆକାଶରୁ ଖସିପଡ଼ି ମୃତ୍ୟୁବରଣ କରିବା ସହିତ ତୁଳନା କରିବା ଭଳି କଥା କହି ନଥାନ୍ତେ, ତା'ହେଲେ ଏହି କ୍ଷଣଭଙ୍ଗୁର ଯୁଦ୍ଧ ବିରତି ହୁଏତ ବିପଜ୍ଜନକ ଭାବରେ ଭୁଶୁଡ଼ି ପଡ଼ିବାର ସ୍ଥିତିକୁ ଆସି ଯାଇଥାନ୍ତା। ସେ ଯାହାହେଉ, ସମାନ ସ୍ୱରରେ ସେ ମଧ୍ୟ ତାଙ୍କର ନିୟମିତ ବୋମ୍ବାଷ୍ଟିକ୍ ଶୈଳୀରେ ଧମକ ଦେଇଛନ୍ତି ଯେ ଇରାନୀୟମାନେ ଯଦି ସ୍ଥାୟୀ ଶାନ୍ତି ଚୁକ୍ତିରେ ଦସ୍ତଖତ ନ କରନ୍ତି, ତେବେ ସେ ଆହୁରି ଅଧିକ ଆକ୍ରମଣ ପାଇଁ ଆଦେଶ ଦେବେ। ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଥିବା ଯେ କୌଣସି ବ୍ୟକ୍ତି କଦାଚିତ୍ ଏମିତି ଶବ୍ଦମାନ ଉଚ୍ଚାରଣ କରିବା ଆଶା କରାଯାଏ, କିନ୍ତୁ ଯାହାହେଲେ ବି ଟ୍ରମ୍ପ୍ ତ ଟ୍ରମ୍ପ୍। ତେଣୁ ତାଙ୍କ ମୁହଁରୁ ଏପରି ବାହାରିବାରେ କିଛି ବିଚିତ୍ରତା ନାହିଁ।

ଏହି ଶାନ୍ତି ଚୁକ୍ତିକୁ ଯଦି ସଂକ୍ଷିପ୍ତ କରାଯାଏ, ତା'ହେଲେ ତା'ର ରୂପରେଖକୁ ଗୋଟିଏ ପୃଷ୍ଠାର କାଗଜରେ ମଧ୍ୟ ଉଲ୍ଲେଖ କରାଯାଇପାରେ। ଏହା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ହିଁ ପୁଣିଥରେ ଆମେରିକା-ଇରାନ୍ ଯୁଦ୍ଧ ବିରତି ଭଙ୍ଗ ହେବା ଭଳି ପରିସ୍ଥିତି ଉପୁଜିଛି। ନିଃସର୍ତ୍ତ ଆତ୍ମସମର୍ପଣ, ଶାସକ ପରିବର୍ତ୍ତନ, ସମୃଦ୍ଧ ଆଣବିକ ଉପାଦାନଗୁଡ଼ିକୁ ପ୍ରଦାନ କରି ଅଣୁଅସ୍ତ୍ର ପ୍ରସ୍ତୁତ କରିବାର ମହତ୍ତ୍ୱାକାଂକ୍ଷାକୁ ପରିତ୍ୟାଗ କରିବା ଭଳି ମୂଳ ଲକ୍ଷ୍ୟଗୁଡ଼ିକୁ ପଛକୁ ଫିଙ୍ଗି ଦିଆଯାଇଛି ବା ପୋତି ଦିଆଯାଇଛି, କାରଣ ସଦ୍ୟ ସାମରିକ ବିଜୟଜନିତ ଗୌରବରେ ଉତ୍‌ଫୁଲ୍ଲିତ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତାଙ୍କ ସହିତ ବଗିଚାରେ ବିଚରଣ କରିବା ବେଳେ କରିଥିବା ଆଲୋଚନା ପରେ ଅବିଚାରିତ ଭାବରେ ଶ୍ରୀଯୁକ୍ତ ଟ୍ରମ୍ପ୍ ଯେଉଁ ଯୁଦ୍ଧ ଆରମ୍ଭ କରିଥିଲେ, ଏବେ ଯଥାଶୀଘ୍ର ସେ ତାହାର ପରିସମାପ୍ତି ଚାହାନ୍ତି। ଏହି ଯୁଦ୍ଧ ଯେଉଁ ସର୍ବବୃହତ୍ ଶିକ୍ଷାଟି ପ୍ରଦାନ କରିଛି, ତାହା ହେଉଛି- ଆଧୁନିକ ସମୟର ଯେ କୌଣସି ଯୁଦ୍ଧ ଦ୍ୱିତୀୟ ବିଶ୍ୱଯୁଦ୍ଧର ରଣାଙ୍ଗନଠାରୁ ଢେର୍ ଭିନ୍ନ। ଯେତେବେଳେ ୨ ହଜାର ଆମେରିକୀୟ ଡଲାର ବିନିମୟରେ ଗୋଟିଏ ଡ୍ରୋନ୍, ଯାହାକୁ ବାସ୍ତବରେ ଯେ କୌଣସି ଖେଳନା ଦୋକାନରୁ କିଣାଯାଇ ପାରିବ, ତାହା ନିୟୁତ ନିୟୁତ ଡଲାର ବ୍ୟୟ କରାଯାଇ ତିଆରି କରାଯାଇଥିବା ଏକ ମିସାଇଲ ବ୍ୟବସ୍ଥା ପ୍ରତି କ୍ଷତି ପହଞ୍ଚାଇ ଆତ୍ମରକ୍ଷା କରାଇ ପାରିବ, ସେ ସମୟରେ ଆକାଶ ମାର୍ଗରେ ଯୁଦ୍ଧ ବିମାନ ଏବଂ ବୋମାବର୍ଷୀ ବିମାନଗୁଡ଼ିକ ଭଳି ସାମରିକ ଶକ୍ତିର ଆଧିକ୍ୟ ପ୍ରଦର୍ଶନ କରିବାର କ୍ୱଚିତ୍ କିଛି ମହତ୍ତ୍ୱ ରହିଛି। ଆଉ ଯେତେବେଳେ ଇରାନ୍‌ର ଶସ୍ତା ଅଥଚ ଆକ୍ରମଣାତ୍ମକ ମିସାଇଲ୍ ଏବଂ ଡ୍ରୋନ୍ ଭଳି ସମ୍ବଳଗୁଡ଼ିକ ଟନେଲ୍ ଏବଂ ବଙ୍କରଗୁଡ଼ିକ ଭିତରେ ଏମିତି ସବୁ ଅସ୍ତ୍ରାଗାରରେ ରଖାଯାଇଛି ଯେ ତାକୁ ସହଜରେ ନିରୂପଣ କରାଯାଇ ପାରିବ ନାହିଁ, ସେତେବେଳେ ଆକ୍ରମଣକାରୀ ଆକାଶ ମାର୍ଗରୁ ସେସବୁର କଦାଚିତ୍ କିଛି କ୍ଷତି କରି ପାରିବ।

ଆମେରିକା-ଇରାନ୍ ଯୁଦ୍ଧର ପ୍ରକୃତ କଥା ହେଉଛି ଯେ ଦୁଇ ପ୍ରମୁଖ ଆକ୍ରମଣକାରୀ ବର୍ତ୍ତମାନ ସବୁଠୁ ଅଧିକ ଯାହା ଚାହାନ୍ତି, ତାହା ହେଉଛି ଶାନ୍ତି ଏବଂ ଏଥିପାଇଁ ଆମେରିକା ଲେବାନନ୍‌ରେ ଇସ୍ରାଏଲ ଚଳାଇ ଥିବା ନରସଂହାର ଉପରେ ଲଗାମ୍ କଷିବାର ଆବଶ୍ୟକତା ରହିଛି। ସଦ୍ୟତମ ସମ୍ବାଦ ମୁତାବକ, ଚଳିତ ସପ୍ତାହରେ ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ଆଲୋଚନା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଯେତେ ଶୀଘ୍ର ଏହି ଆଲୋଚନା ହେବ, ସେତେ ଶୀଘ୍ର ହର୍ମୁଜ୍ ପ୍ରଣାଳୀର ଉଭୟ ଦିଗରେ ଜାହାଜ ଚଳାଚଳ ସ୍ୱାଭାବିକ ହେବା ସହିତ ସମଗ୍ର ବିଶ୍ୱ ପାଇଁ ଯୋଗାଣ ଶୃଙ୍ଖଳରେ ଉପୁଜି ଥିବା ବ୍ୟାଘାତର ସମାଧାନ ହୋଇ ପାରିବ। ଆଉ ତଥାକଥିତ ମୁକ୍ତ ବିଶ୍ୱର ନେତା ବୋଲାଉ ଥିବା ଆମେରିକା ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ ପୂର୍ବର ସ୍ଥିତାବସ୍ଥାର ପୁନରୁଦ୍ଧାର କରିବା ପାଇଁ ନିହାତି କମ୍‌ରେ ଉଦ୍ୟମ କରିବେ, ଯାହା ଯୁଦ୍ଧ ଆରମ୍ଭ ହୋଇଥିବା ଫେବୃଆରୀ ୨୮ ତାରିଖ ପୂର୍ବର ସ୍ଥିତିକୁ ଫେରିବା ଅତ୍ୟାବଶ୍ୟକ। ଏହି ପ୍ରଣାଳୀ ଏକ ମୂଳଚାଳର ଲକ୍ଷ୍ୟ ହେବା ଏକ ଦୁଃଖଦ କଥା, କାରଣ ଏହାର ପରିଣତି ସମଗ୍ର ବିଶ୍ୱ ପାଇଁ ହାନିକାରକ ହେବା ସାବ୍ୟସ୍ତ ହୋଇ ସାରିଛି। ଆଶା କରାଯାଇପାରେ ଯେ ଆଗାମୀ ୩୦ ଦିନ ମଧ୍ୟରେ ବୁଝାମଣା ଆରମ୍ଭ ହେବ। ସମଗ୍ର ବିଶ୍ୱ ବର୍ତ୍ତମାନ ଏହି ପାରସ୍ୟ ଦ୍ୱନ୍ଦ୍ୱର ଅବସାନ ଚାହୁଁଛି।

# ସମସ୍ୟାରୁ ମୁକ୍ତ ମଣିଷ

ବନ୍ଧୁବାନ୍ଧବ, ଭୋଜି, ତୀର୍ଥ କୁଆଡ଼େ ଗଲେ ବି ସମସ୍ୟା ଆମ ପିଛା ଛାଡ଼ି ନଥାଏ। ଛାଇ ପରି ପଛେ ପଛେ ଗୋଡ଼ାଇ ଥାଏ। ଅଧିକାଂଶ ସମସ୍ୟା ଥାଏ ଫୋନ୍‌ରେ। କେବେ ଘରୁ ତ କେବେ ସ୍ୱାମୀ ବା ସ୍ତ୍ରୀଙ୍କର ଫୋନ୍। କେବେ କାର୍ଯ୍ୟାଳୟରୁ ବି ଫୋନ୍ ଆସିଥାଏ। ଆମେ ଯେତେ ନିରବ, ନିଶ୍ଚଳ ହେବାକୁ ଚାହିଁଲେ ବି ଫୋନ୍ ଦ୍ୱାରା ବିଚଳିତ ହୋଇଯାଉ।

ସେଦିନ ନିର୍ମଳବାବୁ ତୀର୍ଥଯାତ୍ରାରେ ଗଲେ। ଘରେ ପତ୍ନୀ, ପିଲାଙ୍କୁ ଛାଡ଼ିଦେଲେ। ସୁରୁଖୁରୁରେ ତୀର୍ଥସ୍ଥଳୀରେ ମଧ୍ୟ ପହଞ୍ଚିଲେ। ଅନ୍ୟମାନେ ଆନନ୍ଦ ନେଉଥିବା ବେଳେ ନିର୍ମଳବାବୁ ଫୋନ୍‌ରେ ବ୍ୟସ୍ତ ରହୁଥିଲେ। କେଉଁ ଫୋନ୍ କାର୍ଯ୍ୟାଳୟର ଥିଲା ତ କେଉଁ ଫୋନ୍‌ରେ କେହି ସାହାଯ୍ୟ ମାଗୁଥିଲେ। ଆଉ କିଏ ଖୁସିରେ କଥା ହେବା ପାଇଁ ଫୋନ୍ କରିଥଲେ। ଏମିତିକି ଖାଇବା ପିଇବା ସମୟରେ ମଧ୍ୟ ଫୋନ୍ ଅସ୍ତବ୍ୟସ୍ତ କରୁଥିଲା। ନିର୍ମଳବାବୁ କହିଲେ- 'ଫୋନ୍ ପାଇଁ ମୁଁ ଭାରି ହଇରାଣ ହେଉଛି। ଅଫିସ୍‌ର କାମ ଚାଲିଛି। ମୁଁ ନ ବୁଝିଲେ କିଛି ହେବନାହିଁ। ଆଉ ଆଜିକାଲି ଫୋନରେ ଅଫିସ୍ କାମ କରିବାକୁ ହେଉଛି।'



ପଦାରବିନ୍ଦ

ନିର୍ମଳବାବୁଙ୍କ ଏ କଥାରେ ସନ୍ଥ କହିଲେ- 'ଜଣେ ଘର ଛପର କରିବାକୁ ବାଉଁଶଟିଏ ହାଣିବାକୁ ବୁଦାକୁ ଗଲେ। ବଡ଼ ଏବଂ ସରଳ ବାଉଁଶଟିଏ ହାଣିଦେଲେ। କିନ୍ତୁ ବୁଦା ଭିତରୁ ବାହାର କରିବା ଭାରି କଷ୍ଟ ହେଲା। କାରଣ ବାଉଁଶର କଣିସବୁ ଅନ୍ୟ ବାଉଁଶ ସହିତ ଛନ୍ଦି ହୋଇ ଥିଲା। ବହୁତ ଟାଣିଲା ପରେ ମଧ୍ୟ ଲୋକଟି ଥକିଗଲା। ଅନ୍ୟ ଜଣେ ବଳୁଆ ଲୋକର ସାହାଯ୍ୟ ନେଲା। ହେଲେ ବଳୁଆ ଲୋକଟି ବାଉଁଶକୁ ଟାଣିବାକୁ ବାହାରିଲା ବେଳେ ଲୋକଟି ବାଉଁଶର କଣିମାନଙ୍କୁ ଅନ୍ୟ ବାଉଁଶର କଣି ସହିତ ଛନ୍ଦିଦେଲା। ହଣା ହୋଇଥିବା ବାଉଁଶ ମୂଳରେ ଗୋଟିଏ ଓଜନିଆ ପଥର ବାନ୍ଧିଦେଲା। ଫଳରେ ଯେତେ ଝିଙ୍କିଲେ ମଧ୍ୟ ବାଉଁଶ ବାହାରିଲା ନାହିଁ।

'ଠିକ୍ ଏହି ବାଉଁଶ କଣି ଛନ୍ଦାଛନ୍ଦି ହେଲା ଭଳି ଆମ ଜୀବନର ଦଶା। ନାନାଦି ସମସ୍ୟାରେ ଆମେ ଛନ୍ଦି ହୋଇଛେ। ସମସ୍ୟାରୁ ମୁକୁଳିବାକୁ ତୀର୍ଥ ବ୍ରତକୁ ଯାଉ। ସେଠାରେ ଆରାମ୍ ପାଇବାକୁ ଚେଷ୍ଟାକରୁ। ହେଲେ ବାଉଁଶ ମୂଳରେ ପଥର ବାନ୍ଧିଲା ଭଳି ଓ କଣିକୁ ଛନ୍ଦିଦେଲା ଭଳି ଆମେ ସମସ୍ୟାରେ ଛନ୍ଦି ହୋଇଯାଉ। ଘର, ଅନୁଷ୍ଠାନଠାରୁ ସିନା ଦୂରେଇ ଯାଉ, ମାତ୍ର ମୋବାଇଲ୍ ସହିତ ସମସ୍ୟାକୁ ନେଇଥାଉ। ଯେତେ ସମସ୍ୟା ମୁକ୍ତ ହେବାକୁ ଚେଷ୍ଟା କଲେ ବି ପାରୁନା। ନିଜକୁ ଥରେ ସମସ୍ୟାମୁକ୍ତ ମଣିଷ ଭାବିଲେ ଆଗକୁ ବଢ଼ି ପାରନ୍ତେ। ସମସ୍ୟା ଦୂରେଇ ଯାଆନ୍ତା। ଆମେ କେବେ ବି ଭାବି ନଥିବା- ମୁଁ ଜଣେ ସମସ୍ୟାମୁକ୍ତ ମଣିଷ ବୋଲି। ବରଂ ସମସ୍ୟାକୁ ନେଇ ବଞ୍ଚିବାରେ ଆମେ ପରୋକ୍ଷରେ ଆନନ୍ଦ ପାଉଛୁ। ସମସ୍ୟାକୁ ସାମ୍ନା କରୁଛୁ ବୋଲି ଗର୍ବ ବି କରୁଛୁ। ତେଣୁ ବାସ ଛାଡ଼ି ବନରେ ରହିଲେ ବି ସମସ୍ୟା ପାଖରେ ଥାଏ।'

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ବେଆଇନ୍ ଗଛକଟାକୁ ଗ୍ରାମବାସୀଙ୍କ ବିରୋଧ



**ଟିଟିଲାଗଡ଼,୧୦।୫/ଏନ୍ଏନ୍ଏସ୍:** ଟିଟିଲାଗଡ ବ୍ଲକ ମନିଗାଁ ପଞ୍ଚାୟତ ନାନାଝର ଗ୍ରାମରେ ଗୋଚର ଜମିରୁ ବେଆଇନ ଗଛକଟାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ପ୍ରସ୍ତାବିତ ଗୋଶାଳା ନିର୍ମାଣ ପାଇଁ ନାନାଝର ଗ୍ରାମର ଦ୍ୱାରସ୍ନେହୀ ମନ୍ଦିର ନିକଟରେ ୧୦ ଏକର ଜମି ଚିହ୍ନଟ କରାଯାଇଥିଲା। ମାତ୍ର କୌଣସି ଗ୍ରାମସଭା ନକରି ୩ ଦିନ ପୂର୍ବେ ପୌର ପ୍ରଶାସନ ଜେସିବି ସାହାଯ୍ୟରେ ଉକ୍ତ ସ୍ଥାନରେ ଥିବା ବହୁ ପୁରାତନ ବୃକ୍ଷ ଗୁଡ଼ିକୁ ମୂଳରୁ ଓପାଡ଼ି ଦେବା ସହ କେତେକ ଗଛକୁ ଅଧାରୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାର ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗଛକଟାକୁ କଡ଼ା ବିରୋଧ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଗୋଚର ଜମି ଉପରେ ପାଖାପାଖି ୧୦ଟି ଗ୍ରାମର ଗାଈଗୋରୁ ଓ ଛେଳିମେଣ୍ଢା ନିର୍ଭର କରିଥାନ୍ତି। ଏଥିସହ ସ୍ଥାନୀୟ ଅନେକ ପରିବାର ଏହି ଜଙ୍ଗଲରୁ କେନ୍ଦୁପତ୍ର, ମହୁଲ ଓ କେନ୍ଦୁ ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରନ୍ତି। ଏଠାରେ ଗ୍ରାମର ଶ୍ମଶାନ ଘାଟ ରହିଥିବା ବେଳେ ପ୍ରତିବର୍ଷ ଦ୍ୱାରସ୍ନେହୀ ଯାତ୍ରା ସମୟରେ ପ୍ରବଳ ଜନସମାଗମ ହୋଇଥାଏ। ପୂର୍ବପୁରୁଷ ଅମଳରୁ ରକ୍ଷଣାବେକ୍ଷଣ କରାଯାଉଥିବା ଏହି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ବଦଳରେ ପୌର ପରିଷଦ ଗଛ କାଟି ଗୋଶାଳା ନିର୍ମାଣ କରିବାକୁ ଗ୍ରାମବାସୀ ଅଯୌକ୍ତିକ ବୋଲି ଦର୍ଶାଇଛନ୍ତି। ଗ୍ରାମର କାହ୍ନୁ ପ୍ରଧାନ ଓ ବ୍ରଜବନ୍ଧୁ ଟାକରି ଏହି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ବନ ବିଭାଗର ଅଜାଣତରେ ଏହି ଗଛଗୁଡ଼ିକ କଟାଯାଇଥିବା ସ୍ଥାନୀୟ ବନପାଳ ପ୍ରକାଶ କରିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନଥିବା ବେଳେ କିଏ ଏହି ଗଛ କାଟିଛି ତାହା ସେ ଜାଣିନାହାଁନ୍ତି ବୋଲି କହିଛନ୍ତି। ଟିଟିଲାଗଡ଼ ରେଞ୍ଜର ଶୈଳେଶ ବିଶି ଏହି ଘଟଣାର ତଦନ୍ତ ଜାରି ରହିଛି ଏବଂ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସ୍ଥାନୀୟ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ନାନାଝର ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ସେଠାରେ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହି ଗୋଶାଳା ନିର୍ମାଣ ଓ ବେଆଇନ ଗଛକଟା ପ୍ରତି ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ମରଣଯନ୍ତା ପାଲଟିଛି କଂକ୍ରିଟ୍ ଅବରୋଧକ



**ମ.ରାମପୁର,୧୦।୫/ଏନ୍ଏନ୍ଏସ୍:** ମଦନପୁର ରାମପୁର ବ୍ଲକର ବମକ ପଞ୍ଚାୟତ ଅନ୍ତର୍ଗତ ସୀତାରାମପାଲି ଗ୍ରାମର ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିର୍ମିତ ପାଣି ପାଇପ ଉପରେ କଂକ୍ରିଟ ଦ୍ୱାରା ନିର୍ମାଣ କରାଯାଇଥିବା ଅବରୋଧ ଏବେ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତା ଉପରକୁ ଅତ୍ୟଧିକ ଉଚ୍ଚତାରେ ନିର୍ମାଣ କରାଯାଇଥିବା ଏହି କଂକ୍ରିଟ ଅବରୋଧକ କାରଣରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ବିଶେଷକରି ରାତି ସମୟରେ ଯାତାୟାତ କରୁଥିବା ବାଇକ ଓ ଚାରିଚକିଆ ଯାନ ଚାଳକମାନେ ଏହାକୁ ସଠିକ ଭାବେ ଦେଖିପାରୁନଥିବାରୁ ଅନେକ ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ ଶ୍ରୀ ବିନୋଦ ବିହାରୀ ସିଂଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସିଂ ବାବୁ ନିଜେ କ୍ଷେତ୍ର ପରିଦର୍ଶନକୁ ନଆସି ଅନ୍ୟ ଜଣକୁ ଦାୟିତ୍ୱ ଦେଇ କାର୍ଯ୍ୟ ସମ୍ପାଦନ କରାଉଥିବାରୁ ଲୋକେ ନାନାପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କଂକ୍ରିଟ ରାସ୍ତା ଅବରୋଧକୁ ଅତିଶୀଘ୍ର ତଦନ୍ତ କରି ହଟାଇବା ସହ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା କରିବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# କଂଗ୍ରେସର ଅହୋରାତ୍ର ଗଣଧାରଣା ୧୪ ଦିନରେ

**ଭବାନୀପାଟଣା,୧୦।୫/ଏନ୍ଏନ୍ଏସ୍:** ଭବାନୀପାଟଣା-ନୂଆପଡ଼ା ୧୬ ନମ୍ବର ରାଜ୍ୟ ରାଜପଥରେ ତୁରକେଲ ବ୍ରିଜ ନିର୍ମାଣ ଦାବି ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଜାରି ରହିଥିବା ଅହୋରାତ୍ର ଗଣଧାରଣା ଆଜି ୧୪ ଦିନରେ ପହଞ୍ଚିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଦୁଇ ସପ୍ତାହ ଧରି ଚାଲିଥିବା ଏହି ଆନ୍ଦୋଳନ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତାକୁ ନେଇ କଂଗ୍ରେସ ଶିବିରରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦ ସ୍ୱରୂପ ଓ ସରକାରଙ୍କୁ ଏକ ସାଂକେତିକ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଆସନ୍ତା ସୋମବାର ଭବାନୀପାଟଣା ବ୍ଲକ ଅଞ୍ଚଳକୁ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦେଇଛି ଭବାନୀପାଟଣା ବ୍ଲକ କଂଗ୍ରେସ।

ସୂଚନା ଅନୁଯାୟୀ, ଗତ ମାସ ୨୭ ତାରିଖରୁ ତୁରକେଲ ବ୍ରିଜ ନିର୍ମାଣ ଦାବିରେ ଜିଲ୍ଲା କଂଗ୍ରେସ ଆହ୍ୱାନ କ୍ରମେ ଏହି ଅହୋରାତ୍ର ଗଣଧାରଣା ଜାରି ରହିଛି। ଆନ୍ଦୋଳନ

**ତୁରକେଲ ବ୍ରିଜ ନିର୍ମାଣ ଦାବି**

ଆରମ୍ଭରୁ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଓ ତାଙ୍କର ଶହ ଶହ ସମର୍ଥକ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି। ଦୀର୍ଘ ୧୪ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟର ଡବଲ ଇଞ୍ଜିନ ସରକାର ବ୍ରିଜ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନନେବା ଅତ୍ୟନ୍ତ



ଅନୁତାପର ବିଷୟ ବୋଲି ବିଧାୟକ ଶ୍ରୀ ଦାସ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହା କଳାହାଣ୍ଡି ଲୋକଙ୍କ ପ୍ରତି ସରକାରଙ୍କ ଆନ୍ତରିକତା ନଥିବା ପ୍ରମାଣ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଆଗକୁ ଅଞ୍ଚଳର ଲୋକଙ୍କ ହକ ଓ ଅଧିକାର ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଭବାନୀପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଦିନ ୬ ଘଣ୍ଟିଆ ବ୍ଲକ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣ ସହଯୋଗ କରିବାକୁ କଂଗ୍ରେସ ଦଳ ତରଫରୁ ନିବେଦନ କରାଯାଇଛି।

## ଦଶଘରିଆ ମା’ ମାହେଶ୍ୱରୀ ମନ୍ଦିରର ଉନ୍ନତିକରଣ ଦାବି

**ରେଢ଼ାଖୋଲ,୧୦।୫/ଏନ୍ଏନ୍ଏସ୍:** ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ସୀମାବର୍ତ୍ତୀ ରିଆମାଳ ବ୍ଲକ ଅନ୍ତର୍ଗତ ଦଶଘରିଆ ସ୍ଥିତ ଆରାଧ୍ୟ ଦେବୀ ମା’ ମାହେଶ୍ୱରୀଙ୍କ ମନ୍ଦିରର ଉନ୍ନତିକରଣ ପାଇଁ ବାମଣ୍ଡା ଡୁମାଳ ପରିଷଦ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଦିନ ନାକଟିଦେଉଳ ସ୍ଥିତ ମିନି ଷ୍ଟାଡିୟମଠାରେ ଆୟୋଜିତ ଏକ ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ଅବସରରେ ଗ୍ରାମବାସୀ ଓ ଡୁମାଳ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଡୁମାଳ ସମ୍ପ୍ରଦାୟର ଇଷ୍ଟଦେବୀ ମା’ ମାହେଶ୍ୱରୀଙ୍କ ପ୍ରାଚୀନ ପୀଠ ଦଶଘରିଆ ଗ୍ରାମରେ ଅବସ୍ଥିତ, ଯାହା ପୂର୍ବତନ ଗଡ଼ଜାତ ବାମଣ୍ଡା ରାଜ୍ୟ କାଳରୁ ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ପରିଚିତ। ଦେବଗଡ଼, କୁଚିଣ୍ଡା, ରେଢ଼ାଖୋଲ, ଅନୁଗୋଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଗଭୀର ଆସ୍ଥା ଏହି ପୀଠ ସହ ଜଡ଼ିତ। ମାତ୍ର ମା’ଙ୍କ ପୁରାତନ ମନ୍ଦିରଟି ଅତ୍ୟନ୍ତ ଜୀର୍ଣ୍ଣ ଅବସ୍ଥାକୁ ପହଞ୍ଚିଥିବାରୁ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଭକ୍ତମାନଙ୍କ ସ୍ୱଇଚ୍ଛିକ ଅର୍ଥ ସଂଗ୍ରହରେ ଏକ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅର୍ଥାଭାବ ଯୋଗୁଁ ବର୍ତ୍ତମାନ ଏହି ବିଶାଳ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶ୍ରଦ୍ଧାଳୁମାନଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ସରକାରୀ ପାଣ୍ଠିରୁ ଆବଶ୍ୟକ ଆର୍ଥିକ ସହାୟତା ମଞ୍ଜୁର କରିବାକୁ ପରିଷଦ ଅନୁରୋଧ କରିଛି। ମନ୍ଦିର ଉନ୍ନୟନ କମିଟି ସଭାପତି ଯୁଗଳ କିଶୋର ପାତ୍ର, ସମ୍ପାଦକ ଅଲେଖ ଭୋଇ, କୋଷାଧ୍ୟକ୍ଷ ମନୋଜ ନାୟକ, ସାମ୍ବାଦିକ ପ୍ରସନ୍ନ କୁମାର ପ୍ରଧାନଙ୍କ ସମେତ ବାମଣ୍ଡା ରାଜ୍ୟ ଡୁମାଳ ପରିଷଦ ଓ ଗ୍ରାମବାସୀଙ୍କ ପ୍ରାୟ ୫ ଶହରୁ ଅଧିକ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ଦିରର ବିକାଶ ହେଲେ ଅଞ୍ଚଳବାସୀଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କାରଣ ହେବ ବୋଲି ପ୍ରକାଶ ପାଇଛି।

# ଅଧ୍ୟାପକଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

**ରେଢ଼ାଖୋଲ,୧୦।୫/ଏନ୍ଏନ୍ଏସ୍:** ରେଢ଼ାଖୋଲ ସହର ସ୍ଥିତ ଭୀମଭୋଇ କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ମାନଭଞ୍ଜନ କହଁରଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଓ ପ୍ରାଧ୍ୟାପକଙ୍କ ଜାତିଆଣ ଆକ୍ଷେପ ସହ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଶନିବାର ରେଢ଼ାଖୋଲ ଆଦିବାସୀ ଓ ହରିଜନ ମିଳିତ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମଞ୍ଚ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଅନୁଯାୟୀ, ଅଧ୍ୟାପକ ଶ୍ରୀ କହଁର ଜଣେ ନିଷ୍ଠାପର ଶିକ୍ଷକ ଭାବେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଛନ୍ତି। ମାତ୍ର କଲେଜର ଅଧ୍ୟକ୍ଷ ଅମୁଲ୍ୟ କୃଷ୍ଣ ପାଢ଼ୀ ଏବଂ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଈର୍ଷାପରାୟଣ ହୋଇ ତାଙ୍କୁ ଜାତିଆଣ ମନୋଭାବ ରଖି ଉଦ୍ଦେଶ୍ୟମୂଳକ ଭାବେ ଧମକଚମକ ଦେବା ସହ ଦୀର୍ଘ ଦିନ ଧରି ମାନସିକ ଯନ୍ତ୍ରଣା ଦେଇ ଆସୁଥିବା ଆଲୋଚନା ହେଉଛି। ଏହି ଅଭିଯୋଗର ତଦନ୍ତ ପାଇଁ ଗତ ୬ ତାରିଖରେ କମିଟି ବସିଥିବା ବେଳେ ଅଧିକାଂଶ ବୟାନ ଅଧ୍ୟକ୍ଷ ଓ ପ୍ରାଧ୍ୟାପକ ଶ୍ରୀ ଶାସନୀଙ୍କ ବିରୋଧରେ ଯାଇଥିବା ଜଣାପଡ଼ିଛି। ତଦନ୍ତ କମିଟି ଉପରେ ମଞ୍ଚ ସମ୍ପୂର୍ଣ୍ଣ ଭରସା ରଖିଥିବା ବେଳେ ଏହି ପ୍ରତିଭାବାନ ଅଧ୍ୟାପକଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ କାଉନ୍ସିଲର୍ ଅମରେଶ ନାଏକ, ସୁଭଦ୍ର କୁମାର ସାଗର, ସାମାଜିକ କର୍ମୀ ସଞ୍ଜୟ ସାଗର, ପ୍ରକାଶ ମୁଖି, ପୁରନ୍ଦର ପଟ୍ଟା, ହରିବନ୍ଧୁ ସୁନା ଓ ଜଗା ସିଂ ପ୍ରମୁଖ ସାମିଲ ହୋଇଥିଲେ।

# ପିକେଏସ୍ ଫାଉଣ୍ଡେସନର ୨୨ତମ ବାର୍ଷିକୋତ୍ସବ

## ଡଃ ମଞ୍ଜୁବାଳା ପଣ୍ଡାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ବଲାଙ୍ଗୀର,୧୦।୫/ଏନ୍ଏନ୍ଏସ୍:** ଆଗଲପୁର ବ୍ଲକ ଅନ୍ତର୍ଗତ ମୁରଶୁଣ୍ଡ ମିନି ଷ୍ଟାଡିୟମଠାରେ ପିକେଏସ୍ ଫାଉଣ୍ଡେସନର ୨୨ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ଶିକ୍ଷକ ନେତା ପ୍ରଫୁଲ୍ଲ କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ଏହି ଫାଉଣ୍ଡେସନ ପକ୍ଷରୁ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ମଞ୍ଚର ସଭାପତି ନିହାଲ୍ ସିଂ (ପ୍ରେମରାଜ ନିଆଲ)ଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷକ ନେତା ଲିଙ୍ଗରାଜ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଶ୍ରୀ ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ଦିବଂଗତ ଶିକ୍ଷକ ନେତା ପ୍ରଫୁଲ୍ଲ ସାହୁଙ୍କୁ ଜଣେ ଉଦାରବାଦୀ ଓ ଆମ୍ବେଦକରବାଦୀ ବ୍ୟକ୍ତି ଭାବେ ଅଭିହିତ କରିବା ସହ ଆଜିର ସମାଜରେ ଏଭଳି ବ୍ୟକ୍ତିତ୍ୱଙ୍କ ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ।

ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ସୋନପୁର ଜିଲ୍ଲା ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ, କୋଶଳୀ କବି ସୁଶାନ୍ତ ବାଗ ଏବଂ ଡଃ ସୁଶୀଲ କୁମାର ବେହେରା ଯୋଗଦେଇଥିଲେ। ପୂଜ୍ୟପୂଜା ପରମ୍ପରା ଅନୁଯାୟୀ, ବିଶିଷ୍ଟ ଚିକିତ୍ସକ ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କୁ ‘ଜୀବନବ୍ୟାପୀ ସାଧନା ପୁରସ୍କାର’ ପ୍ରଦାନ କରାଯାଇଥିବା ବେଳେ ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନାଙ୍କୁ





‘ମନୋରଞ୍ଜନ ପଧାନ ସ୍ମୃତି ସମ୍ମାନ’ ଏବଂ ଅବସରପ୍ରାପ୍ତ ଶିକ୍ଷକ ଦୁଃଖିଶ୍ୟାମ ନାଏକଙ୍କୁ ‘ଧ୍ୱଜାରାମ ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଏଥିସହ ଭାରତୀୟ ସେନାରୁ ଅବସରପ୍ରାପ୍ତ ସୈନିକ ବନମାଳୀ ପଧାନ ଓ ଯୁବ କବି ଅର୍ଜୁନ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗୀସର୍ଡା ସେକ୍ଟର ସୁପରଭାଇଜର ସରୋଜ କୁମାର ରଣା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜୟନ୍ତୀ ରାଣୀ ସେଠୀ, ମଧୁମିତା ଛତ୍ରିଆ ଓ ପନିନା ଛତ୍ରିଆଙ୍କ ଉପସ୍ଥିତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ଗାୟିକା ମାନସୀ ଓ ହାସ୍ୟ ଅଭିନେତା ବିଦୁଙ୍କ ପ୍ରଦର୍ଶନ ଶ୍ରୋତାଙ୍କୁ ବିମୋହିତ କରିଥିଲା। ଓବିସି ଅଧିକାର ପ୍ରବକ୍ତା ଆନନ୍ଦ ପଧାନ ମାନପତ୍ର ପାଠ କରିଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ମୃତ୍ୟୁଞ୍ଜୟ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବଂଶୀଧର ମେମୋରିଆଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମହେନ୍ଦ୍ର ମହାକୁର, କୁଳଦୀପ ପଣ୍ଡା, ଆନନ୍ଦ ସାହୁ, ବିରେନ୍ଦ୍ର, ମହେନ୍ଦ୍ର ପ୍ରଧାନ, ସୁରେଶ ପଧାନ, ଟୁନା ସାହୁ, ସୁରଜିତ ପଣ୍ଡା ଓ ଅନ୍ୟାସୀ ବିଶ୍ୱାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଓଡ଼ିଶା ସୀମାନ୍ତ ଜୁଆ ଆଡ୍ଡା ଉପରେ ଦୁର୍ବୃତ୍ତଙ୍କ ଆକ୍ରମଣ

# ବନ୍ଧୁକ ଦେଖାଇ କୋଟିଏ ଟଙ୍କା ଓ ସୁନା ଲୁଟ୍

**ରାୟଗଡ଼ା,୧୦।୫/ଏନ୍ଏନ୍ଏସ୍:** ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଏକ ବଡ଼ ଧରଣର ଲୁଟ୍‌ତରାଜ ଘଟଣା ସାମ୍ନାକୁ ଆସିଛି। ରାୟଗଡା ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ସଶସ୍ତ୍ର ଦୁର୍ବୃତ୍ତମାନେ ଆକ୍ରମଣ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ନଗଦ ଓ ସୁନା ଅଳଙ୍କାର ଲୁଟି ନେଇଥିବା ଏକ ତେଲୁଗୁ ପତ୍ରିକାରେ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ୧୨ ଜଣ ଜୁଆଡ଼ି ତିନୋଟି କାର୍‌ରେ ଓଡ଼ିଶାର ରାୟଗଡ଼ା ସୀମାନ୍ତବର୍ତ୍ତୀ ଏକ ଆମ୍ବ ବଗିଚାକୁ ଜୁଆ ଖେଳିବାକୁ ଆସିଥିଲେ। ଖେଳରେ ଲକ୍ଷ ଲକ୍ଷ ଟଙ୍କାର ବାଜି ଲାଗିଥିବା ବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ସେମାନଙ୍କ ପାଖରେ ପ୍ରାୟ ୩୭ ଲକ୍ଷ ଟଙ୍କା ଜମା ଥିଲା। ଖେଳ ଶେଷ ହେବା ସମୟରେ ହଠାତ୍ କିଛି ସଶସ୍ତ୍ର ଦୁର୍ବୃତ୍ତ ସେଠାରେ ଚଢ଼ାଉ କରିଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସେମାନଙ୍କ ପାଖରେ ଥିବା ନଗଦ ୩୭ ଲକ୍ଷ ଟଙ୍କା ସମେତ ସମସ୍ତ ପ୍ରାୟ ୫୪ ତୋଳାରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲେ। ସର୍ବସ୍ୱ ହରାଇ ଜୁଆଡ଼ିମାନେ ଶନିବାର ଶ୍ରୀକାକୁଲମ ଫେରିଥିବା ଜଣାପଡ଼ିଛି। ଆଶ୍ଚର୍ଯ୍ୟର ବିଷୟ, କୌଣସି ଜୁଆଡ଼ି ପୁଲିସରେ ଅଭିଯୋଗ କରିନାହାନ୍ତି। ଆନ୍ଧ୍ର ପୁଲିସ ସେଠାରେ ଜୁଆ ଆଡ୍ଡାଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ, ଜୁଆଡ଼ିମାନେ ଓଡ଼ିଶାର ଗଜପତି, ରାୟଗଡା, ଆସିକା ଏବଂ ଗଞ୍ଜାମ ଜିଲ୍ଲାର ସୀମାନ୍ତ ଅଞ୍ଚଳକୁ ସୁରକ୍ଷିତ ମଣି ଏଠାକୁ ଖେଳିବାକୁ ଆସୁଥିବା ତେଲୁଗୁ ପତ୍ରିକା ‘ଇନାଡୁ’ରେ ପ୍ରକାଶ ପାଇଛି। ଏହି ଘଟଣା ଏବେ ସୀମାନ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ୪୩ ୟୁନିଟ୍ ରକ୍ତ ସଂଗ୍ରହ



**ଟିଟିଲାଗଡ଼,୧୦।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଲାୟନ୍ସ କ୍ଲବ କାର୍ଯ୍ୟାଳୟ ପରିସରରେ ଲାୟନ୍ସ ଓ ଲିଓ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଲାୟନ୍ ଗଭର୍ଣ୍ଣର ସ୍ୱର୍ଗତ ସଞ୍ଜୟ ସାହୁଙ୍କ ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ଆୟୋଜିତ ଏହି ଶିବିରରେ ମୋଟ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏଥିରେ ୪ ଜଣ ମହିଳା ରକ୍ତଦାତା ସାମିଲ ହୋଇ ରକ୍ତଦାନ ଭଳି ମହାନ କାର୍ଯ୍ୟରେ ନିଜକୁ ସାମିଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଲାୟନ୍ ସନ୍ତୋଷ ମହାନ୍ତିଙ୍କ ଦ୍ୱାରା ଗଣେଶ ବନ୍ଦନା କରାଯାଇଥିଲା। ଏହାପରେ ଅତିଥି ଭାବେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ୍ ଯମୁନା ପ୍ରସାଦ ଗୋୟଲ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପ୍ରବନ୍ଧକ ବିଶ୍ୱଜିତ ସାହୁ, ଲାଇନ୍ସ କ୍ଲବ ସଭାପତି ସଞ୍ଜୟ ସୋନୀ, ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ପ୍ରକଳ୍ପ ନିର୍ଦ୍ଦେଶକ ଅବ୍ବାସ ଖାନ, ଲିଓ ସୁଶିଲ ଗୋୟଲ ଓ ଲିଓ ସାହିଲ ଖାନ ପ୍ରମୁଖ ଯୋଗଦେଇ ପ୍ରଭୁ ଗଣେଶଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ଶିବିରକୁ ଶୁଭାରମ୍ଭ କରିଥିଲେ। ସର୍ବପ୍ରଥମେ ବାପକ ଗୋୟଲ ରକ୍ତଦାନ କରି ଶିବିରର ଅୟମାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଶିବିର ପରିଦର୍ଶନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଏଭଳି ସେବା କାର୍ଯ୍ୟର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ପୃଷ୍ଟି, ଅଜିତ ପାତ୍ର, ଅସୀମ କୁଣ୍ଡୁ ଏବଂ ରମେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରକ୍ତ ଭଣ୍ଡାର ପକ୍ଷରୁ ଟେକନିସିଆନ ଗଜେନ୍ଦ୍ରନାଥ ରାଉତ, ଅଚ୍ୟୁତାନନ୍ଦ ମହାପାତ୍ର, ଜିତେନ୍ଦ୍ର କୁମାର ପଣ୍ଡା ଓ ବିନୟ ସାହୁ ରକ୍ତ ସଂଗ୍ରହ କରିଥିଲେ। ଶିବିର ପରିଚାଳନାରେ ଈଶ୍ୱର ଜୈନ, ସୁଧୀର ମେହେର, ଶୈଳେଷ ଗୋୟଲ, ଗଙ୍ଗାଧର ଶର୍ମା, ବବିତା ଶର୍ମା, ଗୀତାଞ୍ଜଳୀ ମହାରଣା, ରାକେଶ ଜୈନ, ଲିଙ୍ଗରାଜ ସାହୁ, ଅଙ୍କିତ ଗୁପ୍ତା, ପ୍ରଦୀପ ବାରିକ, ଶୁଭଦୀପ ସାମନ୍ତ ଓ ରୋଶନ ଖମାରୀ ସକ୍ରିୟ ସହଯୋଗ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ନିଆରା ପ୍ରୟାସ

**ଜୟପୁର,୧୦।୫/ଏନ୍ଏନ୍ଏସ୍:** ବୃକ୍ଷ ରୋପଣ ଯେତିକି ଆବଶ୍ୟକ, ତାହାର ରକ୍ଷଣାବେକ୍ଷଣ ସେତିକି ଜରୁରୀ। ଏହି ଚିନ୍ତନ ବିଶେଷକରି ଶିଶୁଙ୍କ ମନରେ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାରିଣୀପୁଟ ସ୍ଥିତ ଯୋଜନା ଉଚ୍ଚ ବିଦ୍ୟାଳୟର ୧୯୯୮ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ସ୍ୱାଇଁ ଓ ବିଷ୍ଣୁ ଚରଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାଇ ଗୋପାଳ ପାତ୍ର ଏହି ସଭାର ପରିଚାଳନା କରିଥିଲେ। ପାଠପଢ଼ାର ବୋଝ ଭିତରେ ଶିଶୁଙ୍କର ପ୍ରକୃତି ସହ ସଂଯୋଗ କମୁଥିବାରୁ ଏବଂ ଗୁରୁ-ଶିଷ୍ୟ ସମ୍ପର୍କରେ ଦୂରତା ବଢୁଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୁରାତନ ବିଦ୍ୟାର୍ଥୀମାନେ



ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ରହିବା ଓ ସ୍କୁଲର ଆବଶ୍ୟକତା ପୂରଣ କରିବାକୁ ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ‘ପ୍ରକୃତିକୁ ପ୍ରତିଦାନ’ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବିଦ୍ୟାଳୟରୁ ଫେରିବା ସମୟରେ ପିଲାଙ୍କ ୱାଟର ବୋଟଲରେ ବଳକା ଥିବା ପାଣି ସ୍କୁଲ ପରିସରରେ ଥିବା ଗଛ ମୂଳରେ ଢାଳିବା ପାଇଁ ଅଭିଭାବକମାନେ ପିଲାଙ୍କୁ ଶିକ୍ଷା ଦେବା

**ବୃକ୍ଷ ସହ ଶିଶୁର ବନ୍ଧୁତା**

ଉଚିତ୍ ବୋଲି ପୂର୍ବତନ ଛାତ୍ର ଚିତ ରଂଜନ ଚୌଧୁରୀ ମତ ଦେଇଥିଲେ। ଏହାଦ୍ୱାରା ପିଲାଙ୍କ ମନରେ ଗଛ ପ୍ରତି ମମତା ସୃଷ୍ଟି ହେବ। ଏହି ପ୍ରୟାସକୁ ଅଧିକ ବ୍ୟାପକ କରିବା ପାଇଁ ଗଛରେ ପାଣି ଦେଉଥିବା ଫଟୋ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ସଚେତନତା ସୃଷ୍ଟି କରାଯାଇ ପାରିବ ବୋଲି ପୂର୍ବତନ ଛାତ୍ରୀ ପୁଷ୍ପାଞ୍ଜଳି ମହାନ୍ତି, ବି. ସିରିଶା ଓ ସ୍ୱର୍ଣ୍ଣଲତା ମୁଦୁଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପୂର୍ବତନ ବିଦ୍ୟାର୍ଥୀ ରଞ୍ଜିତା ୱାବିଲା, ସଦନ ମାଣ୍ଡି, ଡି. ଦାମୁ, ନିର୍ମଳ ବାଗ୍, ନରେନ୍ଦ୍ର ଖୋସଲା, ଘେନୁ ଜେନା, ରାମଚନ୍ଦ୍ର ମହାନ୍ତି, ସନ୍ତୋଷ ପଟ୍ଟନାୟକ, ଡିଲେ ରାଓ ଓ ମୋହନ ବଳ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସଂଗ୍ରାମ କେଶରୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଘ
ଆମ ଜିଲ୍ଲା
ନିତିଦିନ NITIDIN

## ଦୁଇ ସ୍ଥାନ ପରିଦର୍ଶନକଲେ ଜିଲ୍ଲା ଜଜ୍

**ମାହାଙ୍ଗା,୧୦।୫/ଏନ୍ଏନ୍ଏସ୍:** ମାହାଙ୍ଗା ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ବର୍ଷେ ହେବ ମାହାଙ୍ଗା ଜେ.ଏମ୍,ଏଫ୍.ସି ସ୍ଥାୟୀ ଗୃହ ନିର୍ମାଣରେ ବିଳମ୍ବ ଘଟୁଛି। ଏହି କୋର୍ଟ ଗୃହ କୋଠପଦା ଠାରେ ନିର୍ମାଣ ପାଇଁ କୁହୁଣ୍ଡା ଅଞ୍ଚଳବାସୀ ରାଜ୍ୟପାଳଙ୍କ ନିକଟରେ ଦାବି କରିବା ପରେ ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଛି। ଜିଲ୍ଲାପାଳ ମାହାଙ୍ଗା ତହସିଲଦାରଙ୍କୁ ତିନି ଥର ରିପୋର୍ଟ ମାଗିବା ପରେ ତହସିଲ ପକ୍ଷରୁ ଅନ୍ୟ ଏକ ସ୍ଥାନରେ କୋର୍ଟ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ସୁପାରିଶ କରାଯାଇଛି। ତେବେ କଟକ ଜିଲ୍ଲା ଜଜ ମାନସ ରଞ୍ଜନ ବାରିକଙ୍କ ସହିତ ଏକ ଟିମ ମାହାଙ୍ଗା ବ୍ଲକ ଗସ୍ତ କରି ବିନୋଦ ବିହାରୀ ରାୟ ଠାକୁର ବିଜେ ରଘୁନାଥନଗର ଜମି ପରିଦର୍ଶନ କରିବା ସହ ପୂର୍ବ ପ୍ରସ୍ତାବିତ କୋଠପଦା ରଘୁନାଥଜିଉ ମଠ ସରକାରୀ ଜମିର ଭିତିଭୂମି ଅନୁଧ୍ୟାନ କରି ଫେରିଯାଇଛନ୍ତି। ତେବେ ବିନୋଦ ବିହାରୀ ଠାକୁର ଜମିର ମାଲିକାନା ସତ୍ତ୍ୱ ବଳାଭେନ୍ଦ୍ରନାଥ ସେନ୍‌ଙ୍କ ନାମରେ ଥିବା ବେଳେ ସେ ମୃତ ଓ ନିଃସନ୍ତାନ। ଉତ୍ତରାଧିକାରୀ ଥିବା ତାଙ୍କର ମୀରା ନାମ୍ନୀ ଉଭଣୀଙ୍କ ମୃତ୍ୟୁ ହୋଇଯାଇଛି। ସେମାନଙ୍କୁ ଉପେକ୍ଷା କରାଯାଇ ଶ୍ରୀ ଶ୍ରୀ ବିନୋଦ ବିହାରୀ ରାୟ ଠାକୁରଙ୍କ ସମ୍ପତି କିଏ କିପରି ଏହି କୋର୍ଟ ଗୃହ ନିର୍ମାଣ ପାଇଁ ହସ୍ତାନ୍ତର କରିବେ ତାହାକୁ ନେଇ ନାନା ସମସ୍ୟା ଉପୁଜିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ରାଜ୍ୟପାଳ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ତଳସ୍ତରରେ ଥିବା ପ୍ରଶାସନିକ ଅଧିକାରୀମାନେ ଗ୍ରହଣ ନକରି ତିନି ତିନିଥର ଜିଲ୍ଲାପାଳଙ୍କ ଚିଠି ପରେ ବି ଅନ୍ୟ ସ୍ଥାନରେ କୋର୍ଟ ଗୃହ ନିର୍ମାଣ ପାଇଁ ତହସିଲ ପକ୍ଷରୁ ସୁପାରିଶ କରାଯିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଅପରପକ୍ଷେ କୋଠପଦା ରଘୁନାଥଜିଉଙ୍କ ଜମି ପ୍ରତ୍ନତତ୍ତ୍ୱ ବିଭାଗ ଅଧିନରେ ଥିବା ବେଳେ କୋର୍ଟ ଗୃହ ନିର୍ମାଣ ପାଇଁ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

## ଶ୍ରୀ ନୀଳମାଧବଙ୍କ ଚନ୍ଦନ ମହୋତ୍ସବ ଶେଷ

**କଣ୍ଟିଲୋ,୧୦।୫/ଏନ୍ଏନ୍ଏସ୍:** ଶ୍ରୀ ନୀଳମାଧବ ଜିଉଙ୍କ ଚନ୍ଦନମହୋତ୍ସବର ଆଜି ରବିବାର ହେଉଛି ଅନ୍ତିମ ସନ୍ଧ୍ୟା। ଆଜି ଶ୍ରୀଜିଉଙ୍କର ୨୧ ଚାପରେ ଚନ୍ଦନ ଚାପ ଖେଳିବାର ମଧ ହେଉଛି ଅନ୍ତିମ ରାତ୍ର। ଆସନ୍ତାକାଲି ଆଉ ଏହି ପବିତ୍ର ଚନ୍ଦନ ପୁଷ୍କରିଣୀରେ ଶ୍ରୀଜିଉ ମାନଙ୍କର ଚାପ ଖେଳ ଦେଖିବାକୁ ପାଇବେ ନାହିଁ। ଏପଟେ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଆଜି ରବିବାର ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ର ଓ ସାଥୀ ପରିବେଷଣ କରୁଥିବା ଚିତ୍ତାକର୍ଷକ, ଆକର୍ଷଣୀୟ ଓ ମନମୁଗ୍ଧକର ଭଜନକୁ ଉପଭୋଗ କରିବା ଏବଂ ହୃଦୟସ୍ପର୍ଶୀ ହୋଇଥିବାରୁ ହଜାର ହଜାର ଦର୍ଶକ ଆନନ୍ଦ ଉଲ୍ଲାସରେ ଉପଭୋଗ କରିଥିଲେ। ସ୍ଥାନୀୟ ପୁଲିସ ଅଧିକାରୀ ସ୍ୱାଗତ କୁମାର ଦାଶ ଓ ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ନିଆଯାଇଥିଲା।

## ରାଜ୍ୟ ବିଜେପି ସଭାପତିଙ୍କୁ ସମ୍ବର୍ଦ୍ଧନା



**ବୋଲଗଡ଼,୧୦।୫/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ବିଜେପି ପକ୍ଷରୁ ରାଜ୍ୟ ବିଜେପି ସଭାପତି ତଥା ନୂତନ ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ରବିବାର ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନାଯୋଗ୍ୟ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ଦଳର ରାଜ୍ୟ ସାଂଗଠନିକ ମହାମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ୫୭ନଂ ଜାତୀୟ ରାଜପଥ ଯୋଗେ ପଶ୍ଚିମାଞ୍ଚଳ ଗସ୍ତ କରୁଥିଲେ। ଏହି ଅବସରରେ ବୋଲଗଡ଼ ବିଜେପି ପକ୍ଷରୁ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କୁ ସ୍ଥାନୀୟ ବ୍ଲକ ଛକ ନିକଟରେ 'ସବ୍ କା ସାଥ୍ ସବ୍ କା ବିକାଶ' ଓ 'ଜୟ ଶ୍ରୀରାମ' ନାରା ଦେଇ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ବାର କାଉନସିଲ ସଭାପତି ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକଙ୍କ ଆବାହକତ୍ୱରେ ଅଧୁନା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ବିଦ୍ୟୁତ କାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ହୋଇଥିବା ବିଜେପି ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ଦଳୀୟ ସଂଗଠକ ରବିନ୍ଦ୍ର ପରିଡା, ବିଜେପି ଯୁବ ସଂଗଠକ ବ୍ରଜବନ୍ଧୁ ସୁବୁଦ୍ଧି, ମଣ୍ଡଳ ସଭାପତି ଦୀପନ ବିଶ୍ୱାଳ, ଅଜିତ ପଟ୍ଟନାୟକ(ଟଇ), ପ୍ରାକ୍ତନ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ନିରଞ୍ଜନ କର,ବ୍ରଜ ସାହୁ, ଦିଲ୍ଲିପ କୁମାର ଦତ୍ତ, ପ୍ରମୋଦ ପ୍ରଧାନ, ଅଜିତ ମହାପାତ୍ର, ଲକ୍ଷ୍ମୀଧର ବଳିଆରସିଂହ, ନକୁଳ ରାଉତରାୟ, ବିନୋଦ ମହାରଣା, ପବିତ୍ର ସିଂହ ଓ ବସନ୍ତ ପରିଡା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମହାନଗର ନିଗମ ଓ ହାପିନେସ୍ ଫାଉଣ୍ଡେସନ୍‌ର ବିଶାଳ ସଫେଇ



**ପୁରୀ,୧୦।୫/ଏନ୍ଏନ୍ଏସ୍:** ପୁରୀ ମହାନଗର ନିଗମ ଓ ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନ୍‌ର ମିଳିତ ସହଭାଗିତାରେ ପୁରୀ ଜଗନ୍ନାଥ ବଲ୍ଲଭ ପାର୍କ ପରିସରରେ ଏକ ବିଶାଳ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା ଅଭିଯାନରେ ଅନୁଷ୍ଠାନର ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ପୁରୁଣା ପାର୍କ, ପ୍ରମୋଦ ଉଦ୍ୟାନ ପରିସର, ପୁଷ୍କରିଣୀ ଓ ଶ୍ରୀ ଦାଣ୍ଡ ସଂଲଗ୍ନ ରାସ୍ତା ଗୁଡିକ ସଫେଇ କରିଥିଲେ। ସ୍ୱେଚ୍ଛାସେବୀମାନେ ପ୍ଲାଷ୍ଟିକ ଓ ବିଭିନ୍ନ ପ୍ରକାର ଆବର୍ଜନା ସଂଗ୍ରହ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସନ୍ଦେଶ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କୁ ସ୍ୱଚ୍ଛ ପୁରୀ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅନୁଷ୍ଠାନର 'କ୍ଲିନ୍ ଅପ୍ ପୁରୀ' ଅଭିଯାନ ମାଧ୍ୟମରେ ପୁରୀ ପରି ଏକ ବିଶ୍ୱ ପ୍ରସିଦ୍ଧ ଧାର୍ମିକ ସହରକୁ ସଫା ଓ ସୁନ୍ଦର ରଖିବା ପାଇଁ ଚେଷ୍ଟା ଜାରି ରହିଛି। ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରଶଂସା କରିଥିଲେ। ମହାନଗର ନିଗମର ସାନିଟେସନ ଏକ୍ସପର୍ଟ ସୌଭାଗ୍ୟଲକ୍ଷ୍ମୀ ଜେନା ଓ ରିଶବ୍ ଦାଶ ଏବଂ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାନଗର ନିଗମର ୱାର୍ଡ ପରିସର, ଜମାଦାର ଓ ସଫେଇ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

### ମହିୟସୀ ସୁଲକ୍ଷଣା ସ୍ମୃତି ସଂସଦ ପକ୍ଷରୁ ବିଶ୍ୱ ମାତୃଦିବସ

## 'ପ୍ରତିଟି ସଫଳତା ପଛରେ ମା'ଙ୍କ ଭୂମିକା ଅତୁଳନୀୟ'




**ବେଗୁନିଆ,୧୦।୫/ଏନ୍ଏନ୍ଏସ୍:** ସ୍ଥାନୀୟ ମହିୟସୀ ସୁଲକ୍ଷଣା ସ୍ମୃତି ସଂସଦ ଆନୁକୂଲ୍ୟରେ ରବିବାର ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ବିଶ୍ୱ ମାତୃଦିବସ ପାଳିତ ହୋଇଯାଇଛି। ଉତ୍ସବରେ ସ୍ୱର୍ଗତ ସୁଲକ୍ଷଣା ଦାସଙ୍କ ସୁପୁତ୍ର ତଥା କାର୍ଯ୍ୟକ୍ରମ ଆବାହକ ବିଶିଷ୍ଟ ରସାୟନଶାସ୍ତ୍ରୀ ପ୍ରଫେସର ଡ. ହରିପ୍ରସାଦ ଦାସ ପୌରୋହିତ୍ୟ କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ କବିକେତନ ଗୌରଚରଣ ସାମନ୍ତସିଂହାରଙ୍କ ମଙ୍ଗଳାଚରଣ ପାଠ ସହ ଦିବଂଗତାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଆବାହକ ଡ. ହରିପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରୀ ଲିପ୍ସାରାଣୀ, ସୁଶ୍ରୀ ସଙ୍ଗୀତା ଓ ଶୁଭଲକ୍ଷ୍ମୀ ପ୍ରଫେସର ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ମାତୃ ଦିବସ ଆଧାରିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ବିଶିଷ୍ଟ ସାହିତ୍ୟିକା ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଅଞ୍ଜୁମନ ଆରା ମୁଖ୍ୟ ଅତିଥି ଓ ସେହି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାଶ ମୁଖ୍ୟ ବକ୍ତା ରୂପେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ କୋତଲାଙ୍ଗ ଗ୍ରାମର ସୁଶ୍ରୀ ଶୁଭସ୍ମିତାଙ୍କୁ ପ୍ରତିଭା ସମ୍ମାନ ଓ ତାଙ୍କ ମା' ସୁଚରିତା ବଳିଆରସିଂହଙ୍କୁ ମାତୃ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଡ. ବନବିହାରୀ ମହାପାତ୍ର, ଡାକ୍ତର ଅମରେନ୍ଦ୍ରନାଥ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି, ପ୍ରଫେସର ଡ. ଅଖିଳେଶ ପ୍ରସାଦ ପଣ୍ଡା, ଅଧ୍ୟାପକ ରଙ୍କନିଧି ବଳିଆରସିଂହ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କବୟିତ୍ରୀ ମାନସୀ ଦାସ, ଶିକ୍ଷାବିତ ହରିବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନକରିଥିବା ବେଳେ ଡ. ପ୍ରତିମା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରେଶ୍ୱର ଥାନାରେ ସଚେତନତା ଶିବିର

**କୁଆଁପାଳ,୧୦।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଥାନାରେ କିଶୋର ଓ କିଶୋରୀମାନଙ୍କର ଏକ ସଚେତନତା ଶିବିର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫ ଅଙ୍ଗନବାଡ଼ି କେନ୍ଦ୍ରର ସମସ୍ତ କିଶୋର ଓ କିଶୋରୀମାନେ ଯୋଗଦେଇଥିଲେ। ଆଜିର ସମୟରେ ମୋବାଇଲର ବହୁଳ ବ୍ୟବହାର ଦ୍ୱାରା କିଭଳି କିଶୋରୀ ଓ କିଶୋରମାନେ ସାମାଜିକ ଗଣମାଧ୍ୟମରେ ଠକାମିର ଶିକାର ହେଉଛନ୍ତି ସେ ସଂପର୍କରେ ଥାନା ଅଧିକାରିଣୀ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ଦେଖାଦେଉଛି ପାଠପଢ଼ା ପ୍ରତି ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଧ୍ୟାନ ନଦେଇ ମୋବାଇଲ ଦେଖିବାରେ ସମୟ କାଟୁଛନ୍ତି। ମୋବାଇଲରେ ଖେଳ ଖେଳିବା ଚାଟିଂ କରିବା, ଅପରିଚିତ ଯୁବକଯୁବତୀଙ୍କ ସହିତ ବାର୍ତ୍ତାଳାପ କରିବାକୁ ଗୁରୁତ୍ୱ ଦେଉଥିଲା ବେଳେ ବାପ ମାଆଙ୍କ କଥା ମାନୁ ନଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଅନେକ ସମୟରେ ଏହାକୁ ପରିଣାମ ସେମାନଙ୍କୁ ଭୋଗିବାକୁ ପଡୁଛି। ସାରା ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଥାନାରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇ ଥିଲା। ଓଡ଼ିଶାର ଡିଜି ଓ୍ୱାଇ. ବି ଖୁରାନିଆ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଉପସ୍ଥିତ ଥିବା କିଶୋର ଓ କିଶୋରୀମାନଙ୍କ ସହିତ ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ ଆଲୋଚନା କରିଥିଲେ। ଏଥିରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଦେଶୀମଦ ବୋଝେଇ ଗାଡ଼ି ଜବତ

**ତିଗିରିଆ,୧୦।୫/ଏନ୍ଏନ୍ଏସ୍:** ତିଗିରିଆ ଥାନା ଅନ୍ତର୍ଗତ ଗୋପିନାଥ ପୁର ଶାସନ ଠାରେ ଏକ ଦେଶୀ ମଦ ବୋଝେଇ ପିକ୍ଅପ୍ ଭ୍ୟାନ୍‌କୁ ତିଗିରିଆ ପୁଲିସ୍ ଗୋଡ଼େଇ ଧରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ, ବିଶେଷ ସୂତ୍ରରୁ ଖବର ପାଇ ଶନିବାର ରାତି ପ୍ରାୟ ୧୦ଟାରେ ଏକ ଦେଶୀମଦ ବୋଝେଇ ପିକ୍ଅପ୍ ଭ୍ୟାନକୁ ପିଛା କରିଥିବାବେଳେ ମଦ ବୋଝେଇ ଗାଡିଟି ଦ୍ରୁତଗତିରେ ଯାଇ ତିଗିରିଆ ଗୋପିନାଥପୁର ଶାସନ ଛକ ନିକଟରେ ଏକ କ୍ୟାବିନ୍‌କୁ ଧକ୍କାଦେଇଥିଲା। ଫଳରେ ପୁଲିସ୍ ମଦ ବୋଝେଇ ଗାଡିକୁ ଧରିବା ସହିତ ଜଣକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଗାଡିଟିରେ ୧୨୦୦ ଲିଟର ଦେଶୀମଦ ବୋଝେଇ ହୋଇଥିବା ସହିତ ଏହା ଆଠଗଡ଼ ଅଞ୍ଚଳରୁ ବାଲିଝରି ଅଞ୍ଚଳକୁ ଯାଉଥିବାର ଧରାପଡ଼ିଥିବା ଅଭିଯୁକ୍ତ ପୁଲିସକୁ କହିଛି। ପୁଲିସ୍ ଅଧିକ ତଦନ୍ତ ଜାରୀ ରଖିଥିବା ତିଗିରିଆ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ତାର ଛିଡ଼ି ଦୁଇ ଗୋରୁ ମୃତ

**ବୟାଳିଶମୌଜା,୧୦।୫/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ବେଣ୍ଟକାର ଗ୍ରାମ ପଞ୍ଚାୟତ ସ୍ଥିତ ଶବଳପୁର-ତଇଳିପଡା ସୀମାନ୍ତରେ ବିଦ୍ୟୁତ୍ ତାର ଛିଡ଼ି ଯିବାରୁ ବିଦ୍ୟୁତ୍ ଆଘାତରେ ଦୁଇ ଗାଈ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏ ନେଇ ୪୨ମୌଜା ଦହିଗାଁ ଗ୍ରାମର ବାସିନ୍ଦା ତଥା ଗାଈ ମାଲିକ ରମେଶ ବେହେରା ବେଣ୍ଟକାରସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ଓ ଥାନାରେ ଅଭିଯୋଗ କରିଛନ୍ତି। ଗାଈ ଦୁଇଟିର ମୂଲ୍ୟ ପ୍ରାୟ ୯୦ହଜାର ଟଙ୍କା ହେବ ବୋଲି ଶ୍ରୀ ବେହେରା ମତପ୍ରକାଶ କରିଥିଲେ। ଏ ନେଇ ବିଦ୍ୟୁତ କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀଙ୍କୁ ଫୋନ୍ କରୁଥିଲେ ମଧ ସେ କୌଣସି ଉତ୍ତର ନ ଦେଇ ଫୋନ୍ ସୁଇଚ୍‌ଅଫ୍ କରି ଦେଇଛନ୍ତି ବୋଲି ଶ୍ରୀ ବେହେରା କହିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ଗାଈର ମାଲିକ ରମେଶ ବେହେରାଙ୍କୁ ତାଙ୍କର ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଓଲଟିଲା ଗୋଡ଼ି ବୋଝେଇ ଟ୍ରକ୍: ୨ ଆହତ

**ସାଲେପୁର,୧୦।୫/ଏନ୍ଏନ୍ଏସ୍:** ସାଲେପୁର ଥାନା ଅନ୍ତର୍ଗତ ନାଦୋଳଗଡା ନିକଟରେ ରବିବାର ସକାଳେ ଜଗତପୁର ଆଡୁ ସାଲେପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଗୋଡି ବୋଝେଇ ଟ୍ରକ ଭାରସ୍ୟାମ ହରାଇ ବିପରୀତ ଦିଗରୁ କଟକ ଅଭିମୁଖେ ଯାଉଥିବା କାର ଓ ବାଇକକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ରାଜକନିକା ଅଞ୍ଚଳର କାଜଲ ଦାସ(୩୩) ବାଇକ ଆରୋହୀ ଦୁର୍ଘଟଣା ଗସ୍ତ ହୋଇ ଆହତ ହୋଇଥିବା ବେଳେ କାରରେ ଯାଉଥିବା ରାଜକନିକା ଓଳାବର ଅଞ୍ଚଳର ସ୍ୱପ୍ନା ସଙ୍ଗୀତା ମଥାନ(୩୨) ନାମ୍ନୀ ମହିଳା ଆହତ ହୋଇଛନ୍ତି। ଉଭୟ ଆହତଙ୍କୁ ସ୍ଥାନୀୟ ଜନସାଧାରଣ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତୁରନ୍ତ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଦେଇଥିବା ଜଣାପଡ଼ିଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଏବେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ବହୁ ଜୀବନ ଅକାଳରେ ଚାଲିଯାଉଛି। କଟକରୁ ପାରାଦୀପ ଯାଉଥିବା ଭାରୀଯାନ ଗୁଡିକ ପାରାଦୀପ ରାସ୍ତାରେ ନଯାଇ କଟକ - ଚାନ୍ଦବାଲି ରାସ୍ତାରେ ଯାଉଥିବା ଦେଖାଯାଇଛି। ଯେଉଁଥିପାଇଁ ସାଲେପୁର ସର୍ବସାଧାରଣ ବହୁ ସମୟ ରାସ୍ତା ରୋକ ଓ ବିକ୍ଷୋଭ କରିଥିବା ବେଳେ କଟକ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ମଧ ଲିଖିତ ଭାବେ ବହୁବାର ଜଣାଇଛନ୍ତି। ଅପରପକ୍ଷ ବହୁ ଯାନବାହାନର କାଗଜ ପତ୍ର, ଇନ୍ସ୍ୟୁରାନ୍ସ ନଥାଇ ମାଲିକମାନେ ବେପରୁଆ ଭାବେ ରାସ୍ତାରେ ଗାଡି ଚଳାଉଥିବାରୁ ଦୁର୍ଘଟଣା ପରେ କ୍ଷତିପୂରଣ ମିଳିପାରୁନାହିଁ। ଏହି ସବୁ ଦିଗରେ ପରିବହନ ବିଭାଗ ଓ ପୁଲିସ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଧ୍ୱଂସର ସ୍ତୂପ ଉପରେ ଶ୍ରଦ୍ଧାର ନିଅଁ ଗଢ଼ିବାର ଏକ ନିଆରା ପ୍ରୟାସ ନାଟକ 'ଜଉଘର'

**ନୟାଗଡ଼,୧୦।୫/ଏନ୍ଏନ୍ଏସ୍:** ଅତୀତର ମହାଭାରତ ହେଉ କିମ୍ବା ଆଜିର ଆଧୁନିକ ସମାଜ, କ୍ଷମତା ଆଉ ସିଂହାସନ ପାଇଁ ଷଡ଼ଯନ୍ତ୍ରର କଳାବଳୟ ସବୁଠି ବିଦ୍ୟମାନ। ଏହି ଚିରନ୍ତନ ସତ୍ୟକୁ ଆଧାର କରି ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳୟ ରେ ରାଗେଶ୍ରୀ ନିଳୟମ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ହୃଦୟସ୍ପର୍ଶୀ ନାଟକ 'ଜଉଘର'। ନାଟ୍ୟକାର ବ୍ରତ୍ୟ ବସୁଙ୍କ ଲିଖିତ ଏବଂ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକଟି କେବଳ ମନୋରଞ୍ଜନ ନୁହେଁ, ବରଂ ମଣିଷ ଭିତରେ ସୁପ୍ତ ଥିବା ବିବେକକୁ ଜାଗ୍ରତ କରିବାର ଏକ ସଫଳ ଆହ୍ୱାନ ଥିଲା। ?ନାଟକର ମୂଳ ବାର୍ତ୍ତା ଅନୁଯାୟୀ, ମଣିଷ ନିଜର ଅହଂକାର ଓ ଶକ୍ତି ପ୍ରଦର୍ଶନ ପାଇଁ ସର୍ବଦା ଲାଳାୟିତ। ଶାସକ ଓ ଶୋଷିତଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ, ଜୀବନ ଓ ମୃତ୍ୟୁର ଲଢ଼େଇ ମଧ୍ୟରେ କିଭଳି ମାନବିକତା ହଜିଯାଉଛି, ତାହା ଏଠାରେ ଦର୍ଶାଯାଇଛି। ତେବେ ଧ୍ୱଂସ ଓ ବିପ୍ଳବ ମଧ୍ୟରେ ବି ସତ୍ୟ-ଶିବ-ସୁନ୍ଦରର ଦୀପଶିଖା କିଭଳି ଜଳିରହେ ଏବଂ ଚେତନାକୁ ଜାଗ୍ରତ କରି ଏକ ସୁନ୍ଦର ସକାଳର ଆବାହନ କରେ, ତାହା ହିଁ 'ଜଉଘର'ର ମୂଳ ଉଦ୍ଦେଶ୍ୟ। ଶେଷରେ 'ଜଉଘର' ନୁହେଁ, ବରଂ



ଏକ 'ଶ୍ରଦ୍ଧାଘର' ନିର୍ମାଣ କରିବାକୁ ନାଟକ ମାଧ୍ୟମରେ ଆହ୍ୱାନ ଦିଆଯାଇଛି। ନାଟକରେ ବିଭିନ୍ନ ଭୂମିକାରେ କାମାକ୍ଷା ପ୍ରସାଦ ଦାଶ, ଦେବେନ୍ଦ୍ର ପରମଗୁରୁ, ଗୋକୁଳ କୁମାର ଷଡ଼ଙ୍ଗୀ, ପ୍ରତାପ କୁମାର ସାହୁ, କୈଳାସ ଚନ୍ଦ୍ର ଓଝା, ସୁଧାଂଶୁ ଶେଖର ପଣ୍ଡା, ରଞ୍ଜନ ରଶ୍ମି ଜେନା, ସତ୍ୟବ୍ରତ ଲେଙ୍କା, ଗୋପୀନାଥ ସେଠୀ, ଆଲୋକ ରଞ୍ଜନ ମାନସିଂହ, ବସନ୍ତ କୁମାର ପଣ୍ଡା, ସୁଦର୍ଶନ ରାଉତ, ସରୋଜ ବାରିକ ଓ କାଳନ୍ଦୀ ଚରଣ ସାହୁ ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ। ସେହିପରି ନାରୀ ଚରିତ୍ରରେ ନୀଳିମା ନନ୍ଦ, ପୁଷ୍ପାଞ୍ଜଳି ସାହୁ, ସରୋଜିନୀ ରଣସିଂହ, ପାୟଲ ପଣ୍ଡା, ସୁଶୀଳା ପ୍ରଧାନ ଓ ପୂଜା ମହାନ୍ତି ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଶିଶୁ କଳାକାର ଭାବେ ଓମ୍ ସାଇକ୍ରିଷ୍ଣା, ସୋହମ୍ ଓ ସକ୍ଷମ ଦାଶ ଦର୍ଶକଙ୍କ ମନ ମୋହିଥିଲେ। ମଞ୍ଚାୟନ ନାଟକ ଉତ୍ସବର ଅନ୍ତିମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମାଜସେବୀ ତାପସ ପାଢ଼ୀ, ନବକୁମାର ସାହୁ ପ୍ରମୁଖ ଯୋଗଦାନ କରିଥିବା ବେଳେ ମଞ୍ଚାୟନ ସଭାପତି ନିରଞ୍ଜନ ସ୍ୱାଇଁ, ନିର୍ଦ୍ଦେଶକ ଶରତ ଆଚାର୍ଯ୍ୟ, ଉପ ସଭାପତି ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ରାଧେଶ୍ୟାମ ମିଶ୍ରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଜ୍ଞାନ ପ୍ରକାଶ ବାରିକ ମଞ୍ଚ ପରିଚାଳନା କରିଥିଲେ।


**AFFIDAVIT**

By virtue of an affidavit before Notary Public, Bhubaneswar, dtd. 05.05.2026 I, Sumitra Samal, At- Naharakanta, Po/Ps- Balianta, Dist- Khordha, Odisha - 752101. I want to change my Daughter name from **Sonali Bhoi** to **Anisha Bhoi** for all purposes.

**ପୂର୍ବ ତଟ ରେଳପଥ**

ବହୁ ଉପଯୋଗୀ ଷ୍ଟଲ୍ ନିମନ୍ତେ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** 1) ଭୁବନେଶ୍ୱର (BAM) (ପ୍ଲାଟଫର୍ମ ନଂ. 1), 2) ଭୁବନେଶ୍ୱର (BAM) (ପ୍ଲାଟଫର୍ମ ନଂ. 2 ଏବଂ 3), 3) ଖୋର୍ଦ୍ଧା ରୋଡ୍ (KUR) (ପ୍ଲାଟଫର୍ମ ନଂ. 3), 4) କଟକ (CTC) (ପ୍ଲାଟଫର୍ମ ନଂ. 1), 5) କଟକ (CTC) (ପ୍ଲାଟଫର୍ମ ନଂ. 2 ଏବଂ 3), 6) ପୁରୀ (PURI) (କନକୋର୍ସ ଅଞ୍ଚଳ)।
**ନିଲାମ ଆରମ୍ଭ ତାରିଖ ଓ ସମୟ :** (କ୍ରମ ସଂ.01 ରୁ 06 ପର୍ଯ୍ୟନ୍ତ) : ତା.20.05.2026ରିଖ 1100 ଘଣ୍ଟିକା।
**ନିଲାମ ଅନ୍ତିମ ତାରିଖ :** ତା.20.05.2026 ରିଖ (କ୍ରମ ସଂ.01 ରୁ 06 ପର୍ଯ୍ୟନ୍ତ), ଏବଂ ସମୟ : 1130 ଘଣ୍ଟିକା (କ୍ରମ ସଂ. 01 ପାଇଁ), 1140 ଘଣ୍ଟିକା (କ୍ରମ ସଂ. 02 ପାଇଁ), 1150 ଘଣ୍ଟିକା (କ୍ରମ ସଂ. 03 ପାଇଁ), 1200 ଘଣ୍ଟିକା (କ୍ରମ ସଂ. 04 ପାଇଁ), 1210 ଘଣ୍ଟିକା (କ୍ରମ ସଂ. 05 ପାଇଁ), 1220 ଘଣ୍ଟିକା (କ୍ରମ ସଂ. 06 ପାଇଁ)।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ସାମିଲ କରିବା ନିମନ୍ତେ ଆଗ୍ରହୀ ବିଡରମାନଙ୍କୁ ୱେବସାଇଟ୍ : https://ireps.gov.in ର ଇ-ଅକ୍‌ସନ ଲିଜିଂ ବ୍ୟବ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-133/R/26-27

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NIMAPARA IRRIGATION DIVISION, NIMAPARA**
**Notice Invitation of Tenders**
**e-Procurement Notice No.- 02 / 2026-27 on dated 06.05.2026**
**E-mail Id: eenidnimapara@gmail.com**
32001/11/66/2627

1. Type of Work: - **Canal Works.**
2. Total No. of Work: - **54 (Fifty-Four) Nos.**
3. Bid Security (EMD) in Rupees: - **Refer to DTCN**
4. Cost of Bids in Rupees: - **Refer to DTCN**
5. Class of Contractors:- **"C" & "D"**
6. Period of Completion: - **Refer to DTCN**

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids on line. |
|---|---|---|---|
| Superintending Engineer, Nimapara Irrigation Division, Nimapara | NID- 12 / 2026-27 to NID- 65 / 2026-27 | Rs. 2.28 to Rs. 11.37 | From 13.05.2026 11.00 A.M. to 24.05.2026 5.30 P.M. |

Date of opening of the Bid: - **25.05.2026 at 11.00 A.M.**
Further details can be seen from the Govt. Website www.tendersodisha.gov.in
**Sd/-Superintending Engineer**
**Nimapara Irrigation Division**
OIPR-32001/32097/1/26-27/0002

**ଓଡ଼ିଶା ସରକାର** 9001/44/2627
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**
******
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର, ତା.୧୧.୦୫.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
**ପ୍ରମୁଖ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**
OIPR-9001/9001/1/26-27/0020

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
**ସୂଚନା**
CDA
13001/415/2627
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ୍ ନଂ- D/163 ଟିକୁ ଶ୍ରୀ ଅରୁଣ କୁମାର ମାଝୀ,ପିତା-୰ନାରାୟଣ ଚନ୍ଦ୍ର ମାଝୀ,ସା-ପ୍ଲଟ ନଂ- ,ସିଡିଏ,ସେକ୍ଟର-୭,ପୋ-ଅଭିନବ ବିଡାନାସୀ,ଥା-ମର୍କତ ନଗର,ଜିଲ୍ଲା-କଟକ,ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅରୁଣ କୁମାର ମାଝୀ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରଦ୍ୟୁମ୍ନ କୁମାର ସାହୁ,ପିତା-ଉମାନାଥ ସାହୁ,ସା-ସଂକିଲୋ,ପୋ-ପିଠାପଦା,ଥା-ନିଶ୍ଚିନ୍ତକୋଇଲି,ଜିଲ୍ଲା-କଟକ-୭୫୪୨୦୭ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13001/13037/1/26-27/0022 ସ୍ୱା/-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

**NILACHAL REFRACTORIES LIMITED**
**CIN:** L26939OR1977PLC000735
**Registered Office:** Plot No. 598/599, Kedarnath Apartment, Mahabir Nagar, Lewis Road, Bhubaneswar – 751002, Odisha, India;
**Tel. No.:** +91 8018495262;
**Email ID:** cs@nilachal.in; **Website:** www.nilachal.in

**NOTICE TO SHAREHOLDERS – REMOTE E-VOTING**

Notice is hereby given to the shareholders of Nilachal Refractories Limited ("Company") that pursuant to the provisions of Section 108 and Section 110 of the Companies Act, 2013 read with the applicable Rules made thereunder and Regulation 44 of the SEBI (Listing Obligations and Disclosure Requirements) Regulations, 2015, the Company has provided remote e-voting facility to its members in respect of the Special Resolution for approval of voluntary delisting of equity shares of the Company from BSE Limited and The Calcutta Stock Exchange Limited.
The remote e-voting facility commenced on **Sunday, April 26, 2026 at 9:00 A.M. (IST)** and shall remain open till **Monday, May 25, 2026 at 5:00 P.M. (IST)**. Thereafter, the remote e-voting module shall be disabled by National Securities Depository Limited ("NSDL") and voting shall not be allowed beyond the said date and time.
Members holding shares either in physical form or in dematerialized form as on the cut-off date i.e. **Friday, April 17, 2026**, are entitled to cast their votes electronically.
The Notice along with the Explanatory Statement has already been sent to the shareholders and is also available on the website of the Company and on the website of NSDL at https://www.evoting.nsdl.com/. The same is also available on the websites of BSE Limited and The Calcutta Stock Exchange Limited.
Any person who acquires shares of the Company and becomes a member after dispatch of the Notice and holding shares as on the cut-off date may obtain the login credentials by following the instructions mentioned in the Notice.
In case of any queries/grievances relating to remote e-voting, members may refer to the Frequently Asked Questions (FAQs) and e-voting user manual available at www.evoting.nsdl.com or contact NSDL at the designated helpline.
The results of the remote e-voting shall be declared on or before **Tuesday, May 26, 2026** and the same shall be displayed on the website of the Company, NSDL and communicated to the Stock Exchanges.

**For Nilachal Refractories Limited**
Sd/-
**Vimal Prakash**
Director
Date: May 09, 2026
Place: Bhubaneswar

## ସନ୍ଧ୍ୟା ହେଲେ ଖେଳ ପଡ଼ିଆ ପାଲଟୁଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**କଟକ, ୧୦।୫/ଏନ୍ଏନ୍ଏସ୍:** ଚାଉଳିଆଗଂଜ ଖେଳପଡ଼ିଆରେ ଦିନେ ଜାତୀୟ ସ୍ତରୀୟ ଖେଳ ଆୟୋଜିତ ହେଉଥିଲା, ସେହି ପଡ଼ିଆ ଏବେ ଅସାମାଜିକଙ୍କ ଆଡ଼ାସ୍ଥଳ ପାଲଟିଛି। ଏହି ଖେଳପଡ଼ିଆରେ କ୍ରିକେଟ, ଫୁଟବଲ ମ୍ୟାଚ, ଆୟୋଜନ ସହ ଯୁବ ଓ ବରିଷ୍ଠ ଲୋକମାନେ ସକାଳ ଓ ସନ୍ଧ୍ୟାରେ ଚଲାବୁଲା କରିଥାନ୍ତି। ଏଠାରେ ଖେଳ ଅଭ୍ୟାସ କରି ବହୁ କ୍ରୀଡ଼ାବିତ ନାଁ କମାଇଛନ୍ତି। ହେଲେ ପଡ଼ିଆର ରକ୍ଷଣାବେକ୍ଷଣ ଅଭାବରୁ ଏହି ପଡ଼ିଆର ଚିତ୍ର ବଦଳି ଯାଇଛି। ଏଠାରେ ଖେଳକୁଦ ପାଇଁ ଖେଳାଳିମାନେ ନାକ ଟେକୁଛନ୍ତି। ଏହି ପଡ଼ିଆ ପାର୍ଶ୍ୱରେ ଥିବା କ୍ଲବ କୋଠା ଉପରେ କମ୍ୟୁନିଟି ସେଂଟର ଓ ପାଖରେ ଥିବା ଆଉ ଏକ କୋଠାଘର କାମ ଅଧା ରହିଛି ଫଳରେ ଅସାମାଜିକମାନେ ଏଠାରେ ଯାବତୀୟ ନିଶା କାରବାର କରିବା ସହ ଆଡ୍ଡା ଜମାଉଥିବା ଅଭିଯୋଗ ହେଉଛି। ମଦ୍ୟପମାନେ ମଦ ବୋତଲ ଭାଂଗି ସେଗୁଡ଼ିକୁ ପଡ଼ିଆରେ ଫିଙ୍ଗି ଦେଉଛନ୍ତି। ଫଳରେ ଲୋକମାନେ ସକାଳ ଓ ସନ୍ଧ୍ୟା ଭ୍ରମଣ କରିପାରୁନାହାନ୍ତି। ପଡ଼ିଆ ପାଖରେ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ କଲୋନୀ ରହିଛି। ସନ୍ଧ୍ୟା ହେଲେ ଏଠାରେ ନିଶାଡ଼ିମାନେ ଏକାଠି ହୋଇ ଆସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିଶ୍ୱ ମାତୃ ଦିବସ ଓ ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ

**କଟକ, ୧୦।୫/ଏନ୍ଏନ୍ଏସ୍:** ବିଶ୍ୱ ମାତୃ ଦିବସ ଓ ଗଣକବି ବୈଷ୍ଣବ ପାଣିଙ୍କ ୭୦ତମ ଶ୍ରାଦ୍ଧ ଦିବସ ତଥା ମଂଚ କଳାକାରମାନଙ୍କ ସମ୍ମିଳନୀ କଟକ ମହାନଗର ନିଗମ ଅନ୍ତର୍ଗତ ୫୭ନଂ ୱାର୍ଡ଼ ସ୍ଥିତ ଗୋପାଳପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଏବଂ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ, କଟକର ସାଧାରଣ ସଂପାଦକ ବିଭୁତି ଭୂଷଣ ପଟ୍ଟନାୟକ ଉଦଘାଟନ କରିଥିବାବେଳେ ନାଟ୍ୟକାର କୈଳାସ ମଲିକ ମୁଖ୍ୟ ଅତିଥି ଓ ଗୋବିନ୍ଦ ଚନ୍ଦ୍ର ଦାଶ ମୁଖ୍ୟ




ବକ୍ତା ଭାବେ ଯୋଗ ଦାନ କରିଥିଲେ। ନାଟ୍ୟକାର ବିଶ୍ୱଭୂଷଣ ମହାନ୍ତି, ନାଟ୍ୟକାର ହରି ଜୀବନ ଦାସ, ନାଟ୍ୟକାର ସନ୍ତୋଷ କମ୍ପୁର ସାହୁ, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, କବି ଅକ୍ଷୟ କୁମାର ରାଉଳ, ମଂଚ ଅଭିନେତା ଦିଲ୍ଲୀପ ଗୋଛାୟତ, ଅଭିନେତା ସୁକାନ୍ତ କୁମାର ରାଉଳ, ମଂଚ ଅଭିନେତା ସୁକାନ୍ତ କୁମାର ଧଳ, ଶିକ୍ଷାବିତ ପ୍ରମୋଦ ପ୍ରଧାନ ଗୀତିନାଟ୍ୟକାର ବୈଷ୍ଣବ ପାଣିଙ୍କୁ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ମାତୃ ଦିବସ ଉପରେ ବିସ୍ତୃତ ଆଲୋଚନା କରି ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ ତରଫରୁ ପଟ୍ଟନାୟକ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ।

## ମହାନଦୀବିହାରରେ ଶ୍ରୀଜଗନ୍ନାଥଙ୍କ ଚାପ ଖେଳ ଉଦ୍‌ଯାପିତ

**କଟକ, ୧୦।୫/ଏନ୍ଏନ୍ଏସ୍:** କଟକ ଡେଭଲପମେଣ୍ଟ ଅଥରିଟି(ସିଡିଏ) ପକ୍ଷରୁ ମହାନଦୀବିହାର ଡେଭଲପମେଣ୍ଟ



ଆସୋସିଏସନ ଓ ଜଗନ୍ନାଥ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ପବିତ୍ର ଚନ୍ଦନ ଯାତ୍ରା ମହାନଦୀବିହାରସ୍ଥିତ ଶ୍ରୀ ଜଗନ୍ନାଥ ଉଦ୍ୟାନ ପରିସରରେ ଶ୍ରୀ ଜୀଉଙ୍କ ଚନ୍ଦନ ଯାତ୍ରା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ୟାନ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ମହାପ୍ରଭୁଙ୍କ ପବିତ୍ର ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଦୁଇଦିନିଆ କାର୍ଯ୍ୟକ୍ରମରେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ସିଡିଏ ମେମ୍ବର ଇଞ୍ଜିନିୟର ଅତନୁ ସାମନ୍ତ, ଏସିପି ଜୋନ–୫ ସୁଧାଂଶୁ ଜେନା, ଚାଉଳିଆଗଞ୍ଜ ଥାନାର ଆଇଆଇସି ବିଦ୍ୟୁତ ମହାନ୍ତି, କର୍ପୋରେଟର ଇଂ ସୁବ୍ରତ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ଅତିଥିଭାବେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେପି ନେତା ଶ୍ରୀତମ ଦାସ, ଓରମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ, କଟକ କ୍ଲବ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ, ଏମଡିଏ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ସ୍ୱାଇଁ, ଜ୍ଞାନ ରଂଜନ ଦାସ, ପ୍ରଭାକର ରଣା, ଜଗନ୍ନାଥ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ଇଂ ସୁବୋଧ ରାଉତରାୟ, ଉପସଭାପତି ବୈକୁଣ୍ଠ ନାଥ ଆଚାର୍ଯ୍ୟ, ସହସମ୍ପାଦକ ରାକେଶ ତ୍ରିପାଠୀ, କୋଷାଧ୍ୟକ୍ଷ ଶଶି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୋଲେଖ ଚନ୍ଦ୍ର କାନୁନଗୋ, ବରଦା ପ୍ରସନ୍ନ ନାୟକ, ବିଷ୍ଣୁ ପ୍ରସାଦ କର , ଶରତ ଚନ୍ଦ୍ର ଦାସ, ପ୍ରମୋଦ ଦାସ, ମହେନ୍ଦ୍ର ନାଥ ପଣ୍ଡା, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ଇଂ ଗୋପାଳ ଚନ୍ଦ୍ର ବେହେରା, ପ୍ରହ୍ଲାଦ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରକାଶ ନାୟକ, ଡଃ କମଳ ପ୍ରସାଦ ମହାନ୍ତି, ଶରତ ଚନ୍ଦ୍ର କୁଣ୍ଡୁ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନମିତା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ମମତା ଘଡେଇ, ପ୍ରିୟମ୍ବଦା ନାୟକ, ଲିନା ସାମଲ, ବିଦ୍ୟା ପରିଜା, ଲେଲିନ ପ୍ରଭା, ଇଂ ଶୈଳେନ୍ଦ୍ର ପ୍ରସାଦ ସ୍ୱାଇଁ, ଦୀପକ କୁମାର ରାଉତରାୟ, ଭାଗିରଥୀ ସାମଲ,ସାଇ ସୌରଭ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ଜଗନ୍ନାଥ ସାଂସ୍କୃତିକ ପରିଷଦର ସଭାପତି ଚତୁର୍ଭୁଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଧନେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ଶପଥ ଗ୍ରହଣ ଉତ୍ସବ

**କଟକ, ୧୦।୫/ଏନ୍ଏନ୍ଏସ୍:** ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ନର୍ସିଂ ଓ ପାରାମେଡିକାଲ ଶିକ୍ଷା ସମୂହ ଧନେଶ୍ୱର ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ସ୍‌ର ସ୍ଥାନୀୟ ବାଲିକୁଦା ଉତ୍ତମାପୁରସ୍ଥିତ କ୍ୟାମ୍ପସ୍-୨ରେ ଶପଥ ଗ୍ରହଣ ଏବଂ ଦୀପ ପ୍ରଜ୍ୱଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡକ୍ଟର ସଂଗ୍ରାମ କେଶରୀ ବିଶ୍ୱାଳ ଓ ପରିଚାଳନା ନିର୍ଦ୍ଦେଶିକା ସୁଜାତା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଏନ୍ଏମ, ଏଏନ୍ଏମ ଏବଂ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମର ୩୦୦ରୁ ଉର୍ଦ୍ଧ୍ୱ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଉତ୍ସର୍ଗୀକୃତ ସେବା ପ୍ରଦାନ ସହ ନିଜ ବୃତ୍ତିରେ ନୈତିକ ଅଭ୍ୟାସ ପାଇଁ ଶପଥ ନେଇଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମରଣିକା ସାହୁ, ଅଧକ୍ଷା ପ୍ରମିଳା କୁମାରୀ ନାୟକଙ୍କ ଉପସ୍ଥିତିରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ସଂଗୀତା ବରାଳ, ସ୍ମୃତିରେଖା ମହାନ୍ତି, ମଧୁସ୍ମିତା ଦାସ, ମନିଷା ଦାସ, ଇତିଶ୍ରୀ ସାହୁ, ସୁଶ୍ରୀତା ପ୍ରିୟଦର୍ଶିନୀ ସାହୁ, ଅନ୍ନପୂର୍ଣ୍ଣା ସ୍ୱାଇଁ, ସ୍ୱାତୀ ସ୍ୱରୂପା ସାମଲ, ଅନାମିକା ମହନ୍ତ, ପୌଶାଳୀ ଚକ୍ରବର୍ତ୍ତୀ, ଲୋପାମୁଦ୍ରା ସାହୁ, ସସ୍ମିତା ପ୍ରଧାନ, ଫକୀର ସାହୁ, ନିରାକାର ପଲେଇ, ବାଦଲ ଭୋଇ, ଦିଲ୍ଲୀପ କୁମାର ଦାସ, ଶ୍ୟାମ ସାମଲ ପ୍ରମୁଖ ଶପଥ ଗ୍ରହଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।





## ଆକାଶବାଣୀ କଟକ କେନ୍ଦ୍ରର ପ୍ରତିଷ୍ଠା ଦିବସ

**କଟକ, ୧୦।୫/ଏନ୍ଏନ୍ଏସ୍:** ଆକାଶବାଣୀ କଟକ କେନ୍ଦ୍ରର ୯୦ ତମ ପ୍ରତିଷ୍ଠା ଦିବସ ଅବସରରେ କଟକ ଦରଘା ବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନୃତ୍ୟ,ସଙ୍ଗୀତ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଆକାଶବାଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତିଷ୍ଠା ଦିବସ ଅବସରରେ ରୀତା ପଟ୍ଟନାୟକ, ଶ୍ରୀ ଅମିତ ଦାସ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଖଗେଶ୍ୱର ମାର୍ଥା ଓ ତାଙ୍କର ସାଥୀ ମାନେ ଓଡ଼ିଶାର ପାରମ୍ପାରିକ ପାଲା ପରିବେଷଣ କରିଥିଲାବେଳେ ରବି ଶତପଥି ଓ ତାଙ୍କ ସାଥୀମାନେ ଦାସକାଠିଆ ପରିବେଷଣ କରିଥିଲେ।




କଟକ ଆକାଶବାଣୀ କେନ୍ଦ୍ରରର ପ୍ରାକ୍ତନ ଅତିରିକ୍ତ ଉପ-ମହାନିର୍ଦ୍ଦେଶକ ହୃଷିକେଶ ପାଣି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କେନ୍ଦ୍ରର ମୁଖ୍ୟ ଜେ .କେ ନାଗର ଏବଂ ଭି .ଏ .ରାମ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ନିଷ୍ପାଦକ ଦୁର୍ଗା ମାଝିଙ୍କ ସମେତ ଅତିଥି ବୃନ୍ଦ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଇପିଏଫ୍ କର୍ତ୍ତୃପକ୍ଷଙ୍କ ସହ ପେନସନର୍ସ ସଂଘର ଆଲୋଚନା

**କଟକ, ୧୦।୫/ଏନ୍ଏନ୍ଏସ୍:** ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଏକ ପ୍ରତିନିଧି ଦଳ ଇପିଏଫ୍ ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ଠାରେ ଆଂଚଳିକ ଆୟୁକ୍ତ ରାଜର୍ଷି ଚକମାଙ୍କୁ ଭେଟି ଇପିଏଫ ପେନସନ ଭୋଗୀଙ୍କ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଆଂଚଳିକ କମିଶନର ଆବେଶ ମିଶ୍ର ଓ କାଶୀନାଥ ସାହୁ ଉପସ୍ଥିତ ଥିଲେ। ପ୍ରଥମେ ଆସୋସିଏସନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସାତଦଫା ସମ୍ବଳିତ ସମସ୍ୟା ଉପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇପିଏଫଓଙ୍କ ଦ୍ୱାରା ନାକଚ କରାଯାଇଥିବା ବର୍ଦ୍ଧିତ ପେନସନ ଦରଖାସ୍ତ ଗୁଡ଼ିକୁ ପୁନର୍ବିଚାର କରିବାକୁ



ଅନୁରୋଧ କରିଥିଲେ। ଓଡ଼ିଶା ଉଠାଜଳସେଚନ ନିଗମର ୨୦୧୪ ମସିହା ପର ଦରଖାସ୍ତ ଗୁଡ଼ିକ ସମୀକ୍ଷା କରାଯାଉଛି ବୋଲି କମିଶନର ପ୍ରକାଶ କରିଥିଲେ। ଅନ୍ୟ କେଶ୍ ଗୁଡ଼ିକ ବାବଦରେ ବିସ୍ତୃତ ବିବରଣୀ ଦେଲେ ସେମାନେ ପରବର୍ତ୍ତୀ ସମୀକ୍ଷା କରିବେ।

ଓଡ଼ିଶା କୃଷିଶିଳ୍ପ ନିଗମ ଓ ପୁରୀ କେନ୍ଦ୍ର ସମବାୟ ବ୍ୟାଙ୍କ ର କର୍ତ୍ତୃପକ୍ଷ ପୈଠ କରିଥିବା ଫର୍ମ ୧୧(୪) ର ସଠିକ ପ୍ରମାଣ ଦେଲେ ତାହାକୁ ବିଚାର କରାଯିବ। କାଜୁ ନିଗମ କର୍ତ୍ତୃପକ୍ଷ ଆବଶ୍ୟକୀୟ କାଗଜ ପତ୍ର ଭବିଷ୍ୟନିଧି କାର୍ଯ୍ୟଳୟରେ ଦାଖଲ କରିନଥିବାରୁ ଏହି ନିଗମର ୪୦ ଜଣ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କର ପ୍ରାପ୍ୟ ପାଇପାରିନଥିବା ବିଷୟ ଆଲୋଚନା ହୋଇଥିଲା। ଏ ବାବଦରେ ବିହିତ ପଦକ୍ଷେପ ନେବା ପାଇଁ ସ୍ଥିର ହୋଇଥିଲା। ଅନ୍ୟାନ୍ୟ ସମସ୍ୟା ଉପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଶ୍ରୀ ବ୍ରହ୍ମା। ଆଲୋଚନାରେ ସଭାପତି ବିଜୟ କୁମାର ଜେନା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସଚ୍ଚିଦାନନ୍ଦ ସମାନ୍ତରାୟ ଓ ଗୀତାଞ୍ଜଳି ପାତ୍ର ଭାଗ ନେଇଥିଲେ।

## ଅଲ୍ ଓଡ଼ିଶା ରାପିଡ୍ ସ୍କୁଲ୍ ଚେସ୍ ଚାମ୍ପିଅନଶିପ୍ ପ୍ରତିଯୋଗିତା



**କଟକ, ୧୦।୫/ଏନ୍ଏନ୍ଏସ୍:** ଅଷ୍ଟମ ଜିନିୟସ ଅଲ ଓଡ଼ିଶା ରାପିଡ଼ ସ୍କୁଲ ଚେସ ଚାମ୍ପିଅନଶିପ ପ୍ରତିଯୋଗିତା ଦରଖାପାଟଣା ସ୍ଥିତ ନାରାୟଣୀ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଅଲଓଡ଼ିଶା ଚେସ ଆସୋସିଏସନର ସଂପାଦକ ଦେବବ୍ରତ ଭଞ୍ଜ ଉଦଘାଟନ କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଓସିଏର ଅସ୍ଥାୟୀ ଅଧକ୍ଷ ଅସିତ ମୁଖାର୍ଜୀ, କଟକ ଜିଲ୍ଲା ଚେସ ଆସୋସିଏସନର ପରାମର୍ଶଦାତା ରଘୁନନ୍ଦନ ସାସମଲ, ପୂର୍ବତନ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, ସ୍କୁଲର ଅଧକ୍ଷ ନିକ୍କୋଲା ବାର୍ଲୋ, ଜିନିୟସ ଚେସ ସେଂଟରର ନିର୍ଦ୍ଦେଶିକା ବାସନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୯ଟି ଜିଲ୍ଲାରୁ ବରିଷ୍ଠ ଓ କନିଷ୍ଠ ବିଭାଗରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

## ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**କଟକ, ୧୦।୫/ଏନ୍ଏନ୍ଏସ୍:** କଟକ ମାରୱାଡି ଯୁବ ମଞ୍ଚ ପକ୍ଷରୁ ଏକ ମେଗା ରକ୍ତ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୨୦୦ ଶହରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଯୁବକ, ମହିଳା ଏବଂ ସମାଜର ବିଭିନ୍ନବର୍ଗର ଲୋକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ଏବଂ ରକ୍ତ ଅଭାବକୁ ଦୂର କରିବା




ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା। ବିଶେଷକରି ମାତୃ ଦିବସର ମାଆମାନେ ଏକାଠି ରକ୍ତ ଦାନ କରିଥିଲେ। ଏଥିରେ ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦୋସ୍ ଅତିଥିଭାବେ ଯୋଗ ଦେଇଥିଲେ। ପଓ୍ୱନ ଜାଜୋଡିଆ, ସ୍ମୃତି ରଂଜନ ମିଶ୍ର, ହେମନ୍ତ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ଗୁଲଜାରୀ ଲାଲଜୀ ଲଡାନିଆ, ଅଶୋକ ଶର୍ମା, ଅନୀଲ ଅଗ୍ରୱାଲ, ଶ୍ୟାମ ସୁନ୍ଦର ଚୌଧୁରୀ, ଜଗଦୀଶ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୀତଳେଶ୍ୱରୀ ପ୍ରକାଶନୀର ବାର୍ଷିକ ଉତ୍ସବ

**କଟକ, ୧୦।୫/ଏନ୍ଏନ୍ଏସ୍:** ଶ୍ରୀରାମଚନ୍ଦ୍ର ଭବନଠାରେ ସାଧାରଣ ସଂପାଦକ ଆଦିକନ୍ଦ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶନ ସଂସ୍ଥା ତଥା କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ଶୀତଳେଶ୍ୱରୀ ପ୍ରକାଶନୀର ପଂଚମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ବହୁ ଆଗଧାଡ଼ିର ସାରସ୍ୱତ ସ୍ରଷ୍ଟା ଦୁଇଟି ଆଲୋଚନା ଚକ୍ରରେ ବରେଣ୍ୟ ବକ୍ତାଭାବେ ଯୋଗଦେଇ ଆମ ଭାଷା ହେଉଛି ଆମ ଜାତିର ପରିଚୟ ବୋଲି କହିଥିଲେ। ମେୟର ସୁବାସ ସିଂହ, ଅନୁଷ୍ଠାନର ଉପଦେଷ୍ଟା କବି ଅମରେଶ ପଟ୍ଟନାୟକ, ସଭାପତି ପ୍ରଫେସର ଡାକ୍ତର ଶକ୍ତି



ପ୍ରସାଦ ଦାସ, ପାରାଦୀପ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦଘାଟନ କରି 'ବାଣୀକୃପା' ପତ୍ରିକାର ପଂଚମ ସଂଖ୍ୟାକୁ ପାଠକାର୍ପଣ କରିଥିଲେ। ସାଧାରଣ ସଂପାଦକ ଆଦିକନ୍ଦ ରାଉତ ପ୍ରାରମ୍ଭିକା ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜୟ ରାଉତରାୟ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କବି ସୀତାନାଥ ସାହୁ, କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ସୁକାନ୍ତି ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବରେ ଡ ବୈଜୟନ୍ତୀମାଳା ଶତପଥୀ ଅତିଥି ଥିଲେ। ମାତୃଭାଷାର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଥିଲେ ସମ୍ବାଦ ଗ୍ରୁପର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ। ସାରସ୍ୱତ ସାଧାକ ଡ. ବାବାଜୀ ଚରଣ ପଟ୍ଟନାୟକ, ସୁସାହିତ୍ୟିକ ଇଂ ଡ ପ୍ରଭାକର ସ୍ୱାଇଁ, ବିଶିଷ୍ଟ ଗାଳ୍ପିକା ସୁସ୍ମିତା ରଥ ପ୍ରମୁଖ ଆଲୋଚନା କରିଥିଲେ। ଗୀତିକାର ଓ ସଂଳାପକାର ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସନ୍ଧ୍ୟା ମହାପାତ୍ର, ନମିତା ପଣ୍ଡା, ସରୋଜ ରଂଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୩ରୁ ସାତସାହି କଟକ ନୃତ୍ୟ ଉତ୍ସବ

**କଟକ, ୧୦।୫/ଏନ୍ଏନ୍ଏସ୍:** ଆସନ୍ତା ୧୩ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସାତସାହି କଟକ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ। । କଟକ ଜିଲ୍ଲା ପ୍ରଶାସନ, ସାଂସ୍କୃତିକ ପରିଷଦ, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ପ୍ରତ୍ୟକ୍ଷ ଭାବରେ ନୃତ୍ୟୋତ୍ସବର ସହାୟତା ଏହା ଆୟୋଜିତ ହେବ। ଦଶଦିନ ବ୍ୟାପୀ ଜାତୀୟ ସାଂସ୍କୃତିକ ନୃତ୍ୟୋତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବା, ଆଇନ, ଶିକ୍ଷା, ଶିଳ୍ପ ନିର୍ମାଣ, ସଂସ୍କୃତି, କଳା ସାହିତ୍ୟ ସଂଗୀତ ରିୟଲ ଇଷ୍ଟେଟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶତାଧିକ ପ୍ରତିଭାଧର ବ୍ୟକ୍ତିଙ୍କୁ ଜାତୀୟ ରତ୍ନ ଏବଂ ଓଡ଼ିଶା ରତ୍ନ ସମ୍ମାନ ପ୍ରଦାନ କରାଯିବ। ପ୍ରତିଦିନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଉପସ୍ଥିତ ଦର୍ଶକମାନଙ୍କୁ ଛଅଗୋଟି ପ୍ରଶ୍ନ କାର୍ଯ୍ୟକ୍ରମ ମଧ୍ୟରେ ପଚରା ଯିବ। ସଠିକ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯିବ। ଶେଷ ସନ୍ଧ୍ୟାରେ କମିଟିର ମୁକପତ୍ର 'ନଗରୀ କଟକ' ଉନ୍ମୋଚନ କରାଯିବ। ଏହି ସମ୍ମିଳନୀରେ ମେୟର ସୁବାସ ସିଂହ, କାର୍ଯ୍ୟକାରୀ ସଭାପତି ଡ.ଦୁର୍ଗାଚରଣ ଦାଶ, ଉପଦେଷ୍ଟା ପଦ୍ମଲୋଚନ ମିଶ୍ର, ଉପସଭାପତି ରୂପକ ମିଶ୍ର, କୋଷାଧ୍ୟକ୍ଷ ଉଲ୍ଲାସ ସେନ, ପୃଷ୍ଠପୋଷକ ସୁନୀଲ ମୁରାରକା, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମିରଂଜନ ତ୍ରିପାଠୀ, ସ୍ନେହାଶିଷ ଦାସ, ପାର୍ଥସାରଥୀ ସ୍ୱାଇଁ, ଜୀତନ୍ଦ୍ରେ ପ୍ରସାଦ, ବିନୋଦ କୁମାର ଦାସ, ରାଜେଶ ଦାସ, ବିଶ୍ୱଜିତ ସେନପତି, ସୁବାଶିଷ ଦାସ, ସୁଶାନ୍ତ ପାତ୍ର, ସୁନିଲ ଦାସ, ସତ୍ୟପ୍ରସାଦ ଧଳସାମନ୍ତ, ଶକ୍ତିପ୍ରସାଦ ସାମଲ, ସନ୍ଦୀପ ମିଶ୍ର, ତନ୍ମୟ ରାୟ, ଅଚ୍ୟୁତାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସଂପାଦକ ଦୀନେଶ ମହାପାତ୍ର ପରିଚାଳନା କରିଥିଲେ।



## ନଦୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା

**କଣ୍ଟାପଡ଼ା,୧୦।୫/ଏନ୍ଏନ୍ଏସ୍:** ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଟୀ ଗ୍ରାମର ଜନୈକା ଯୁବତୀ ବଡ଼ବିଲ ସ୍ଥିତ କନ୍ଦଳ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଆଧାରରେ ପୋଲିସ ପ୍ରଶାସନ ଓ ଓଡ୍ରାଫ୍ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ ତଥା ଦିନତମାମ ଖୋଜାଖୋଜି କରିବାପରେ ଅପରାହ୍ନରେ ମୃତ ଯୁବତୀଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପରେ ମୃତ ଯୁବତୀଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନାକୁ ପୋଲିସ ପଠାଇଥିବା ଜଣାଯାଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ପୁଲିସ ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ

### ଖୋଳତାଡ଼ ଆରମ୍ଭ ...

କେଉଁଠୁ ଆଣିଥିଲେ ଦଉଡ଼ି ? କାହିଁକି ମାଡ଼ମାରି ସୌମ୍ୟଙ୍କୁ କରିଥିଲେ ଦରମରା ? ଆମ୍ବୁଲାନ୍ସ ବଦଳରେ କାହିଁକି ଅମାନୁଷିକ ଭାବେ ବୁହା ଯାଇଥିଲା ଟ୍ରକ୍ ଡାଲାରେ ? ବାଲିଅନ୍ତା ଥାନା କନେଷ୍ଟବଳ ରାମଚନ୍ଦ୍ର ବେହେରାଙ୍କ ସମେତ ଜଣେ ଏସ୍ଆଇ, ଏଏସ୍ଆଇ, ଓଏପିଏଫ କନେଷ୍ଟବଳଙ୍କଠୁ ତଥ୍ୟ ଆଦାୟ କରିଛି କ୍ରାଇମବ୍ରାଞ୍ଚ ଟିମ୍। କାରଣ ଘଟଣାଦିନରେ ଏମାନେ ହିଁ ଡ୍ୟୁଟିରେ ଥିଲେ। ତାସହ ରାମଚନ୍ଦ୍ର ମଧ ଘଟଣାସ୍ଥଳରେ ଥିଲେ। ଏ ସମସ୍ତଙ୍କଠାରୁ ଅନେକ ପ୍ରମାଣ ପାଇଛି ତଦନ୍ତକାରୀ ଟିମ୍। ପାଖରେ ଗୋରୁ ବନ୍ଧା ହେବା ପାଇଁ ଥିବା ଖୁଣ୍ଟରୁ ଦଉଡ଼ି ଆଣି ସୌମ୍ୟଙ୍କ ହାତଗୋଡ଼କୁ ବାନ୍ଧିଥିଲେ ଲୋକେ। କ୍ରାଇମବ୍ରାଞ୍ଚ ଏସପି ଗଣମାଧମକୁ ତଦନ୍ତ ବିଷୟରେ କୌଣସି ସୂଚନା ଦେବାକୁ ମନା କରିଥିଲେ। ତେବେ ତଥ୍ୟ ଓ ସତ୍ୟ ଆଧାରରେ ତଦନ୍ତ ହେବ ବୋଲି କ୍ରାଇମବ୍ରାଞ୍ଚ ଏସପି ଶ୍ରୀ ରାଉତରାୟ କହିଛନ୍ତି। ସେହିପରି କ୍ରାଇମବ୍ରାଞ୍ଚର ଅନ୍ୟ ଏକ ଟିମ୍ ରାମଚନ୍ଦ୍ରପୁର କାଜ ନିକଟସ୍ଥ ଘଟଣାସ୍ଥଳକୁ ଯାଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ କ୍ରାଇମବ୍ରାଞ୍ଚ ଟିମ୍ ସେଠାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖି କ୍ରାଇମବ୍ରାଞ୍ଚ ଡିଆଇଜି ବି ଗଙ୍ଗାଧର କହିଛନ୍ତି ଯେ ତଦନ୍ତ ପାଇଁ ୧୦ ଅଫିସରଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଛି । ତଦନ୍ତରେ ସାଇଣ୍ଟିଫିକ, ସାଇବର ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ସାମିଲ କରାଯାଇଛି । ଦୁଷ୍କର୍ମ, ହତ୍ୟା ଓ ପୁଲିର ଅବହେଳାକୁ ନେଇ ତଦନ୍ତ କରାଯିବ। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି କହିଛନ୍ତି। ମୃତ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ବାପା କୈଳାସଙ୍କ ପକ୍ଷରୁ ଦିଆଯାଇଥିବା ଏତଲାକୁ ଆଧାର କରି ବାଲିଅନ୍ତା ଥାନା ଏକ ମାମଲା (ନଂ.୨୨୧/୨୦୨୬) ରୁଜୁ କରିଥଲା। ଏହାକୁ ନେଇ କ୍ରାଇମବ୍ରାଞ୍ଚ ନଂ.୬/୨୦୨୬ରେ ଏକ କେସ୍ ରୁଜୁ କରିଛି। ସେହିପରି ପୀଡିତାଙ୍କ ପକ୍ଷରୁ ଏତଲାକ୍ରମେ ଥାନା ପକ୍ଷରୁ ମାମଲା (ନଂ.୨୨୦/୨୦୨୬) ରୁଜୁ କରିଥିଲା ଏବଂ ଏହାକୁ ନେଇ କ୍ରାଇମବ୍ରାଞ୍ଚ ନଂ.୭/୨୦୨୬ରେ ମାମଲା ରୁଜୁ କରିଛି। ତେବେ ଏବେ ସୁଦ୍ଧା ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କରାଯାଇଛି। ଭାଇରାଲ୍ ଭିଡିଓ ଫୁଟେଜ ୪୧ ଜଣଙ୍କୁ ପୁଲିସ ଚିହ୍ନଟ କରିଛି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଗିରଫଦାରୀ ଭୟରେ ଆଖପାଖ ୫ ଗାଁ ପୁରୁଷ ଶୂନ୍ୟ ହୋଇଯାଇଛି। ଆଜି ସୌମ୍ୟଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଥିବାବେଳେ ତାହା ତଦନ୍ତ ପାଇଁ ସହାୟକ ହେବ।

### ଏସ୍ଆଇଙ୍କ ସମେତ ୪ ...

ଅବହେଳା ଓ ଶାନ୍ତି-ଶୃଙ୍ଖଳା ରକ୍ଷାରେ ଅସଫଳତାକୁ ନେଇ ଏହି କଠୋର ପଦକ୍ଷେପ ନିଆଯାଇଛି। ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଆଜି କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପରେ ବାଲିଅନ୍ତା ଥାନାର ଏହି ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପୁଲିସ୍ ଟିମ୍‌ର ଉପସ୍ଥିତିରେ ଜିଆରପି କନ୍‌ଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ଥିବା ଅଭିଯୋଗ ହୋଇଥିଲା। ଲୋକେ ତାଙ୍କୁ ମନଇଚ୍ଛା ପିଟୁଥିବା ବେଳେ ପୁଲିସ ନୀରବଦ୍ରଷ୍ଟା ପାଲଟିଥିଲା। ଏମିତିକି ଜଣେ ଏସ୍ଆଇଙ୍କ ନିର୍ଦ୍ଦେଶରେ ସୌମ୍ୟଙ୍କୁ ଗୋଡ଼ହାତ ବନ୍ଧା ଅବସ୍ଥାରେ ଏକ ବାଉଁଶରେ ଭାର କରି ଏକ ମିନି ଟ୍ରକ୍‌ରେ ପକାଇ ଡାକ୍ତରଖାନା ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କୁ ଗିରଫ କରାଯାଇଛି। ଦୁଇ ଜଣ ଯୁବତୀଙ୍କୁ ମୃତ ସୌମ୍ୟ ଅସଦାଚରଣ କରିବା ସହ ମାଡ଼ମାରିଥିବା ତଥା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି କଥାକୁ ନେଇ ଘଟଣାସ୍ଥଳରେ ଜମା ହୋଇଥିବା ଲୋକେ ସୌମ୍ୟଙ୍କୁ ପିଟି ପିଟି ମାରି ଦେଇଥିଲେ।

### ଚାଲିଗଲା ୨ ଶ୍ରମିକଙ୍କ ...

ବୋଲି ସେମାନଙ୍କ ସହକର୍ମୀମାନେ କହିଛନ୍ତି। ଏହି ଅଘଟଣ ପରେ ଠିକାସଂସ୍ଥା ଶ୍ରମିକଙ୍କ ସହାୟତାରେ ୨ ଜଣଙ୍କୁ ତୁରନ୍ତ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ଡାକ୍ତର କହିଛନ୍ତି ଯେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଲେ ଦେହରେ କ୍ଷତ ହୋଇଥାଏ। କିନ୍ତୁ ମୃତ ଶ୍ରମିକମାନଙ୍କ ଦେହରେ କୌଣସି କ୍ଷତ ବା ଦାଗ ନାହିଁ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ପଚାରିବାରୁ ଶବ ବ୍ୟବଚ୍ଛେଦ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଯୋଡା ଥାନା ପକ୍ଷରୁ କୁହାଯାଇଛି।

### ଯୁବକଙ୍କୁ ଗୁଳି କରି ...

ବହୁ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରୁ ପୁଲିସକୁ ଏକ ବ୍ୟବହୃତ ଖୋକା ମିଳିଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଖିଲ୍ କୁ ହତ୍ୟା କରାଯାଇଥିବା ଜଣାପଡିଥିବା ବେଳେ ନିଖିଲ୍ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି । ହତ୍ୟାକାଣ୍ଡ ପରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଇନ୍ଦିରାନଗର ଅଞ୍ଚଳର ସମସ୍ତ ସିସିଟିଭିକୁ ଯାଞ୍ଚ କରୁଛି ପୁଲିସ। ଅପରାଧିମାନେ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଗିରଫ୍ କରାଯିବ ବୋଲି ରାୟଗଡା ଏସପି ସୂଚନା ଦେଇଛନ୍ତି ।

### ନୂଆ ରୂପ ପାଇବ ...

ପ୍ରସ୍ତାବରେ ଖଣ୍ଡିଗିରି ଓ ଉଦୟଗିରିର ସଠିକ ରକ୍ଷଣାବେକ୍ଷଣ ସହ ପାହାଡ଼ର ଚତୁଃପାର୍ଶ୍ୱ ବିକାଶ ପାଇଁ ଅନେକ ଯୋଜନା ରହିଛି। ଖଣ୍ଡିଗିରି ପୂର୍ବ ପାର୍ଶ୍ୱ ଓ ପାଦଦେଶର ସୌନ୍ଦର୍ଯ୍ୟକରଣ, ପାହାଡ଼ ଉପରକୁ ଯିବା ପାଇଁ ୱାକିଂ ପାର୍କ, ମ୍ୟୁଜିକାଲ୍ ଫାଉଣ୍ଟେନ ସହ ବୃକ୍ଷରୋପଣ ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଅତ୍ୟାଧୁନିକ ଆଲୋକୀକରଣ ସହ ବୟସ୍କ ଓ ଭିନ୍ନକ୍ଷମ ପର୍ଯ୍ୟଟକଙ୍କ ସୁବିଧା ଲାଗି ରାମ୍ପ ଓ ଲିଫ୍ଟ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି। ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଦୁଇ ପାହାଡ଼ ମଧ ଦେଇ ଯାଇଥିବା ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଏକ ସ୍ଥାୟୀ ପ୍ରବେଶ ପଥ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଏକ ମୁକ୍ତାକାଶ ରଙ୍ଗମଞ୍ଚ ବା ଓପନ୍ ଏୟାର୍ ଆମ୍ଫି-ଥିଏଟର୍ ଏବଂ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ ଲାଗି ଯୋଜନା ରହିଛି। ତେବେ ଷ୍ଟାଣ୍ଡିଂ କମିଟିର ଏହି ପ୍ରସ୍ତାବ ବର୍ତ୍ତମାନ ସୁପାରିଶ ପର୍ଯ୍ୟାୟରେ ରହିଛି। ପର୍ଯ୍ୟଟନ ବିଭାଗ ଏହି ସମସ୍ତ ପ୍ରସ୍ତାବର ଅନୁଧ୍ୟାନ କରି ଜମି ଅଧିଗ୍ରହଣ ଓ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ମେ' ମାସ ଶେଷ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଚୂଡ଼ାନ୍ତ ନିଷ୍ପତ୍ତି ପରେ ହିଁ ଏହି ପ୍ରକଳ୍ପର ଭାଗ୍ୟ ନିର୍ଦ୍ଧାରଣ ହେବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ବର୍ତ୍ତମାନ ଖଣ୍ଡଗିରି ଉଦୟଗିରିର ରକ୍ଷଣାବେକ୍ଷଣ ଓ ପରିଚାଳନା କରୁଛି।

### ୧୨ରେ ମୁଖ୍ୟମନ୍ତ୍ରୀଭାବେ ...

ସର୍ବସମ୍ମତିକ୍ରମେ ହିମନ୍ତ ବିଶ୍ୱଶର୍ମା ବିଜେପି ତଥା ଏନ୍‌ଡିଏର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ଶ୍ରୀ ବିଶ୍ୱଶର୍ମା ମେ' ୧୨ ତାରିଖରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଆଜି ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିଛନ୍ତି। ଏହି ସମୟରେ ତାଙ୍କ ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଜେପି ନଡ୍ଡା ଉପସ୍ଥିତ ରହିଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଲଗାତାର ତୃତୀୟ ଥର ପାଇଁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଆସାମରେ ସରକାର ଗଠନ କରିବାକୁ ଯାଉଛି। ଆସାମ ବିଧାନସଭାରେ ୧୨୬ଟି ଆସନ ଥିବା ବେଳେ ଏନ୍‌ଡିଏ ୧୦୨ଟି ଆସନ ଜିତିଛି। ତା' ମଧ୍ୟରେ ବିଜେପି ସର୍ବାଧିକ ୮୨ଟି ଆସନ ରହିଛି। ବିଜେପି ପାଖରେ ଏକାକୀ ସରକାର ଗଠନ କରିବାର ମ୍ୟାଜିକ୍ ନମ୍ବର ରହିଛି। ଅନ୍ୟପକ୍ଷରେ ଏନ୍‌ଡିଏରେ ସାମିଲ ଏଜିପି ଓ ବିପିଏଫଙ୍କୁ ୧୦ଟି ଲେଖାଏ ଆସନ ମିଳିଛି।

### ଭେଟିଦେଲେ ୧୯୪ କୋଟିର ...

୧୬.୧୦ କୋଟି ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ୪୭.୨୪ କୋଟି ଟଙ୍କା ବ୍ୟୟରେ ରେଢ଼ାଖୋଲ ବ୍ଲକ ଅଧୀନରେ ଆସୁଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି, ଯାହା ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ଆହୁରି ସହଜ କରିବ। ସେହିପରି ରେଢାଖୋଲରେ ସବ୍-ଡିଭିଜନାଲ ଭେଟେରିନାରୀ ହସ୍ପିଟାଲ ଓ ଚାରମାଳ ଠାରେ ଭେଟେରିନାରୀ ଡିସପେନ୍ସାରୀ ଏବଂ ଯୁଯୁମୁରା ବ୍ଲକରେ ଚାମୁଣ୍ଡା-ବୁର୍ଦ୍ଧା ଓ ଏନ୍‌ଏଚ୍-୬ରୁ ମରାଙ୍ଗାବାହାଲ ରାସ୍ତାର ଉନ୍ନତିକରଣ ସହ ସରାପାଲି ଓ ଜାମୁଝରିଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ବିକାଶ କାର୍ଯ୍ୟକୁ ଗତିଶୀଳ କରିବ। ନାକଟିଦେଉଳ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ଭାରତ ସରକାର ଏହାକୁ 'ଆକାଂକ୍ଷୀ ବ୍ଲକ' ଭାବେ ଚୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ଦୁଗ୍ଧ ଚାଷ, ପନିପରିବା ଓ ଆମ୍ବ ଚାଷକୁ ବ୍ୟାପକ କରି ସ୍ଥାନୀୟ ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ରେଢ଼ାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ସମେତ ସମଗ୍ର ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଦୋହରାଇଛନ୍ତି। ଏହି ବିକାଶମୂଳକ କାର୍ଯ୍ୟ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶା ସରକାରଙ୍କୁ ବିଶେଷ ଭାବରେ ଧନ୍ୟବାଦ ଜଣାଇଛନ୍ତି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଓଡ଼ିଶାର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ ଭାମୁ, ପିଡି ପ୍ରସନ୍ନ ପାତ୍ର, ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ଡିଏଫଓ ଏଲାବରେଶନ କେ. , ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ,ଏନୟଏସି ଅଧ୍ୟକ୍ଷ ଶିବରାମ ସାହୁ, ବିଜେପି ନେତା ରାମ ଚନ୍ଦ୍ର ମେହେର, ନାଉରୀ ନାଏକ, ଦେବେନ୍ଦ୍ର ମହାପାତ୍ର, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପା ରାଣୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ହଳଦୀପାଣି ପିଚ୍‌କାରୀ ଖେଳ ସହ ବାହାର ଚନ୍ଦନଯାତ୍ରା ଶେଷ



**ପୁରୀ,୧୦।୫/ଏନ୍ଏନ୍ଏସ୍:** ସରିଛି ମହାପ୍ରଭୁଙ୍କ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା। ହଳଦୀପାଣି ପିଚକାରୀ ଖେଳ ସହ ବାହାର ଚନ୍ଦନ ଯାତ୍ରା ଉତ୍ସବ ଶେଷ ହୋଇଛି। ମାନବୀୟ ଲୀଳାଧାରୀ ମହାପ୍ରଭୁ ଗ୍ରୀଷ୍ମ ଦାଉରୁ ମୁକ୍ତି ପାଇଁ ଜଳକ୍ରୀଡ଼ା କରୁଥିବା ବେଳେ ଗତକାଲି ଭଉଁରୀ ପରେ ଆଜି ୨୧ ଦିନର ଯାତ୍ରା ପୂର୍ବୋକ୍ତ ବିଧିରେ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେୟ, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ଭିତରଚ୍ଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଦେବ ବିଗ୍ରହମାନେ ଜଳକ୍ରୀଡା କରିବାକୁ ଚାପ ଡଙ୍ଗା ନନ୍ଦା ଓ ଭଦ୍ରାରେ ବିଜେ କରିଥିଲେ। ପରେ ଠାକୁରମାନେ ପ୍ରତ୍ୟକ ଦିନ ଭଳି ନରେନ୍ଦ୍ର ପୁଷ୍କରଣୀରେ ଏକ ଘେରା ପରିକ୍ରମା କରି ଜଳକ୍ରୀଡା କରିଥିଲେ। ଦିନ ଚାପ ସରିବା ପରେ ମହାଜନ ସେବକମାନେ ଭଦ୍ରା ଚାପରୁ ରାମକୃଷ୍ଣଙ୍କୁ ଆଣି ମଦନମୋହନ ବିଜେ କରିଥିବା ଧଳାଚାପ ବା ନନ୍ଦାରେ ବିଜେ କରିଥିଲେ। ହଳଦୀ ପାଣି ନୀତି ସମ୍ପନ୍ନ କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଦେବବିଗ୍ରହମାନଙ୍କୁ ଚନ୍ଦନ ଚକଡ଼ାକୁ ବିଜେ କରାଯାଇଥିଲା। ମଇଲମ ଆଦି ନୀତି ସମ୍ପାଦନା କରାଯାଇ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି କରାଯାଇଥିଲା। ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସୂଚନାଥାଉ ଯେ, ଆସନ୍ତାକାଲି ଠାରୁ ପୁନଶ୍ଚ ୨୧ ଦିନ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଭିତର ଚନ୍ଦନଯାତ୍ରା ଅନୁଷ୍ଠିତ ହେବ।

## ତୋଟା ଗୋପୀନାଥରେ ଗୌର-ଗଦାଧରଙ୍କ ନୌକା ବିହାର

**ପୁରୀ,୧୦।୫/ଏନ୍ଏନ୍ଏସ୍:** ଚନ୍ଦନ ଯାତ୍ରା ର ଶେଷପର୍ବ ହଳଦୀ ପାଣିରେ ଆଧ୍ୟାତ୍ମିକ ଚେତନା ର ଅନ୍ୟତମ ପ୍ରାଣକେନ୍ଦ୍ର ତୋଟା ଗୋପୀନାଥ ପରିସରରେ ନୌକା ବିହାର ଅନୁଷ୍ଠିତ ହୋଇଛି। ମହନ୍ତ କୃଷ୍ଣଚନ୍ଦ୍ର ଦାସ ମହାରାଜାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସୁନ୍ଦର ନୌକାବିହାର, ପରିସରର ଚିରଘାଟରୁ ଆରମ୍ଭ ହୋଇଥିଲା। ଏଥିରେ ଶ୍ରୀଗୋପୀନାଥ, ରାଧାରାଣୀ, ଗୌର ଓ ଗଦାଧର ଭାସମାନ ନୌକାବିହାର କରିଥିଲେ। ପାଞ୍ଚଟି ଧଳାହଂସଙ୍କ ସହ ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ର, ଅଜୟ ସନ୍ୟାସୀ, ଘରେଘରେ ଭାଗବତର ସୁଲୋଚନା ମିଶ୍ର, କୀର୍ତ୍ତନ ଦଳ, ସ୍ଥାନୀୟ ବାସିନ୍ଦା, ସେବାୟତଙ୍କ ସମେତ ଅନେକ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଶ୍ରୀରଘୁନାଥ ଓ ଶ୍ରୀଦଧିବାମନଜିଉଙ୍କ ପୀଠରେ ଭଉଁରୀଯାତ୍ରା



**ଓଡ଼ଗାଁ,୧୦।୫/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣକଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ପ୍ରସିଦ୍ଧ ଭଉଁରି ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ,ଅନୁଜ ଲକ୍ଷ୍ମଣ, ମାତା ଜାନକୀ, ଭକ୍ତ ହନୁମାନ, ରାମେଶ୍ୱର ମହାଦେବ ଓ ରାଧାକାନ୍ତ ମଠରେ ବିଜେ ଶ୍ରୀରାଧାକାନ୍ତଙ୍କୁ ବନାରସୀ ଖଚିତ ସ୍ୱତନ୍ତ୍ର ବିମାନରେ ବିଜେକରି ପଟୁଆରରେ ବାହାରି ଚନ୍ଦନବେଦୀକୁ ବିଜେ କରିଥିଲେ। ଥାଟପାଟ ପଟୁଆର ଏବଂ ହରିବୋଲ ହୁଳହୁଳି ଧ୍ୱନିରେ ଓଡ଼ଗାଁ ପ୍ରକମ୍ପିତ ହୋଇପଡ଼ିଥିଲା। ପ୍ରଭୁ ସାଗର ପୁଷ୍କରିଣୀରେ ପହଞ୍ଚିବାପରେ ଚାପଖେଳ ସାରି ଚନ୍ଦନକୁଣ୍ଡରେ ବୁଡିବାପରେ ଦୈନିକ ବିଧି ଓ ନୀତି କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତିରେ ଶ୍ରୀଜିଉମାନେ ଚନ୍ଦନ ପୋଖରୀରେ ୨୧ଘେରା ଭଉଁରୀ ବିହାର କରିବାସହିତ ଚାପ ଖେଳିଥିଲେ। ଶ୍ରୀରଘୁନାଥଙ୍କ ସମେତ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ଭିନ୍ନଭିନ୍ନ ସୁସିତ ବିମାନରେ ଉପବେଶନ କରି ଶ୍ରଦ୍ଧାଳୁମାନେ ନଗର ଭ୍ରମଣରେ ଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଶ୍ରୀଜିଉମାନେ ଚାପଖେଳ ନିମନ୍ତେ ଚନ୍ଦନ ପୋଖରୀ ମଧ୍ୟରେ ରହିଥିବାରୁ ପରମ୍ପରା ଅନୁଯାୟୀ ଅହୋରାତ୍ର ମନ୍ଦିର ଖୋଲା ରହିଥିଲା। ମଧ୍ୟାହ୍ନ ପୂର୍ବରୁ ଶ୍ରୀଜିଉମାନେ ମନ୍ଦିର ପ୍ରବେଶ କରିବା ଅବସରରେ ନାଟ୍ୟ ମଣ୍ଡପରେ ଜଗତୀପୂଜା, ଆଳତି ଅର୍ପଣଲାଗି ହେବାପରେ ନିଜନିଜ ମନ୍ଦିରକୁ ପ୍ରବେଶ କରିଥିଲେ। ମନ୍ଦିର ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ଓ ସମସ୍ତ ସେବାୟତ ଯୋଗଦେଇ ଠାକୁରଙ୍କ ଭଉଁରି ଯାତ୍ରାକୁ ସଫଳ କରିଥିଲେ। ସେହିପରି ମନ୍ଦିରମାଳିନୀ କୁରାଳ ବିଜେ ଶ୍ରୀଶ୍ରୀ ଦଧିବାମନ ଜିଉଙ୍କ ପବିତ୍ର ଭଉଁରୀଯାତ୍ରା ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଶ୍ରୀ ଦଧିବାମନ ଜିଉ, ରଘୁନଥ ଜିଉ, ଭାଗବତ ଜିଉ, ରାମେଶ୍ୱର ମହାଦେବ, ଲକ୍ଷ୍ମୀନାରାୟଣ ଜୀଉ ଓ ସତ୍ୟନାରାୟଣ ଜୀଉଙ୍କୁ ବିମାନ ଯୋଗେ ରାତି ତମାମ ନଗରପରିକ୍ରମା କରାଯାଇଥିଲା। ମନ୍ଦିର ଟ୍ରଷ୍ଟି ସୁରେଶ ପ୍ରଧାନ,ସୁଚାଷ ପ୍ରଧାନ, ନବୀନ ସାହୁ ଓ ସରପଞ୍ଚ ବିଜନ ପାଇକରାୟ, ପୂଜକ କୁଞ୍ଜମୋହନ ପାଣିଗ୍ରାହୀଙ୍କ ସମେତ ସମସ୍ତ ସେବାସୀ ଏବଂ ଗ୍ରାମବାସୀ ଏହି ଯାତ୍ରାରେ ସହଯୋଗ କରିଥିବା ଜଣାପଡ଼ିଛି।

## ଶ୍ରୀଜିଉଙ୍କ ଭଉଁରୀ ଯାତ୍ରା ଭୋଗଖିଆ ସମ୍ପନ୍ନ

### ତିନି ବିମାନରେ କଳସ ଲାଗି ନଥିବାରୁ ଭକ୍ତ ଅସନ୍ତୋଷ



**କଣ୍ଟିଲୋ,୧୦।୫/ଏନ୍ଏନ୍ଏସ୍:** ଦୀର୍ଘ ୨୧ ଦିନ ହେଲା ଚାଲିଥିବା ଶ୍ରୀ ନୀଳମାଧବଙ୍କ ପବିତ୍ର ଚନ୍ଦନ ଚାପ ଯାତ୍ରାର ଆଜି ହେଉଛି ୨୧ ଚାପ ରବିବାର ଅନ୍ତିମ ଦିବସ। ଆଜିର ଏହି ଦିନରେ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଚଳନ୍ତିପ୍ରତିମା ପ୍ରଭୁ ଶ୍ରୀମଦନମୋହନ, ଲକ୍ଷ୍ମୀ ସରସ୍ୱତୀ ଓ ଶିବପାର୍ବତୀ ତିନିଟି ସୁସିତ ମଣି ବିବାନରେ ଦ୍ୱାର ଦ୍ୱାର ବୁଲି ଶ୍ରୀଜିଉଙ୍କ ପୂର୍ବଦ୍ୱାର ପାର୍ଶ୍ୱ ଭଗ୍ନ କାର୍ଯ୍ୟାଳୟଠାରୁ ଛାମୁପାଟଣା ଓ ଫକୀର ଅତବୁଦ୍ଧି ପାଟଣାରେ ଭଉଁରୀ ଭୋଗ ଖାଉଥିବା ବେଳେ ବିଭାଗୀୟ କର୍ମଚାରୀ ଓ ବ୍ରାହ୍ମଣ ସେବାୟତଙ୍କ ଦୂରଦୃଷ୍ଟିର ଅଭାବ ଓ ଖାମଖିଆଲ ନୀତି ଯୋଗୁ ସୁସିତ ବିବାନଗୁଡ଼ିକର ସୌନ୍ଦର୍ଯ୍ୟ ବଢ଼ାଉଥିବା କଳସ କୌଣସି ବିମାନରେ ଲାଗି ନଥିବା ଯୋଗୁ ଭକ୍ତମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଜନସାଧାରଣଙ୍କ ପ୍ରତିକ୍ରିୟା ଶୁଣିବା ପରେ କେଉଁ ମାନ୍ଧାତା ଅମଳର ବହୁ ପୁରୁଣା ପିତ୍ତଳ କଳସକୁ ବରୁଣେଇ ଛକରେ କେବଳ ମଦନମୋହନଙ୍କ ବିମାନରେ ଲଗାଯାଇଥିଲା। ତେବେ ଶ୍ରୀଜିଉମାନଙ୍କର ଚକାଚକ୍ ଦେଖାଯାଉଥିବା ରୂପା କଳସ କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠିଛି। କାହା ସ୍ୱାର୍ଥ ପାଇଁ ସେ ସବୁ ବ୍ୟବହାର ହେଉନି ? ପ୍ରକୃତରେ ସେହି ରୂପା କଳସଗୁଡ଼ିକ ଅଛି ନା କୁଆଡ଼େ ଗାଏବ ହୋଇଯାଇଛି ତା'ର ଟିକିନିଖି ତନଖି କରିବା ସହିତ କାହିଁକି ଶ୍ରୀଜିଉମାନଙ୍କ ବିମାନରେ କଳସ ଲଗାଯାଇ ନଥିଲା ତାହାର ଯାଞ୍ଚକରି ବିହିତ ପଦକ୍ଷେପ ନେବାକୁ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାରଙ୍କ ନିକଟରେ ଦାବି ହୋଇଛି।

### ତାମିଲନାଡୁରେ 'ବିଜୟ' ରାଜ ...

ମଧ ନିଜ ମାତୃଭାଷା 'ତାମିଲ୍'ରେ ଶପଥ ପାଠ କରିଥିଲେ। ଶପଥ ସମାରୋହ ସୋମବାର (ମେ' ୧୦) ପୂର୍ବାହ୍ନ ୧୦:୧୫ ମିନିଟ୍ ସମୟରେ ଚେନ୍ନାଇର ଜବାହରଲାଲ୍ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଆଜିର ଏହି ଶପଥ ସମାରୋହରେ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପରେ ହିଁ ବିଜୟ ଆକ୍ସନ୍ ମୋଡ୍‌କୁ ଆସିଛନ୍ତି। ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରଥମ ସରକାରୀ ଦସ୍ତାବିଜ୍‌ରେ ସ୍ୱାକ୍ଷର କରିଛନ୍ତି। ଏଥିରେ ୨୦୦ ୟୁନିଟ୍ ମାଗଣା ବିଜୁଳି, ମହିଳା ସୁରକ୍ଷା ଦଳ ଏବଂ ଆଣ୍ଟି ଡ୍ରଗ୍ସ ସ୍କ୍ୱାଡ୍ ଗଠନ କରିବା ପାଇଁ ନିର୍ଦ୍ଦେଶ ସାମିଲ ରହିଛି। ମୁଖ୍ୟମନ୍ତ୍ରୀ ବିଜୟ ନିଜର ପ୍ରଥମ ଅଭିଭାଷଣରେ କହିଛନ୍ତି ଯେ, ସେ କୌଣସି ଶାହୀ ପରିବାରରୁ ଆସିନାହାଁନ୍ତି; ଲୋକମାନେ ହିଁ ତାଙ୍କୁ ସ୍ୱାଗତ କରିଛନ୍ତି ଏବଂ ଗ୍ରହଣ କରିଛନ୍ତି। ତେଣୁ ସେ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରତାରଣା କରିବେ ନାହିଁ। ଲୋକଙ୍କ ପାଇଁ କାମ କରିବାକୁ ସେ ରାଜନୀତିକୁ ଆସିଛନ୍ତି ଏବଂ ନିଷ୍ଠାର ସହ ସେ ନିଜ ଦାୟିତ୍ୱ ତୁଲାଇବେ। ଏଥିସହିତ ସେ ପୂର୍ବତନ ଡିଏମ୍‌କେ ସରକାରଙ୍କ ଉପରେ ରାଜ୍ୟକୁ ୧୦ ଲକ୍ଷ କୋଟି ଟଙ୍କାର ଋଣ ଭାରରେ ବୁଡ଼ାଇ ଦେଇଥିବା ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ତାଙ୍କ ଦଳକୁ ସରକାର ଗଠନରେ ସମର୍ଥନ ଦେଇଥିବାରୁ କଂଗ୍ରେସ, ଭିସିକେ ଏବଂ ବାମପନ୍ଥୀ ଦଳଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ତାମିଲନାଡୁ ବିଧାନସଭା ପାଇଁ ବର୍ତ୍ତମାନ ସମୟରେ ଟିଭିକେ ନେତା ଏମ୍.ଭି. କରୁପ୍ପୈୟାଙ୍କୁ ପ୍ରୋଟେମ୍ ବାଚସ୍ପତି ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ୧୩ ମେ'ରେ ବିଧାନସଭାରେ ସଂଖ୍ୟା ଗରିଷ୍ଠତା (ଆସ୍ଥା ଭୋଟ୍ ହାସଲ) ପ୍ରମାଣ କରିବାକୁ କହିଥିବା ସୂଚନା ମିଳିଛି।

୧୯୭୪, ୨୨ ଜୁନ୍‌ରେ ଜନ୍ମିତ ବିଜୟ (୫୧ ବର୍ଷ) ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସମୟରେ ନିର୍ଦ୍ଧାରିତ ଧାଡ଼ି ବ୍ୟତୀତ ଅନ୍ୟ କଥା କହିବାକୁ ଲାଗିଥିଲେ। ଏଥିପାଇଁ ରାଜ୍ୟପାଳ ଆର୍ଲେକର ତାଙ୍କୁ ଅଟକାଇଥିଲେ ଏବଂ କେବଳ ନିର୍ଦ୍ଧାରିତ ଶପଥ ପାଠ ମଧ୍ୟରେ ସୀମିତ ରହିବାକୁ କହିଥିଲେ। ବିଜୟ ମଧ ରାଜ୍ୟପାଳଙ୍କ ଏହି ଅନୁରୋଧକୁ ସମ୍ମାନ ଜଣାଇ ଚୂଡ଼ାନ୍ତ ଭାଷଣ ହିଁ ପାଠ କରିଥିଲେ। ତେବେ ଦକ୍ଷିଣ ଭାରତୀୟ ରାଜ୍ୟ ରାଜନୀତି ଇତିହାସରେ ପ୍ରଥମ ଥର ପାଇଁ କୌଣସି ମୁଖ୍ୟମନ୍ତ୍ରୀଙ୍କୁ ସୁଟ୍‌ବୁଟ୍‌ରେ ଶପଥ ପାଠ କରିବା ଦେଖିବାକୁ ମିଳିଛି। ଆଜି ପର୍ଯ୍ୟନ୍ତ ସମସ୍ତ ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ପାରମ୍ପରିକ ପୋଷାକ 'ଧୋତି-ସାର୍ଟ୍' ପିନ୍ଧିକରି ହିଁ ଶପଥ ଗ୍ରହଣ କରିବା ଦେଖିବାକୁ ମିଳିଥାଏ। କିନ୍ତୁ ବିଜୟ ଆଜି କଳା ରଙ୍ଗର ବ୍ଲେଜର ଏବଂ ପ୍ୟାଣ୍ଟ୍ ପିନ୍ଧି ଶପଥ ସମାରୋହରେ ଯୋଗଦେଇଥିଲେ। ଶପଥ ସମାରୋହରେ ବିଜୟଙ୍କ ପରିବାର ସହ ଅଭିନେତ୍ରୀ ତ୍ରିଶା ମଧ ଯୋଗଦେଇଥିଲେ।

ଶପଥ ସମାରୋହରେ ଟିଭିକେକୁ ସମର୍ଥନ ଦେଇଥିବା କଂଗ୍ରେସର ଅନ୍ୟତମ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ମଧ ଉପସ୍ଥିତ ରହିଥିଲେ। ଶପଥ ଗ୍ରହଣ ଶେଷ ହେବା ପରେ ପରେ ରାହୁଲ ଏବଂ ବିଜୟ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ, ଫୋନ୍ ଯୋଗେ ବିଜୟଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ହେବାର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ବିଜୁ ଜନତା ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ବିଜୟଙ୍କୁ ଫୋନ୍ କରି ଶୁଭେଚ୍ଛା ଜଣାଇଥିବା ସୂଚନା ମିଳିଛି। ସେହିପରି ସିନେ ଜଗତର ଅନେକ ନାମୀଦାମୀ ଅଭିନେତା, ଅଭିନେତ୍ରୀ ମଧ ବିଜୟଙ୍କୁ ତାଙ୍କର ଏହି ନୂଆ ଇନିଂସ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଜୟ ରାଜନୀତିକୁ ପ୍ରବେଶ କରିବା ସହ ଅଭିନୟ ଦୁନିଆକୁ ଅଲବିଦା କହିସାରିଛନ୍ତି। ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'ଜନନାୟଗଣ' ମୁକ୍ତି ଅପେକ୍ଷାରେ ଅଛି।

## ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା



**ଭୁବନେଶ୍ୱର,୧୦।୫/ଏନ୍ଏନ୍ଏସ୍:** ଖରା ଛୁଟି ରେ ପିଲାମାନଙ୍କୁ କିଛି ଶିକ୍ଷଣୀୟ ଜ୍ଞାନ ପ୍ରଦାନ ନିମନ୍ତେ ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର୍ ଗ୍ରୁପ ପକ୍ଷରୁ ଆୟୋଜିତ ୨୩ ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ଦୀର୍ଘ ଦଶଦିନ ଧରି ଚାଲିଥିଲା। ଆଜି ଉଦ୍‌ଯାପନୀ ଉତ୍ସବରେ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ପିଲାମାନଙ୍କୁ ଏକ ଶିକ୍ଷା ଭ୍ରମଣରେ ଭୁବନେଶ୍ୱର ଅଣାଯାଇ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ ଆଦି ବୁଲାଇ ନିଆଯାଇଥିଲା। ପରେ ପିଲାମାନେ କେନ୍ଦ୍ର ସରକାରଙ୍କ ସିପେଟ ଶିକ୍ଷାନୁଷ୍ଠାନ ପରିଦର୍ଶନକରି ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସିପେଟର ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଅନ୍ୟତମ ପ୍ରଫେସର ବିଶ୍ୱଜିତ ବେହୁରା ପିଲାମାନଙ୍କ ସହ ଭାବ ବିନିମୟ କରି ପିଲାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବାବେଳେ ପେଟ୍ରୋକେମିକାଲ୍‌ରୁ କିପରି ବିଭିନ୍ନ ଉପାଦାନ ଆଦି ତିଆରି ହେଉଛି ତାହା ଦେଖାଇଥିଲେ। ପରେ ପିଲାମାନେ ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ଗ୍ରୁପ୍ ପକ୍ଷରୁ ଉର୍ମିଳା ମହାରଣା, ଗୌରୀଶଙ୍କର ମହାପାତ୍ର, ଅଜୟ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୧୦।୫/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଶାଳଝରିଆ ଗ୍ରାମର ଅଭୟ ବେହେରା(୭୦) ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ବୃଦ୍ଧ ବ୍ୟକ୍ତି ଜଣକ ଶନିବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବରିଷ୍ଠ ଡାକ୍ତର ଅଭିଷାର ପଣ୍ଡା ସୂଚନା ଦେଇଛନ୍ତି। ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କୃତିବାସ ହରିଚନ୍ଦନ କହିଛନ୍ତି।

## ସୌମ୍ୟରଞ୍ଜନଙ୍କ ମୃତ୍ୟୁରେ କ୍ୟାଣ୍ଡଲ୍ ରାଲି

**କଣ୍ଟାପଡ଼ା,୧୦।୫/ଏନ୍ଏନ୍ଏସ୍:** ସୌମ୍ୟରଞ୍ଜନଙ୍କ ମୃତ୍ୟୁରେ ତାଙ୍କ ଜନ୍ମସ୍ଥାନ ମଉଜପୁରରୁ ଏକ ବିଶାଳ କ୍ୟାଣ୍ଡେଲ ରାଲି ବାହାରି ଶୋଭାଯାତ୍ରା କରି ଅଡ଼ଶପୁର ପର୍ଯ୍ୟନ୍ତ ଆସିଥିଲେ, ଏଥିରେ ବିଭିନ୍ନ ଦଳର ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ, ନେତୃମଣ୍ଡଳୀ,ଓ ବହୁସଂଖ୍ୟାରେ ପୁରୁଷ, ମହିଳା ସାମିଲ ଥିଲେ, ସୌମ୍ୟଙ୍କୁ ନ୍ୟାୟ ଆମର ଦାବୀ .




ପିତାମାତାଙ୍କୁ ଉଚିତ କ୍ଷତିପୂରଣ ଦାବି ଭଳି ସ୍ଲୋଗାନ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରୁଥାନ୍ତି, ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡାଙ୍କ ସମେତ ସଦର ଏସଡିପିଓ, ଅତିରିକ୍ତ ଗ୍ରାମାଞ୍ଚଳ ଏସପି ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିଛି ।

### ଆଜିର ସମୟ ...

ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ସିକନ୍ଦରାବାଦ୍‌ଠାରେ ଆୟୋଜିତ ବିଜେପିର ଏକ ଶୋଭାଯାତ୍ରାରେ ମଧ ପ୍ରଧାନମନ୍ତ୍ରୀ ସାମିଲ ହୋଇଥିଲେ ଏବଂ ଏହିଠାରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏପ୍ରକାର ଭାଷଣ ରଖିଥିଲେ। ମୋଦୀ ନିଜ ଭାଷଣ ପ୍ରସଙ୍ଗରେ ସଦ୍ୟ ସମାପ୍ତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସମ୍ପର୍କରେ ମଧ କହିଥିଲେ ଏବଂ ଦେଶର ସର୍ବ ପୁରାତନ ଦଳ କଂଗ୍ରେସକୁ ଶାଣିତ କଟାକ୍ଷ କରିଥିଲେ। ତେଲେଙ୍ଗାନାରେ ଡିଏମ୍‌କେକୁ ଛାଡି କଂଗ୍ରେସ ଟିଭିକେ'କୁ ସମର୍ଥନ ଦେବା ପ୍ରସଙ୍ଗରେ କହିଥିଲେ ଯେ, କଂଗ୍ରେସ ଏକ ବିଶ୍ୱାସ ଘାତକ ଦଳ। କ୍ଷମତା ପିପାସୁ କଂଗ୍ରେସ କେବଳ ଏହା ନିଜର ସହଯୋଗୀମାନଙ୍କୁ କେବଳ ପଛରୁ ଛୁରା ମାରିବା ଜାଣିଛି। ନିଜ ସ୍ୱାର୍ଥ ପାଇଁ ଯୋଡିହେଉଥିବା କଂଗ୍ରେସର ଅସଲ ମୁଖା ସମୟେ ସମୟେ ଦେଶବାସୀଙ୍କ ନିକଟରେ ଉତ୍ତୁରିଯାଇଛି। ସେହିପରି ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରିବା, ଏବଂ ଆସାମ, ପୁଦୁଚେରୀରେ ବିଜେପିକୁ ମିଳିଥିବା ବିଜୟ ସମ୍ପର୍କରେ ମଧ ମୋଦୀ କହିଥିଲେ।

ନମସ୍କାର
୭
ସୋମବାର, ୧୧ ମେ’ ୨୦୨୬
ନିତିଦିନ NITIDIN

## ଆଜିର ଇତିହାସ

- ୧୭୮୪-ମୈଶୂରର ଶାସକ ଟିପୁ ସୁଲତାନ ଓ ଇଂରେଜମାନଙ୍କ ମଧ୍ୟରେ ସନ୍ଧି ହୋଇଥିଲା।
- ୧୯୫୧-ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ କରାଯାଇଥିଲା।
- ୧୯୬୨-ଆଜିର ଦିନରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଦେଶର ରାଷ୍ଟ୍ରପତି ଭାବରେ ଚୟନ କରାଯାଇଥିଲା।
- ୧୯୯୮- ରାଜସ୍ଥାନର ପୋଖରାନ୍‌ରେ ତିନୋଟି ପରମାଣୁ ପରୀକ୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।
- ୨୦୦୦-ଜନସଂଖ୍ୟା ଘଡ଼ି ଅନୁସାରେ ଦେଶର ଜନସଂଖ୍ୟା ଏକ ବିଲିଅନ୍ ଅତିକ୍ରମ କରିସାରିଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଆର୍ଥିକ ଭାବରେ ଦିନଟି ଉତ୍ତମ। ନିକଟ ବନ୍ଧୁଙ୍କ ସାହାଯ୍ୟରେ କିଛି ବ୍ୟାପାରୀ ଧନ ଲାଭ କରିବେ। ସନ୍ଧ୍ୟା ସମୟରେ ଶୁଭ ସମାଚାର ପାଇବେ। ରଚନାତ୍ମକ କ୍ଷେତ୍ରର ଲୋକମାନେ ସଫଳତା ପ୍ରାପ୍ତ କରିବେ।

**ବୃଷ** - ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ପ୍ରୋଜେକ୍ଟରୁ ସଫଳତା ପାଇବେ। ରୋମାଣ୍ଟିକ ଜୀବନ ଖୁବ୍ ରହିବ। ପରିବାରର ସଦସ୍ୟଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। କଲିଗ୍ କାମକୁ ପ୍ରଶଂସା କରିବେ।

**ମିଥୁନ** - ଖାଦ୍ୟପେୟ ପ୍ରତି ଅବହେଳା କରନ୍ତୁ ନାହିଁ। କୌଣସି ପେଣ୍ଡିଂ ପେମେଣ୍ଟ କରିପାରନ୍ତି। ଆର୍ଥିକ ଲାଭ ଯୋଗୁ ଧନର ସ୍ଥିତିରେ ସୁଧାର ହେବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ।

**କର୍କଟ** - କରଜ ଶୁଝିବାରେ ସଫଳ ହେବେ। କାର୍ଯ୍ୟସ୍ଥଳରେ ନୂଆ ଭୂମିକା ଗ୍ରହଣ କରିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ। ପରିବାରକୁ ସମୟ ଦେବେ। ବାଣୀ ଉପରେ ସଂଯମ ରଖନ୍ତୁ।

**ସିଂହ** - ଗର୍ଭବତୀ ମହିଳାମାନେ ଖାସ୍ ଧ୍ୟାନ ଦେବେ। କାରୋବାରୀ ସ୍ଥିତି ମଜଭୁତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାହିତ ଲୋକମାନଙ୍କ ପ୍ରେମ ଜୀବନ ଶାନ୍‌ଦାର ରହିବ।

**କନ୍ୟା** - ମନ ଆଜି ପ୍ରସନ୍ନ ରହିବ। ଶୈକ୍ଷିକ କାମରେ ସଫଳତା ମିଳିବ। ସନ୍ତାନ ତରଫରୁ ସୁଖଦ ସମାଚାର ପାଇବେ। ମାତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଅତିବାଦୀ ନହେଲେ ଭଲ। ଆର୍ଥିକ ଲାଭ ହୋଇପାରେ।

**ତୁଳା** - ଶାରୀରିକ ଭାବରେ ଫିଟ୍ ରହିବା ପାଇଁ ବ୍ୟାୟାମ କରନ୍ତୁ। ନିବେଶର ଅବସର ପାଇବେ। ଧନର ସ୍ଥିତିରେ ସୁଧାର ହେବ। ନୂଆ ଗ୍ରାହକମାନଙ୍କ ପାଇଁ ଶାନ୍‌ଦାର ଦିନଟିଏ। ଯାତ୍ରା ଲାଭକାରୀ ରହିବ।

**ବିଛା** - ମନରେ ଶାନ୍ତି ଓ ପ୍ରସନ୍ନ ଭାବ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ସୁଖ-ଶାନ୍ତି ରହିବ। ସୁଖଦ ସମାଚାର ମିଳିପାରେ। ଆୟ ବୃଦ୍ଧି ହେବ। ଭୂମି, ବାହନ କିଣିବା ସମ୍ଭବ।

**ଧନୁ** - ଆଜି ମଉଜ-ମସ୍ତି କରିବେ। ଧନ ଲାଭର ସମ୍ଭାବନା ରହିଛି। ବ୍ୟାପାରୀ ବ୍ୟବସାୟର ବିସ୍ତାର କରିପାରନ୍ତି। ଜୀବନସାଥି ଆବଶ୍ୟକତା ପୂରଣ କରିବେ। ପରିବାର ସହିତ ଧାର୍ମିକ ଯାତ୍ରା ସମ୍ଭବ।

**ମକର** - ଆତ୍ମବିଶ୍ୱାସରେ ବୃଦ୍ଧି ହେବ। ଅଧିକ ବ୍ୟୟ ହେବା ଯୋଗୁ ମନ ଚିନ୍ତିତ ରହିବ। ମାତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। କୌଣସି ମିତ୍ରଙ୍କ ସହଯୋଗରେ ପରିବର୍ତ୍ତନ ଆସିବ। ଯାତ୍ରାରୁ ଲାଭ ମିଳିପାରେ।

**କୁମ୍ଭ** - ଆଜି ପ୍ରେମ ଓ ସନ୍ତାନରୁ ଲାଭ ମିଳିବ। ଜୀବନସାଥିଙ୍କ ସହଯୋଗ ପାଇବେ। କାମରେ ସିନିୟର୍ସଙ୍କ ସହଯୋଗ ମିଳିବ। ନୂଆ କାମର ଆରମ୍ଭ ସମ୍ଭବ। ସମ୍ପର୍କୀୟଙ୍କ କାରଣରୁ ମାନସିକ ଚାପ ମିଳିପାରେ।

**ମୀନ** - ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ନକଲେ ଭଲ। ସମ୍ପର୍କରେ ଫାଟ ସୃଷ୍ଟି ହେବ। ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ଉତ୍ତମ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ।
ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍। (୧୭/୨୦)

ଯାହାଙ୍କ ଠାରୁ କୌଣସି ପ୍ରକାର ପ୍ରତ୍ୟୁପକାରର ଆଶା ମିଳିବାର ନ ଥାଏ, ସେପରି ଲୋକଙ୍କୁ କର୍ତ୍ତବ୍ୟ ପ୍ରେରଣାରେ ଉପଯୁକ୍ତ ସ୍ଥଳରେ, ଉପଯୁକ୍ତ ସମୟରେ ଓ ଉପଯୁକ୍ତ ପାତ୍ରରେ ଯେଉଁ ଦାନ ଦିଆଯାଏ, ତାହା ହିଁ ସାତ୍ତ୍ୱିକ ଦାନ। କହିବାର ଉଦ୍ଦେଶ୍ୟ ହେଉଛି ଯେ ଯେଉଁ ଲୋକମାନେ ଖାଇବାକୁ ପାଉନଥିବେ, ଚିକିତ୍ସା ପାଇଁ ଅର୍ଥ ନଥିବ, ସଂକ୍ରାମକ ରୋଗରେ ପୀଡିତ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ପାଇଁ, ପାଠ ପଢିବା ପାଇଁ ସାହାଯ୍ୟ କରିବା ଭଳି ସେବା କରିବା ସକାଶେ ସେହି କାର୍ଯ୍ୟକୁ ସାତ୍ତ୍ୱିକ ଦାନ କୁହାଯାଏ। ସେମାନେ ହିଁ ବାସ୍ତବରେ ଦାନ ଗ୍ରହଣ କରିବାର ଉପଯୁକ୍ତ ପାତ୍ର। ଶ୍ରୀ ରାମକୃଷ୍ଣଙ୍କ ଭାଷାରେ - ତେବେ ଦୟାର କାର୍ଯ୍ୟ, ଦାନାଦି କାର୍ଯ୍ୟ କ’ଣ କରିବ ନାହିଁ? ତାହା ନୁହେଁ। ସମ୍ମୁଖରେ ଦୁଃଖ କଷ୍ଟ ଦେଖିଲେ ଟଙ୍କା ଥିଲେ ଦେବା ଉଚିତ। ଜ୍ଞାନୀ କହେ - ଦେ ରେ ଦେ ରେ କିଛି ଦେ। ମହାପୁରୁଷମାନେ ଜୀବ ଦୁଃଖରେ କାତର ହୋଇ ଭଗବାନଙ୍କର ପଥ ଦେଖାଇ ଦିଅନ୍ତି। ଆନ୍ନଦାନ ଅପେକ୍ଷା ଜ୍ଞାନଦାନ, ଭକ୍ତିଦାନ ଆହୁରି ବଡ଼।

# ବୈଜ୍ଞାନିକ ଉପଲବ୍ଧିର ଦିନ




ଆଜି ଦେଶରେ ପାଳନ କରାଯାଉଛି ଟେକ୍ନୋଲୋଜି ଦିବସ। ଦେଶର ବୈଜ୍ଞାନିକ ଓ ସେମାନଙ୍କର ଉପଲବ୍ଧିଗୁଡ଼ିକ ପ୍ରତି ସମ୍ମାନ ଜଣାଇ ଏହି ଦିବସଟିକୁ ସମର୍ପିତ କରାଯାଇଛି। ୧୧ ମେ’, ୧୯୯୮ରେ ରାଜସ୍ଥାନର ପୋଖରାନ ଠାରେ ‘ଅପରେସନ୍ ଶକ୍ତି’ ଅନ୍ତର୍ଗତ ତିନୋଟି ସଫଳ ପରମାଣୁ ପରୀକ୍ଷଣ କରାଯାଇଥିଲା। ଏହି ସଫଳ ପରୀକ୍ଷଣକୁ ସ୍ମରଣ କରିବା ଓ ବୈଜ୍ଞାନିକ ଉପଲବ୍ଧିଗୁଡ଼ିକ ପାଇଁ ଆଜିର ଦିନରେ ପାଳନ କରାଯାଉଛି ନ୍ୟାସନାଲ୍ ଟେକ୍ନୋଲୋଜି ଡେ’। ଏହି ଦିବସର ମହତ୍ତ୍ୱ ପ୍ରତି ଲୋକମାନଙ୍କୁ ସଚେତନ କରେଇବା, ଭାରତକୁ ବୈଶ୍ୱିକ ସ୍ତରରେ ସୁପରପାୱାର ଭାବରେ ବିକଶିତ କରିବା ଥିଲା ପରମାଣୁ ପୋଖରାନ ନ୍ୟୁକ୍ଲିଅର ପରୀକ୍ଷଣର ଉଦ୍ଦେଶ୍ୟ। ଏହି ପରୀକ୍ଷଣ ବିଜ୍ଞାନ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବରେ କାମ କରିଥିଲା। ତେବେ ୧୧ ମେ’ ପରେ ଦେଶରେ ୫ଟି ପରମାଣୁ ପରୀକ୍ଷଣ କରାଯାଇଥିଲା। ଏହାପରେ ୧୩ ମେ’ରେ ଦୁଇଟି ପରମାଣୁ ପରୀକ୍ଷଣ ହୋଇଥିଲା ଓ ବାକି ପରୀକ୍ଷଣ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପ୍ରଶାସନ ଅନ୍ତର୍ଗତ କରାଯାଇଥିଲା। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ପଛରେ ରହିଛି ଦେଶର ସାଇନ୍ସ ଓ ଟେକ୍ନୋଲୋଜି ସେକ୍ଟରରେ ଦେଶର ଉପଲବ୍ଧିଗୁଡ଼ିକୁ ସମ୍ମାନିତ କରିବା, ବୈଜ୍ଞାନିକ, ଇଞ୍ଜିନିୟର୍ ଓ ଟେକ୍ନିକ୍ ନବାଚାରଗୁଡ଼ିକୁ ସମ୍ମାନ ଜଣାଇବା। ତେବେ ୧୯୯୯ରେ ଏହି ଦିବସର ଆରମ୍ଭ କରିଥିଲେ ପୂର୍ବ ଦିବଂଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ। କିପରି ସ୍ୱଦେଶୀ ଟେକ୍ନିକ୍‌ଗୁଡ଼ିକ ଦେଶକୁ ଆତ୍ମନିର୍ଭର କରାଇଛି ଏହି ଦିବସ ଆମକୁ ସ୍ମରଣ କରାଇଦିଏ।

# ଦେଶର ଜୀବନରେଖା

ଭାରତ ନଦୀମାନଙ୍କର ଦେଶ। ଏଠାରେ ଛୋଟ ବଡ଼ ହୋଇ ୪୦୦ରୁ ଅଧିକ ନଦୀ ପ୍ରବାହିତ ହେଉଛନ୍ତି। ଏଥିମଧ୍ୟରୁ କିଛି ନଦୀ ସଦାବାହାର ହୋଇଥିବା ବେଳେ କିଛି ନଦୀଙ୍କୁ ଋତୁଜନିତ ବୋଲି କୁହାଯାଏ। ଏହି କ୍ରମରେ ଆଜି ଜାଣିବା ଦେଶର ଏକମାତ୍ର ନଦୀ ସମ୍ପର୍କରେ ଯେଉଁଥିରୁ ସବୁଠାରୁ ଅଧିକ ଅକ୍ସିଜେନ୍ ମିଳିଥାଏ। ପାଞ୍ଚଟି ରାଜ୍ୟ ଦେଇ ଅତିକ୍ରମ କରିଥିବା ଓ ଦେଶର ଜୀବନରେଖା ବୋଲି କୁହାଯାଉଥିବା ଏହି ନଦୀର ନାମ ଗଙ୍ଗା। ବୈଜ୍ଞାନିକ ଅଧ୍ୟୟନ ଓ ରିପୋର୍ଟସ୍‌କୁ ଆଧାର କରି ଗଙ୍ଗା ନଦୀରୁ ଅଧିକ ଅକ୍ସିଜେନ୍ ମିଳୁଥିବା ତଥ୍ୟ ବିଷୟରେ କୁହାଯାଉଛି। ରିପୋର୍ଟସ୍ ଅନୁସାରେ ଗଙ୍ଗା ନଦୀର ପାଣିରେ ଅନ୍ୟ ନଦୀ ଅପେକ୍ଷା କେତେ ଗୁଣ ଅଧିକ ଅକ୍ସିଜେନ୍ ମିଳିଥାଏ। ଏହାର ମୁଖ୍ୟ କାରଣ ଗଙ୍ଗା ନଦୀର ସ୍ୱୟଂ ଶୁଦ୍ଧିକରଣ କ୍ଷମତା। ଏହାର ପାଣିରେ ବିଶେଷ ପ୍ରକାରର ବ୍ୟାକ୍ଟେରିଆ ଓ ଜୈବ-ରାସାୟନିକ ପ୍ରକ୍ରିୟା ରହିଛି ଯାହା କାର୍ବନିକ ଆବର୍ଜନାଗୁଡ଼ିକୁ ଦ୍ରୁତଗତିରେ ଭାଙ୍ଗିଦିଏ ଓ ପାଣିରେ ଅକ୍ସିଜେନ୍‌ର ମାତ୍ରା ବଜାୟ ରଖିବାରେ ସାହାଯ୍ୟ କରେ। ଅଧ୍ୟୟନ ଅନୁସାରେ ଗଙ୍ଗାର ଅନେକ ଭାଗରେ ବିଘଟିତ ଅକ୍ସିଜେନ୍‌ର ସ୍ତର ୫.୮ରୁ ୮.୯ ଏମ୍‌ଜି/ଏଲ୍ ପର୍ଯ୍ୟନ୍ତ ଥାଏ ଯାହାକୁ ଜଳୀୟ ଜୀବନ ପାଇଁ ଅନୁକୂଳ ବୋଲି କୁହାଯାଏ। ତେବେ ଭାରତୀୟ ମାନକଗୁଡ଼ିକ ଅନୁସାରେ ୫ ଏମ୍‌ଜି/ଏଲ୍ ପର୍ଯ୍ୟନ୍ତ ବିଘଟିତ ଅକ୍ସିଜେନ୍ ସ୍ତରକୁ ସୁରକ୍ଷିତ ବୋଲି କୁହାଯାଏ।



ଗଙ୍ଗା ନଦୀ-ଗଙ୍ଗା ଦେଶର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଓ ପବିତ୍ର ନଦୀ ମଧ୍ୟରୁ ଅନ୍ୟତମ। ଏହା କେବଳ ସାଂସ୍କୃତିକ ନୁହେଁ, ଆର୍ଥିକ ଓ ପରିସ୍ଥିତିକ ଦୃଷ୍ଟିରୁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗଙ୍ଗୋତ୍ରୀ ଗ୍ଲାସିଅର୍ ପାଖରେ ଥିବା ଗୋମୁଖକୁ ଗଙ୍ଗା ନଦୀର ଉଦ୍‌ଗମ ସ୍ଥଳ ବୋଲି କୁହାଯାଏ ଯେଉଁଠାରୁ ଭାଗୀରଥୀ ନଦୀ ବାହାରିଛି। ଏହା ଆଗକୁ ଯାଇ ଉତ୍ତରାଖଣ୍ଡର ଦେବପ୍ରୟାଗ ଠାରେ ଅଳକାନନ୍ଦା ନଦୀ ସହିତ ମିଶିଛି। ଏହାପରେ ଯେଉଁ ଧାରା ସୃଷ୍ଟି ହୋଇଛି ତାହାକୁ ଗଙ୍ଗା ନଦୀ ବୋଲି କୁହାଯାଉଛି। ୨୫୦୦ କି.ମି ଲମ୍ବା ଗଙ୍ଗା ନଦୀ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ହୋଇ ଯାଇ ବଙ୍ଗୋପସାଗରରେ ମିଶିଛି। ପାଖାପାଖି ୧୦ ଲକ୍ଷ ବର୍ଗ କି.ମି କ୍ଷେତ୍ରରେ ବ୍ୟାପି ରହିଛି ଗଙ୍ଗା ନଦୀର ବେସିନ୍।

# ଏକମାତ୍ର ଭାସମାନ୍ ଜାତୀୟ ପାର୍କ



ପୂର୍ବୋତ୍ତର ଭାରତ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ କାରଣରୁ ସବୁବେଳେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଇଆସୁଛି। ଦେଶର ଏହି କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଛି ମଣିପୁର। ଅନେକ ସୌନ୍ଦର୍ଯ୍ୟକୁ ନିଜ ଭିତରେ ସାଇତି ରଖିଥିବା ଏହି ରାଜ୍ୟରେ ରହିଛି ତାଜା ପାଣିର ସବୁଠାରୁ ବଡ଼ ହ୍ରଦ। ଏହି ହ୍ରଦର ନାମ ଲୋକତକ୍ ଯେଉଁଠାରେ ରହିଛି ଦୁନିଆର ଏକମାତ୍ର ଭାସମାନ ଜାତୀୟ ପାର୍କ। ବିଶନପୁର ଜିଲ୍ଲାରେ ଲୋକତକ୍ ହ୍ରଦ ରହିଛି। ଦୁନିଆର ଏହି ହ୍ରଦକୁ ଭାସମାନ ହ୍ରଦ ବୋଲି କୁହାଯାଏ। ଏହି ହ୍ରଦରେ ତିଆରି ହୋଇଛି ଏକ ପ୍ରାକୃତିକ ଦ୍ୱୀପ ଯାହାକୁ କୁହାଯାଏ ଫୁମଦୀ। ଏହି ଦ୍ୱୀପଗୁଡ଼ିକ ମଧ୍ୟରେ ଥିବା ସବୁଠାରୁ ବଡ଼ ଦ୍ୱୀପଟି ବ୍ୟାପି ରହିଛି ୪୦ ସ୍କୋୟାର କି.ମି କ୍ଷେତ୍ରରେ। ଏହି ଫୁମଦୀଗୁଡ଼ିକରେ ମାଛ ଧରାଳିମାନେ ରହନ୍ତି। ପ୍ରକୃତିର ସୁନ୍ଦର ଦୃଶ୍ୟଗୁଡ଼ିକ ଦ୍ୱାରା ଭରପୂର ଭାସମାନ ଲୋକତକ୍ ହ୍ରଦ ମଣିପୁରକୁ ଆର୍ଥିକ ଦୃଷ୍ଟିରୁ ମଜଭୁତ କରି ରଖିଛି। ଏହି ହ୍ରଦରୁ ରାଜ୍ୟକୁ ହାଇଡ୍ରୋପାୱାର ଜେନେରେସନ୍ ପାଇଁ ପାଣି ଦିଆଯାଏ। ପୁରା ବିଶ୍ୱରେ ପ୍ରସିଦ୍ଧ ଲୋକତକ୍ ହ୍ରଦରେ ରହିଛି ଦୁନିଆର ଏକମାତ୍ର ଭାସମାନ ଜାତୀୟ ପାର୍କ ଯାହାର ନାମ କିବୁଲ୍ ଲାମଜୋ। ଏହି ଜାତୀୟ ପାର୍କଟିକୁ ପୁରା ବିଶ୍ୱରେ ବିଲୁପ୍ତ ହେଉଥିବା ହରିଣଗୁଡ଼ିକର ଶେଷ ପ୍ରାକୃତିକ ଘର ବୋଲି କୁହାଯାଏ। ସଂଗାଇ, ମଣିପୁର ରାଜ୍ୟର ରାଜ୍ୟ ପଶୁ ଅଟେ। ତେବେ ଏହି ଜଙ୍ଗଲରେ ଅନେକ ପଶୁ, କଇଁଛ, ସାପ, ୱାଇପର୍, କିଛି କମ୍ ନଜର ଆସୁଥିବା ବିଲେଇ ମାର୍ବଲ୍ଡ କ୍ୟାଟ୍ ଓ ଏସିଆନ୍ ଗୋଲ୍ଡ କ୍ୟାଟ୍ ଅଛନ୍ତି। ଅନେକ ଥର ହିମାଳୟନ୍ କଳା ଭାଲୁ ଓ ସନ୍ ଭାଲୁ ମଧ୍ୟ ସେଠାରେ ନଜର ଆସନ୍ତି। ପକ୍ଷୀମାନଙ୍କର ଅନେକ ପ୍ରଜାତିଙ୍କୁ ମଧ୍ୟ ସେଠାରେ ଦେଖିବାକୁ ମିଳିଯାଏ ଯେଉଁମାନଙ୍କ ମଧ୍ୟରେ ଚକୱା, ଚିଲ, ପୂର୍ବ ହିମାଳୟନ୍ କିଙ୍ଗ୍‌ଫିସର, ଉତ୍ତରୀ ପାହାଡ଼ି ମୈନା, ପୂର୍ବର ଜଙ୍ଗଲୀ କୁଆ, ଉତ୍ତର ଭାରତୀୟ କଳା ଡ୍ରୋଙ୍ଗୋ, ସ୍ୱଟବିଲ୍ ବତକ ଓ ଏହିପରି ଅନେକ ପକ୍ଷୀ। ତେବେ ପର୍ଯ୍ୟଟକମାନେ ଲୋକତକ୍ ହ୍ରଦର ଏହି ସୁନ୍ଦର ଦୃଶ୍ୟଗୁଡ଼ିକୁ ଅନୁଭବ କରି ଖୁବ୍ ଆନନ୍ଦିତ ହୋଇଥାନ୍ତି।

# ପୁଣି ଏକାଠି ଅମିର ଓ ଆଶୁତୋଷ



ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଅମିର ଖାନ ଏ ସମୟରେ ଫିଲ୍ମ ‘ଏକ୍ ଦିନ୍’କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ତାଙ୍କ ପୁଅ ଜୁନୈଦ ଖାନ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅଭିନେତ୍ରୀ ସାଇ ପଲ୍ଲବୀ। ସାଇଙ୍କର ଏହା ହେଉଛି ବଲିଉଡ୍‌ରେ ଡେବ୍ୟୁ ଫିଲ୍ମ। ତେବେ ଅମିର ଖାନଙ୍କ ଅନେକ ଫିଲ୍ମ ଲାଇନ୍‌ଅପ୍ ହୋଇ ରହିଛି ଯେଉଁଗୁଡ଼ିକ ୨୦୨୬-୨୭ ଭିତରେ ରିଲିଜ ହେବ। ଏଥିମଧ୍ୟରୁ ଅନ୍ୟତମ ‘ଲାହୋର ୧୯୪୭’ ଯାହା ଉପରେ ବର୍ତ୍ତମାନ କାମ ଚାଲିଛି। କିନ୍ତୁ ବର୍ତ୍ତମାନ ଖବର ଆସୁଛି ଯେ ଅମିର ଖାନ ଦର୍ଶକମାନଙ୍କୁ ଏକ ବଡ଼ ସରପ୍ରାଇଜ ଦେବାକୁ ଯାଉଛନ୍ତି। ବହୁତ ଶୀଘ୍ର ସେ ଆଶୁତୋଷ ଗୋୱାରିକରଙ୍କ ସହିତ କାମ କରିବେ। ୨୫ ବର୍ଷ ପରେ ‘ଲଗାନ୍’ ଫିଲ୍ମର ଏହି ଯୋଡ଼ି ଫେରୁଛନ୍ତି ବଲିଉଡ୍ ଦୁନିଆକୁ ଯାହା ଦର୍ଶକମାନଙ୍କ ପାଇଁ ଏକ ସରପ୍ରାଇଜ ଠାରୁ କମ୍ ନୁହେଁ। ଫିଲ୍ମ ‘ଲଗାନ୍’ ପରେ ଆଶୁତୋଷ, ଅମିର ଖାନଙ୍କୁ ଅନେକଗୁଡ଼ିଏ ସ୍କ୍ରିପ୍ଟ ଶୁଣାଇଥିଲେ ମଧ୍ୟ ତାଙ୍କୁ ପସନ୍ଦ ଆସିନଥିଲା। ଏବେ ଏକ ସ୍କ୍ରିପ୍ଟକୁ ଅମିର ପସନ୍ଦ କରିଛନ୍ତି ଯେଉଁଟି ଏକ ସ୍ପୋର୍ଟସ୍ ଡ୍ରାମା ଓ ବାୟୋପିକ୍। ଏହି ଯୋଡ଼ି ଭାରତୀୟ କ୍ରିକେଟ୍ ଇତିହାସର ଅଭିଜ୍ଞ ଖେଳାଳି ଲାଲା ଅମରନାଥଙ୍କ ଜୀବନୀକୁ ପରଦା ଉପରେ ପ୍ରଦର୍ଶିତ କରିବାକୁ ଯାଉଛନ୍ତି। ଏହି ନୂଆ ଇମୋସନାଲ୍ ସ୍ପୋର୍ଟସ୍ ଡ୍ରାମାର ସୁଟିଂ ଆରମ୍ଭ ହେବ ସେପ୍ଟେମ୍ବର ମାସରେ। ଏହାର ପୃଷ୍ଠଭୂମି ଭାରତର ବିଭାଜନ ସମୟ ଉପରେ ଆଧାରିତ। ଫିଲ୍ମର କାହାଣୀ ସମ୍ପୂର୍ଣ୍ଣ ଭାବରେ ଲାଲା ଅମରନାଥଙ୍କ ଜୀବନୀ ଓ ଯାତ୍ରା ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଏହା ଉପରେ ରାଜକୁମାର ହିରାନୀ ଓ ଲେଖକ ଅଭିଜିତ୍ ଯୋଶୀ ନିଜର କ୍ରିଏଟିଭ ଆଇଡିଆଜ୍ ଦେଇଛନ୍ତି। କ୍ରିକେଟ୍ ସହିତ ଏହି ଫିଲ୍ମଟି ଦେଶ, ସ୍ୱାଧୀନତା ପରବର୍ତ୍ତୀ ଏହାର ସଂଘର୍ଷ ଓ ବିଭାଜନର ଯନ୍ତ୍ରଣାଦାୟକ ପରିସ୍ଥିତିକୁ ମଧ୍ୟ କଭର୍ କରିବ।

**ଲାଲା ଅମରନାଥ**-ଭାରତୀୟ କ୍ରିକେଟ୍ ଇତିହାସର ସେ ଜଣେ କିମ୍ବଦନ୍ତୀ ଖେଳାଳି ଯିଏ ଦେଶ ତରଫରୁ ଟେଷ୍ଟ କ୍ରିକେଟ୍‌ରେ ଶତକ ଲଗାଇଥିବା ପ୍ରଥମ ଖେଳାଳି ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ତେବେ ଏ ପର୍ଯ୍ୟନ୍ତ ଫିଲ୍ମଟିକୁ ନେଇ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ।



# ଛୋଟ ବାକ୍ୟରୁ ଶିକ୍ଷା



ଅନ୍ୟକୁ ବଦଳେଇ ପାରିବାର ପ୍ରକ୍ରିୟା କାହା ହାତରେ ନଥାଏ। କିନ୍ତୁ ଜଣେ ଚାହିଁଲେ ନିଜ ସ୍ତରରେ ନିଜକୁ ବଦଳେଇ ପାରିବ। ଏହିଭଳି ଭାବରେ ଚିନ୍ତାଧାରା ରଖୁଥିବା ବ୍ୟକ୍ତିମାନଙ୍କୁ କାହାରି ବିଚାର ଓ ଭାବଭଙ୍ଗୀ ଭଲ ଲାଗେ ନାହିଁ। ମହାତ୍ମା ବୁଦ୍ଧଦେବଙ୍କ ଅନୁସାରେ ବୋଧପୂର୍ବକ କରାଯାଉଥିବା କାମ ଭଲ ହୋଇପାରେ କିନ୍ତୁ ବୋଧହୀନତାର ପ୍ରଭାବରୁ କରାଯାଉଥିବା କାମକୁ ଖରାପ କାମ ବୋଲି କୁହାଯାଏ। ବଡ଼ ଓ ବୟସ୍କମାନେ ମଧ୍ୟ ଏହି ରାୟ ଦେଇଥାନ୍ତି ଯେ ପ୍ରତି କାମ ପଛରେ କିଛି ନା କିଛି ଭଲ ଫଳାଫଳ ଲୁଚି ରହିଥାଏ। କିନ୍ତୁ ସେହି ଭଲ ଫଳକୁ ବା ଘଟଣାକୁ ଆମେ ଜାଣିପାରିବାର ଆବଶ୍ୟକତା ରହିଛି। ଖରାପ କରୁଥିବା ବ୍ୟକ୍ତିକୁ ମଧ୍ୟ କିଛି ଶିକ୍ଷା ମିଳିଥାଏ। ତେବେ ଅଧିକାଂଶ ଲୋକ ନିଜ ଜୀବନରେ ଘଟୁଥିବା ଘଟଣାକ୍ରମକୁ ନେଇ ଅସନ୍ତୁଷ୍ଟ ଥାଆନ୍ତି। ନିଜ ଭିତରେ ଯଦି ମୌଳିକ ପରିବର୍ତ୍ତନର ଆବଶ୍ୟକତାକୁ ଅନୁଭବ କରୁଛନ୍ତି ତେବେ ନିଜକୁ ବଦଳେଇ ପାରିବେ। ମୁଖ୍ୟ ପରିବର୍ତ୍ତନ ଆହ୍ୱାନମୂଳକ ପ୍ରତୀତ ହୋଇପାରେ କିନ୍ତୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଓ ଇଚ୍ଛାଶକ୍ତି ଦ୍ୱାରା ଏହି ଲକ୍ଷ୍ୟକୁ ହାସଲ କରିହେବ। ଯେଉଁ ପରିବର୍ତ୍ତନ ନିଜ ଜୀବନରେ ଆଣିବାକୁ ଚାହୁଁଛନ୍ତି ତାହା ନିର୍ଭର କରେ ସେହି ଘଟଣାକୁ ଆପଣ କେଉଁଭଳି ଦୃଷ୍ଟିରେ ଦେଖୁଛନ୍ତି।

**ନିଜର ଆବଶ୍ୟକତାର ଆକଳନ କରିବା**-ପରିବର୍ତ୍ତନ ପାଇଁ ନିଜ ମନକୁ ପ୍ରସ୍ତୁତ କରି ରଖନ୍ତୁ। ସକାରାତ୍ମକ ଢ଼ଙ୍ଗରେ ଆରମ୍ଭ କରିବା ଖୁବ୍ ଭଲ ହୋଇପାରେ। ଯାହା ଚାହୁଁଛନ୍ତି ସେହିପରି ପରିବର୍ତ୍ତନର ସୂଚୀ ପ୍ରସ୍ତୁତ କରନ୍ତୁ। ଅଭିପ୍ରେରଣାଗୁଡ଼ିକୁ ଲେଖିଲେ ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ପଢ଼ି ସଠିକ୍ ରାସ୍ତାରେ ଯାଇପାରିବେ।

**ନିଜକୁ କଥା ଦିଅନ୍ତୁ**-ନିଜକୁ କଥା ଦେବା ଓ ନିଜ ସହିତ ସକାରାତ୍ମକ କଥା ହେବା ଦ୍ୱାରା ଯେପରି ଚାହିଁଛନ୍ତି ସେହିପରି ହୋଇପାରିବେ। ମୁଁ ଜଣେ ଭଲ ବ୍ୟକ୍ତି, ମୁଁ ପରିଶ୍ରମୀ, ମୁଁ କରିପାରିବି, ମୁଁ ପୂର୍ଣ୍ଣ କ୍ଷମତା ପର୍ଯ୍ୟନ୍ତ ପହଞ୍ଚି ପାରିବି, ମୁଁ ନିଜ ଲକ୍ଷ୍ୟକୁ ପ୍ରାପ୍ତ କରିପାରିବି ପରି ବାକ୍ୟଗୁଡ଼ିକ ସହିତ ନିଜ ସହିତ କଥା ହୁଅନ୍ତୁ।

**ବଦଳୁଥିବା ଭବିଷ୍ୟତ**-ଭିଜୁଆଲାଇଜେସନ୍ ଏକ ପ୍ରକାରର ମାନସିକ ଅଭ୍ୟାସ। ଏହା ଆପଣଙ୍କୁ ବିଭିନ୍ନ ସ୍ଥିତିଗୁଡ଼ିକ ବିଷୟରେ କଳ୍ପନା କରିବା ପାଇଁ ସାହାଯ୍ୟ କରିବ। ପ୍ରଭାବୀ ଭିଜୁଆଲାଇଜେସନ୍ ଦ୍ୱାରା ନିଜ କାର୍ଯ୍ୟକୁ ଦିଗ ଦେଇପାରିବେ। ଏହା ସହିତ କୌଣସି ସ୍ଥିତିରେ ବା ନିଜ ଜୀବନ ଉପରେ ନିୟନ୍ତ୍ରଣ କରିବାରେ ସାହାଯ୍ୟ ମିଳିଯିବ।

ଏହା ବ୍ୟତୀତ ବିଘଟନର ଆଶା, ସ୍ୱଷ୍ଟ ବିଫଳତାରୁ ଶିକ୍ଷା ଲାଭ, ଧୈର୍ଯ୍ୟବାନ ହେବା ଆବଶ୍ୟକ। ସଠିକ୍ ଲକ୍ଷ୍ୟ ଧାର୍ଯ୍ୟ କରି ଲକ୍ଷ୍ୟକୁ ପାଇବା ପାଇଁ କାର୍ଯ୍ୟ କରନ୍ତୁ, ନିଜ ପ୍ରଗତିର ସମୀକ୍ଷା କରିବା ମଧ୍ୟ ବହୁତ ଜରୁରୀ। ନିଜ ଉପରେ ଚିନ୍ତା କରନ୍ତୁ। ଅନ୍ୟ କେହି ମୋ ଠାରୁ ଭଲ କରିପାରିବ ଏହି ବିଚାର ମନକୁ ନଆଣିବା ଭଲ।

# ଦେଶୀ ସୁପର୍‌ଫୁଡ୍: ପିଠା

ଭାରତରେ ଖାଦ୍ୟପେୟର ପରମ୍ପରା ବହୁତ ଗଭୀର ଓ ରୋଚକପୂର୍ଣ୍ଣ। ଏଥିମଧ୍ୟରୁ ଏକ ପାରମ୍ପରିକ ବ୍ୟଞ୍ଜନ ହେଉଛି ପିଠା। ମୁଖ୍ୟତଃ ପୂର୍ବ ଭାରତ ଯଥା- ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଓ ବିହାରରେ ଖୁବ୍ ଆଗ୍ରହର ସହିତ ଲୋକମାନେ ପିଠା ଖାଇବାକୁ ପସନ୍ଦ କରନ୍ତି। ମୁଖ୍ୟତଃ ଚାଉଳ ଚୁନାରୁ ପ୍ରସ୍ତୁତ ହେଉଥିବା ଏହି ବ୍ୟଞ୍ଜନ ନିଜର ବିଶେଷତା କାରଣରୁ ମିଠା ଓ ଲୁଣି ଦୁଇ ପ୍ରକାରର ସ୍ୱାଦରେ ଲୋକମାନଙ୍କ ହୃଦୟକୁ ଜିତିସାରିଛି। ପିଠାର ସିଧା ସମ୍ପର୍କ ରହିଛି ଗ୍ରାମୀଣ ଜୀବନ ଓ କୃଷି ପରମ୍ପରା ସହିତ। ଏହାର ପ୍ରାରମ୍ଭିକ କାହାଣୀ ଖୁବ୍ କୌତୁହଳପୂର୍ଣ୍ଣ। ପୁରାତନ ସମୟରେ ଯେତେବେଳେ ଧାନର ନୂଆ ଫସଲ କଟାଯାଇ ଘରକୁ ଅଣାଯାଉଥିଲା ସେତେବେଳେ ଏହି ନୂଆ ଚାଉଳରୁ ପିଠା ତିଆରି କରି ଫସଲର ଉତ୍ସବ ପାଳନ କରାଯାଉଥିଲା। ସମୟ ସହିତ ଏହି ପରମ୍ପରା ଏକ ଉତ୍ସବ ବା ପର୍ବପର୍ବାଣିର ମୁଖ୍ୟ ବ୍ୟଞ୍ଜନର ରୂପ ନେଇଥିଲା ଓ ଧୀରେ ଧୀରେ ଏହାକୁ ପାରମ୍ପରିକ ଉପାୟରେ ପ୍ରତି ଘରେ ପାଳନ କରାଯିବା ଆରମ୍ଭ ହେଲା। ପିଠା ଖାଇବାକୁ ଯେତେ ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତେ ଉପକାରୀ। ଏହାକୁ ତିଆରି କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ଓ ପାରମ୍ପରିକ ସାମଗ୍ରୀଗୁଡ଼ିକର ଉପଯୋଗ କରାଯାଇଥାଏ। ଏହି କାରଣରୁ ଖାଇବା ପାଇଁ ଏହା ହାଲୁକା ହୋଇଥାଏ ଓ ସହଜରେ ହଜମ ମଧ୍ୟ ହୋଇଥାଏ। ପ୍ରତି କ୍ଷେତ୍ର ଅନୁସାରେ ପିଠା ତିଆରି କରିବାର ପ୍ରଣାଳୀ ଅଲଗା ଅଲଗା ହୋଇଥାଏ ଓ ଏଥିପାଇଁ ଭିନ୍ନ ସ୍ୱାଦ ମଧ୍ୟ ମିଳିଥାଏ। ମିଠା ପିଠା ସାଧାରଣତଃ ଗୁଡ଼, ତାଜା ନଡ଼ିଆ ଓ ରାଶିର ସ୍ୱାଦିଷ୍ଟ ଷ୍ଟଫିଂ ସହିତ ତିଆରି କରାଯାଏ। ଏହାକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଦହି ଛେନା ଓ ପନିର୍ ଆଦି ମଧ୍ୟ ଲୋକମାନେ ମିଶେଇ ଥାଆନ୍ତି। ଏହା ବ୍ୟତୀତ ଲୁଣି ଓ ମସଲାଦାର ପିଠା ତିଆରି କରାଯାଏ ଡ଼ାଲି ଓ ତାଜା ପରିବାର ଷ୍ଟଫିଂ୍ ସହିତ। ସେହିପରି ମଣ୍ଡା ପିଠାକୁ ତିଆରି କରି ସିଝାଯାଏ ଯାହା ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ଏହା ବ୍ୟତୀତ ଛଣା ମଣ୍ଡା, ଆରିସା, କାକରା ପିଠାକୁ ତେଲରେ ଛଣାଯାଇ ପ୍ରସ୍ତୁତ କରାଯାଏ। ଏହି କାରଣରୁ ଏଗୁଡ଼ିକ ଗରମ ଗରମ ଖାଇଲେ କୁର୍‌କୁରା ଓ ସୁସ୍ୱାଦୁ ଲାଗେ।





ଆଜିର ମ୍ୟାଚ୍

ପଞ୍ଜାବ କିଙ୍ଗସ୍ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଧର୍ମଶାଳା

ନିତିଦିନ NITIDIN

# ୨ ୱିକେଟ୍‌ରେ ଜିତିଲା ଆର୍‌ସିବି

## ଦ୍ୱିତୀୟ ଦଳ ଭାବେ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଲା ମୁମ୍ବାଇ ଇଣ୍ଡିଆନ୍ସ

**ରାୟପୁର, ୧୦।୫/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ର ୫୪ତମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି), ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ୨ ୱିକେଟ୍‌ରେ ପରାସ୍ତ କରିଛି। ଆଜିର ଏହି ବିଜୟ ସହ ଆର୍‌ସିବି ୧୧ ମ୍ୟାଚ୍‌ରୁ ୭ମ ବିଜୟ ସହ ମୋଟ୍ ୧୪ ପଏଣ୍ଟ ସହ ପଏଣ୍ଟ ଟେବଲ୍‌ର ୩ୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷେ ମୁମ୍ବାଇ ମଧ୍ୟ ଆଜିର ପରାଜୟ ସହ ୧୧ମ୍ୟାଚ୍‌ରୁ ୮ମ ପରାଜୟ ସହ ଦ୍ୱିତୀୟ ଦଳ ଭାବେ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଛି। ମୁମ୍ବାଇ ନିଜ କୋଟାରେ ବାକିଥିବା ଲିଗ୍ ମ୍ୟାଚ୍ ମଧ୍ୟରୁ ଯଦି ସମସ୍ତ ମ୍ୟାଚ୍ ମଧ୍ୟ ଜିତିବାରେ ସଫଳ ହୁଏ ତେବେ ମଧ୍ୟ ଦଳ ମୋଟ୍ ସର୍ବାଧିକ ୧୨ ପଏଣ୍ଟରେ ପହଞ୍ଚିପାରିବ, ଯାହା ପ୍ଲେ-ଅଫ୍ ପାଇଁ ଯଥେଷ୍ଟ ନୁହେଁ। ମୁମ୍ବାଇ ପୂର୍ବରୁ ଲକ୍ଷ୍ନୌ ମଧ୍ୟ ଆଜିର ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ପରାଜୟ ବରଣ କରି ପ୍ଲେ-ଅଫ୍‌ରୁ ବାଦ୍ ପଡିସାରିଛି। ଉଭୟ ଦଳଙ୍କ ମଧ୍ୟରେ ଆଜିର ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ମୁମ୍ବାଇର ଦଳଗତ ପ୍ରଦର୍ଶନକୁ ଦେଖିଲେ ଆରସିବି ପ୍ରଥମରୁ ହିଁ ଫେଭରିଟ୍ ଥିଲା।

ଟସ୍ ଜିତିବା ପରେ ବେଙ୍ଗାଲୁରୁ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ପ୍ରଥମରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ରିୟାନ୍ ରିକେଲ୍‌ଟନ୍ ମାତ୍ର ୨ ରନ୍ କରି ପାଭିଲିୟନ୍ ଫେରିଥିବା ବେଳେ ଅସୁସ୍ଥତାରୁ ମୁକୁଳିଥିବା ରୋହିତ୍ ଶର୍ମା ମାତ୍ର ୨୨ ରନ୍ ହିଁ କରିପାରିଥିଲେ। ନମନ୍ ଧୀରଙ୍କ ୪୭ ରନ୍ ଏବଂ ତିଳକ ବର୍ମାଙ୍କ ୫୭ ରନ୍ ବଳରେ ଦଳ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୭ ୱିକେଟ୍ ହରାଇ ୧୬୬ ରନ୍ କରିପାରିଥିଲା।

ଅନ୍ୟପକ୍ଷେ ଆରସିବିର ଦୁଇ ଓପନର ବିରାଟ୍ କୋହଲି ଏବଂ ଜାକବ୍ ବିଥେଲ୍ ବିଶେଷ କମାଲ କରିପାରିନଥିଲେ। ବିରାଟ୍ ଖାତା ଖୋଲିନପାରି ପାଭିଲିୟନ୍ ଫେରିଥିବା ବେଳେ



ବିଥେଲ୍ ମାତ୍ର ୨୬ ରନ୍ ହିଁ କରିପାରିଥିଲେ। ଦଳର ଅନ୍ୟ ସମସ୍ତ ଖେଳାଳି ଯେଉଁଠି ମୁମ୍ବାଇ ବୋଲରଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ ଅଲ୍‌ରାଉଣ୍ଡର କୃଣାଳ ପାଣ୍ଡ୍ୟା କିନ୍ତୁ ଗୋଟିଏ ପଟେ ଦଳକୁ ବିଜୟର ନିକଟତର କରାଇବାରେ ଲାଗିଥିଲେ। କୃଣାଳ ବ୍ୟକ୍ତିଗତ ଭାବେ ୪୬ ବଲ୍‌ରୁ ୭୩ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ୭ମ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ। ତେବେ ଆର୍‌ସିବି ବିଜୟରେ କୃଣାଳଙ୍କ ଭାଗିଦାରୀ ଅପେକ୍ଷା ମୁମ୍ବାଇ ବୋଲରମାନେ ବିନିମୟ କରିଥିବା ଅତିରିକ୍ତ ୧୬ ରନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ଶେଷ ଓଭରର ଶେଷ ବଲ୍‌ରେ ୨ ରନ୍‌ର ଆବଶ୍ୟକତା ଥିବା ବେଳେ ଏହାକୁ ମଧ୍ୟ ରୋକିବାରେ ମୁମ୍ବାଇ ଖେଳାଳିମାନେ ବିଫଳ ହୋଇଥିଲେ। ଫଳରେ ଆରସିବି ୮ ୱିକେଟ୍ ବିନିମୟରେ ୧୬୭ ସଂଗ୍ରହ କରିବାରେ ସଫଳ ହୋଇଥିଲା।

## ପ୍ଲେ-ଅଫ୍ ଦୌଡ଼ରୁ ବାହାର ଋଷଭ୍ ବାହିନୀ

# ଲକ୍ଷ୍ନୌକୁ ୫ ୱିକେଟ୍‌ରେ ପରାସ୍ତ କଲା ଚେନ୍ନାଇ

**ଚେନ୍ନାଇ, ୧୦।୫/ଏଜେନ୍ସି:** ରବିବାର ଅନୁଷ୍ଠିତ ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ (ସିଏସ୍‌କେ), ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି)କୁ ୫ ୱିକେଟରେ ପରାସ୍ତ କରିଛି। ଚେନ୍ନାଇ ସ୍ଥିତ ଚେପକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍‌ୱାଡ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଧାର୍ଯ୍ୟ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା।

ଲକ୍ଷ୍ନୌ ପକ୍ଷରୁ ଜୋସ୍ ଇଂଲିଶ୍ ୩୩ ବଲ୍‌ରୁ ସର୍ବାଧିକ ୮୫ ରନ୍ କରିଥିବା ବେଳେ ଶେହବାଜ୍ ଅହମଦ୍ ୨୫ ବଲ୍‌ରୁ ୪୩ ରନ୍ କରିଥିଲେ। ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ ଲକ୍ଷ୍ନୌର ଅନ୍ୟ କୌଣସି ଖେଳାଳି ବ୍ୟକ୍ତିଗତ ଭାବେ ୨୦ ରନ୍ ମଧ୍ୟ ଛୁଇଁପାରିନଥିଲେ। ଅଧିନାୟକ ଋଷଭ୍ ପନ୍ତ ୧୨ ବଲ୍‌ରୁ ୧୫ ରନ୍, ମିଚେଲ୍ ମାର୍ଶ ୧୦ ବଲ୍‌ରୁ ୧୦ ରନ୍ କରି ପାଭିଲିୟନ୍ ଫେରିଥିଲେ। ନିକୋଲାସ୍ ପୁରନ୍ ଆଜି ପୁଣିଥରେ ପ୍ରଶଂସକଙ୍କୁ ନିରାଶ କରିଥିଲେ। ସେ ମାତ୍ର ୧ ରନ୍ କରି କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ସେହିପରି ଦଳର ଅନ୍ୟତମ ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ୍ ଏଡେନ୍ ମାରକ୍ରମ ମାତ୍ର ୬ ରନ୍ କରି ଖେଳୁଥିବା ବେଳେ ଦୁର୍ଭାଗ୍ୟବଶତଃ



ରନ୍ ଆଉଟ୍ ହୋଇଯାଇଥିଲେ। ଅକ୍ଷତ୍ ରଘୁୱଂଶୀ ଏବଂ ହିମତ୍ ସିଂହଙ୍କ ଯଥାକ୍ରମେ ୧୮ ଏବଂ ୧୭ ରନ୍‌ର ପାଳି ଏବଂ ପ୍ରତିପକ୍ଷ ବୋଲରଙ୍କ ଠାରୁ ମିଳିଥିବା ଅତିରିକ୍ତ ୮ ରନ୍ ସହ ଦଳ ୨୦୩ ରନ୍‌ରେ ସୀମିତ ରହିଥିଲା। ଚେନ୍ନାଇ ପକ୍ଷରୁ ଜେମି ଓଭରଟନ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଅନ୍‌ସୁଲ୍ କମ୍ବୋଜ ୨ଟି ଏବଂ ନୁର ଅହମଦ୍ ୧ଟି ଲେଖାଏ ୱିକେଟ୍ ହାସଲ କରିଥିଲେ।

ଅନ୍ୟପକ୍ଷେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଚେନ୍ନାଇ କିନ୍ତୁ ପ୍ରଥମରୁ ଭଲ ଖେଳିଥିଲା। ଯଦିଓ ସଞ୍ଜୁ ସାମସନ୍ ୧୪ ବଲ୍‌ରୁ ୨୮ ରନ୍ କରି ଆଉଟ୍ ହୋଇଯାଇଥିଲେ ଅଧିନାୟକ ଋତୁରାଜ କିନ୍ତୁ ୨୮ ବଲ୍‌ରୁ ୪୨ ରନ୍‌ର

### ଉର୍ବିଲ୍‌ଙ୍କ ବ୍ୟାଟିଂ ବିସ୍ଫୋରଣ, ଇଂଲିଶଙ୍କ ୮୫ରନ୍‌ର ପାଳି ନିଷ୍ପ୍ରଭ

ପାଳି ଖେଳିଥିଲେ ଯାହାକି ଦଳକୁ ଏକ ଭଲ ପ୍ରାରମ୍ଭ ଦେଇଥିଲା। ସେହିପରି ଉର୍ବିଲ୍ ପଟେଲ୍ ୨୩ ବଲ୍‌ରୁ ଦ୍ରୁତ ୬୫ ରନ୍ (୮ଟି ଛକା, ୨ଟି ଚୌକା) ସଂଗ୍ରହ କରିଥିଲେ। ଉର୍ବିଲ୍‌ଙ୍କ ଏହି ଦର୍ଶନୀୟ ଇନିଂସ କେବଳ ଦଳର ବିଜୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ଉର୍ବିଲ୍ ପଟେଲଙ୍କ ଆଜିର ଏହି ୨୩ ବଲ୍‌ରେ ୬୫ ରନ୍‌ର ଇନିଂସ୍ ମଧ୍ୟରେ ସେ ଏକ ରେକର୍ଡର ମଧ୍ୟ ସମକକ୍ଷ ହୋଇଛନ୍ତି। ସେ ମାତ୍ର ୧୩ ବଲରେ ନିଜ ଅର୍ଦ୍ଧଶତକ ପୂରଣ କରିଥିଲେ। ପୂର୍ବରୁ ରାଜସ୍ଥାନର ଯଶସ୍ୱୀ ଜୈସୱାଲ ୨୦୨୩ରେ ୧୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି କାର୍ତ୍ତିକ ଶର୍ମାଙ୍କ ୨୦ ରନ୍, ଡେୱାଲ୍ଡ ବ୍ରେଭିସ୍‌ଙ୍କ ୧୦ ରନ୍, ଶିବମ୍ ଦୁବେଙ୍କ ଅପରାଜିତ ୧୫ ରନ୍ ଏବଂ ପ୍ରଶାନ୍ତ ବୀର୍‌ଙ୍କ ଅପରାଜିତ ୧୭ ରନ୍ ଦଳକୁ ୧୯.୨ତମ ଓଭରରେ ବିଜୟ ଦେଇଥିଲା। ଚେନ୍ନାଇ ୫ ୱିକେଟ୍ ବିନିମୟରେ ୨୦୮ ରନ୍ ସଂଗ୍ରହ କରିନେଇଥିଲା। ଶେଷ ଓଭରରେ ଶିବମ ଦୁବେ, ଏଡେନ୍ ମାର୍କରାମଙ୍କ ବଲରେ ଲଗାତାର ଦୁଇଟି ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଲକ୍ଷ୍ନୌ ପକ୍ଷରୁ ଦିଗବେଶ୍ ରାଠି ଏବଂ ଶେହବାଜ୍ ଅହମଦ୍ ୨ଟି ଲେଖାଏ ୱିକେଟ୍ ନେଇଥିବା ବେଳେ ଅଭେଶ୍ ଖାନ୍ ଗୋଟିଏ ୱିକେଟ୍ ପାଇଥିଲେ।

ଚେନ୍ନାଇ ନିଜ ୧୧ତମ ମ୍ୟାଚ୍‌ରୁ ୬ଷ୍ଠ ବିଜୟ (୧୨ ପଏଣ୍ଟ) ସହ ପଏଣ୍ଟ ଟେବଲ୍‌ର ୫ମ ସ୍ଥାନରେ ରହିଥିବା ବେଳେ ଲକ୍ଷ୍ନୌ କିନ୍ତୁ ଆଜିର ପରାଜୟ ସହ ପ୍ଲେ-ଅଫ୍ ଦୌଡ଼ରୁ ସ୍ୱତଃପ୍ରବୃତ୍ତ ଭାବେ ବାହାରିଯାଇଛି। ଋଷଭ ପନ୍ତଙ୍କ ଦଳ ବାକି ଥିବା ମ୍ୟାଚ୍ ଜିତିଲେ ମଧ୍ୟ ସର୍ବାଧିକ ୧୨ ପଏଣ୍ଟରେ ପହଞ୍ଚିପାରିବ, ଯାହା ପ୍ଲେ-ଅଫ୍ ପାଇଁ ଯଥେଷ୍ଟ ନୁହେଁ। ଆଜିର ମ୍ୟାଚ୍‌ରେ ମାତ୍ର ୩୬ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର୍ କରିଥିବା ଚେନ୍ନାଇ ଖେଳାଳି ଓଭରଟନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।

## ଦେଶ ବିଦେଶ

# କେରଳରେ ସରକାର ଗଠନ ସସ୍ପେନ୍ସ ବଳବତ୍ତର

**ଥିରୁଅନନ୍ତପୁରମ, ୧୦।୫/ଏଜେନ୍ସି:** ମେ' ୪ରେ ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ଆସିବା ପରେ ବର୍ତ୍ତମାନ ସୁଦ୍ଧା ବେଙ୍ଗଲ ଏବଂ ତାମିଲନାଡୁରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସରିଛି। ପୁଡୁଚେରୀ ଏବଂ ଆସାମରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନାମ ଓ ଶପଥ ଗ୍ରହଣ ତାରିଖ ସ୍ଥିର ହୋଇସାରିଛି। କିନ୍ତୁ ଫଳାଫଳ ଆସିବାର ୬ ଦିନ ବିତିଯାଇଥିଲେ ମଧ୍ୟ କେରଳରେ ପୂର୍ଣ୍ଣ ବହୁମତ ପାଇଥିବା କଂଗ୍ରେସ ମେଣ୍ଟ ନିଜର ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିନାହିଁ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁସାରେ କଂଗ୍ରେସ ଏଠାରେ କାହାକୁ ମୁଖ୍ୟମନ୍ତ୍ରୀ କରିବ ସେନେଇ ଚୂଡାନ୍ତ ନିଷ୍ପତ୍ତି ନେଇପାରୁନାହିଁ। ମୁଖ୍ୟମନ୍ତ୍ରୀ ଭାବେ ପ୍ରାର୍ଥୀ ଚୟନ କରିବାରେ କଂଗ୍ରେସ ଏବେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଛି। କାରଣ ଏହା ଦଳରେ ଆଭ୍ୟନ୍ତରୀଣ କନ୍ଦଳ ସୃଷ୍ଟି କରିପାରେ, ଯାହାକି ପରବର୍ତ୍ତୀ ସମୟରେ ଦଳ ପାଇଁ

### କାହାକୁ କରିବ ମୁଖ୍ୟମନ୍ତ୍ରୀ-ଚିନ୍ତାରେ କଂଗ୍ରେସ

### ସିଏମ୍ ରେସ୍‌ରେ ୩ ବଡ଼ ନାମ, ନିଷ୍ପତ୍ତି ନେବା କଷ୍ଟକର ହେଇପଡୁଛି

କ୍ଷତିକାରକ ସାବ୍ୟସ୍ତ ହେବ।

ତେବେ କଂଗ୍ରେସର ସଂଗଠନ ମହାସଚିବ କେ.ସି. ବେଣୁଗୋପାଳ, ଗତ ବିଧାନସଭାର ବିରୋଧୀ ଦଳ ନେତା ଭି.ଡି. ସତୀଶନ ଏବଂ ୬ ଥରର ବିଧାୟକ ରମେଶ ଚେନ୍ନିଥାଲା ଏଠାରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ଅଛନ୍ତି। ଏହାରି ମଧ୍ୟରେ ବେଣୁଗୋପାଳଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦର୍ଶାଇ ତାଙ୍କ ସମର୍ଥକମାନେ



ରାଜ୍ୟସାରା ପୋଷ୍ଟର ଛାଉଣୀ କରିଦେଇଥିବା ବେଳେ ଏହାକୁ ନେଇ କଂଗ୍ରେସ ହାଇକମାଣ୍ଡ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫଳରେ ଆଜି ସୁଦ୍ଧା ଏପ୍ରକାର ଲଗାଯାଇଥିବା ବେଣୁଗୋପାଳଙ୍କ ସମସ୍ତ ପୋଷ୍ଟରକୁ ହଟାଇ ଦିଆଯାଇଛି। ପ୍ରକାଶ, ୬ ମେ'ରେ କଂଗ୍ରେସ ମୁକୁଲ ୱାସନିକ ଏବଂ ଅଜୟ ମାକନଙ୍କୁ ପର୍ଯ୍ୟବେକ୍ଷକ ଭାବେ କେରଳ ପଠାଇଥିଲା। ବୈଠକ ପରେ ସେମାନେ କହିଥିଲେ ଯେ ଆମେ ସମସ୍ତ ବିଧାୟକଙ୍କ ସହ ଆଲୋଚନା କରିଛୁ। ଦାବି କରାଯାଉଛି ଯେ ହାଇକମାଣ୍ଡଙ୍କୁ ଦିଆଯାଇଥିବା ରିପୋର୍ଟରେ ବିଧାୟକମାନେ କେ.ସି. ବେଣୁଗୋପାଳଙ୍କ ନାମରେ ମୋହର ମାରିଛନ୍ତି। ରିପୋର୍ଟ ଅନୁଯାୟୀ, କଂଗ୍ରେସର ୬୩ ଜଣ ବିଧାୟକଙ୍କ ମଧ୍ୟରୁ ୭୫-୮୦% ବିଧାୟକ କେ.ସି. ବେଣୁଗୋପାଳଙ୍କୁ ସମର୍ଥନ କରିଛନ୍ତି। ବେଣୁଗୋପାଳ ମୁଖ୍ୟମନ୍ତ୍ରୀ ହେଲେ ଇରିକ୍କୁର ଆସନରୁ ନିର୍ବାଚନ ଜିତିଥିବା ସନି ଜୋସେଫ ନିଜ ଆସନରୁ ଇସ୍ତଫା ଦେଇପାରନ୍ତି, ଯାହାଫଳରେ ବେଣୁଗୋପାଳ ସେହି ଆସନରୁ ଉପ-ନିର୍ବାଚନ ଲଢ଼ି ବିଧାୟକ ହୋଇପାରିବେ।

ଅନ୍ୟପକ୍ଷରେ, ବୈଠକରେ ଭି.ଡି. ସତୀଶନଙ୍କୁ ମାତ୍ର ୬ ଜଣ ବିଧାୟକଙ୍କ ସମର୍ଥନ ମିଳିଥିବା ସୂଚନା ମିଳିଛି। ତେବେ ବୈଠକ ପରେ ତିନିଜଣ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ସତୀଶନଙ୍କ ନାମକୁ ସମର୍ଥନ କରିଛନ୍ତି। ଏହା ବ୍ୟତୀତ ୟୁଡିଏଫ୍‌ର ସହଯୋଗୀ ଦଳ ଆଇୟୁଏମ୍‌ଏଲ୍ ଏବଂ କେରଳ କଂଗ୍ରେସ (ଜୋସେଫ) ମଧ୍ୟ ଖୋଲାଖୋଲି ଭାବେ ସତୀଶନଙ୍କୁ ସମର୍ଥନ ଜଣାଇଛନ୍ତି। ଯଦି କଂଗ୍ରେସ ଏଠାରେ ସତୀଶନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନକରେ ତେବେ କଂଗ୍ରେସ ଠାରୁ ଏହି ଆଞ୍ଚଳିକ ଦଳ ମଧ୍ୟ ମୁହଁ ଫେରାଇନେବା ଆଶଙ୍କା କରାଯାଉଛି।

## ସୀମା ଲଂଘୁଛି ପଶ୍ଚିମବଙ୍ଗ ନିର୍ବାଚନୀ ପରବର୍ତ୍ତୀ ହିଂସା

# ଟିଏମ୍‌ସି ନେତା ସହଦେବ ବାଗ୍‌ଙ୍କୁ ହତ୍ୟା

**କୋଲକାତା, ୧୦।୫/ଏଜେନ୍ସି:** ନୂଆ ସରକାର ଗଠନ ପରେ ମଧ୍ୟ ପଶ୍ଚିମବଙ୍ଗରେ ହିଂସା ଥମିବାର ନା ଧରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଏବଂ ରକ୍ତପାତର ଖବର ଏବେବି ଆସିବା ଜାରି ରହିଛି। ରାଜନୈତିକ ମହଲରେ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ହେଉଥିବା ବେଳେ, ରାଜ୍ୟରେ ଏପ୍ରକାର ରକ୍ତପାତ ତଥା ନିର୍ବାଚନୀ ପରବର୍ତ୍ତୀ ହିଂସା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ରିପୋର୍ଟ ଅନୁସାରେ ସଦ୍ୟତମ ଘଟଣାକ୍ରମେ ଏବେ ଟିଏମ୍‌ସି ନେତା ସହଦେବ ବାଗ୍‌ଙ୍କୁ ହତ୍ୟା କରାଯାଇଛି। ଫଳରେ ପରିବେଶ ପୁଣି ଥରେ ଉଷ୍ମ ହୋଇଛି। ହୁଗୁଳିର ନକୁଣ୍ଡା ପଞ୍ଚାୟତର କୋଟା ଗାଁରୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ସହଦେବ ବାଗ୍‌ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ସହଦେବଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତକଙ୍କ ମଧ୍ୟରେ ଉଭୟ ବିଜେପି ଏବଂ ଟିଏମ୍‌ସି କର୍ମମର୍ତ୍ତା ସାମିଲ ରହିଥିବା ଦେଖିବାକୁ ମିଳୁଛି।

ରିପୋର୍ଟ ଅନୁଯାୟୀ, ସହଦେବ ଶନିବାର ରାତିରୁ ନିଖୋଜ ଥିଲେ ଏବଂ ତାଙ୍କ ପରିବାର ତାଙ୍କୁ ଖୋଜୁଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହ ପାର୍ଟି ଅଫିସ୍ ପଛପଟେ ଥିବା ଏକ ନାଳରେ ପଡ଼ିଥିବା ଦେଖିଥିଲେ। ସହଦେବଙ୍କ ମୃତ ଶରୀରରେ ଅନେକ କ୍ଷତ ଚିହ୍ନ ରହିଥିବା ବେଳେ ଏଥିରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ସ୍ପଷ୍ଟ ହେଉଛି। ତେବେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି।



ମୃତ ସହଦେବ ବାଗଙ୍କ ପତ୍ନୀ ଚୀନା ବାଗ୍ ନକୁଣ୍ଡା ପଞ୍ଚାୟତର ତୃଣମୂଳ କଂଗ୍ରେସ ସଦସ୍ୟା ଅଟନ୍ତି। ସେ ପୁଲିସ୍‌କୁ ଦେଇଥିବା ସୂଚନାନୁସାରେ ତାଙ୍କ ସ୍ୱାମୀ ଗତକାଲି ରାତିରେ ଘରୁ ବାହାରିଥିଲେ କିନ୍ତୁ ଆଉ ଫେରିନଥିଲେ। ଚୀନା ବାଗ ଅଭିଯୋଗ କରିଛନ୍ତି ଯେ, ୪ ମେ'ରେ ନିର୍ବାଚନ ଫଳାଫଳ ଆସିବା ପରେ ତାଙ୍କ ସ୍ୱାମୀଙ୍କୁ କ୍ରମାଗତ ଭାବେ ଜୀବନରେ ମାରିଦେବାକୁ ଧମକ ମିଳୁଥିଲା। ଏହା ଏକ ରାଜନୈତିକ ହତ୍ୟାକାଣ୍ଡ ଏବଂ ଏହା ପଛରେ ବିଜେପି ସମର୍ଥିତ ଲୋକଙ୍କ ହାତ ରହିଛି ବୋଲି ଚୀନା ଏବଂ ସହଦେବଙ୍କ ପରିବାର ଲୋକେ ସିଧାସଳଖ ଅଭିଯୋଗ କରିଛନ୍ତି।

ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ପୂର୍ବ ମେଦିନୀପୁରର ଖେଜୁରିରେ ମଧ୍ୟ ପରିସ୍ଥିତି ବହୁତ ବିସ୍ଫୋରକ ହୋଇପଡ଼ିଛି। ନବଗଠିତ ସରକାରଙ୍କ ଶପଥ ଗ୍ରହଣର କିଛି ଘଣ୍ଟା ପରେ, ହିଜଲି ସରିଫ ଗାଁରେ ବ୍ୟାପକ ଭଙ୍ଗାରୁଜା ଏବଂ ପୋଡ଼ାଜଳା ଘଟିଥିଲା। ରିପୋର୍ଟ ଅନୁଯାୟୀ, ଶନିବାର ରାତିରେ କିଛି ଦୁର୍ବୃତ୍ତ ବଜାର ଉପରେ ଯୋଜନାବଦ୍ଧ ଆକ୍ରମଣ କରି କିଛି ସମୟ ମଧ୍ୟରେ ବହୁ ଦୋକାନ ପୋଡ଼ି ଦେଇଥିଲେ।

# ଉପସାଗରୀୟ ସଙ୍କଟରେ ଫସିଛନ୍ତି ୨୦ ହଜାରରୁ ଅଧିକ ଭାରତୀୟ ନାବିକ

**ନୂଆଦିଲ୍ଲୀ, ୧୦।୫/ଏଜେନ୍ସି:** ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ବଢୁଥିବା ଉତ୍ତେଜନା ମଧ୍ୟରେ, ୨୦ ହଜାରରୁ ଅଧିକ ଭାରତୀୟ ନାବିକ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନ୍ୟାସନାଲ ୟୁନିଅନ୍ ଅଫ୍ ସିଫେରର୍ସ ଅଫ୍ ଇଣ୍ଡିଆ(ଏନ୍‌ୟୁଏସ୍‌ଆଇ) ଏସମ୍ପର୍କରେ ସୂଚନା ଦେଇଛି। ଏନ୍‌ୟୁଏସ୍‌ଆଇ ସାଧାରଣ ସମ୍ପାଦକ ମିଲିନ୍ଦ କାଣ୍ଡଲଗାଓଁକର କହିଛନ୍ତି ଯେ, ବିଦେଶୀ ପତାକାଯୁକ୍ତ ଜାହାଜରେ କାମ କରୁଥିବା ଭାରତୀୟ ନାବିକମାନଙ୍କ ସୁରକ୍ଷା ଦାୟିତ୍ୱକୁ ଜାତୀୟ ପ୍ରାଥମିକତା ଭାବରେ ବିଚାର କରି ତୁରନ୍ତ ନାବିକମାନଙ୍କୁ ସେଠାରୁ ସ୍ଥାନାନ୍ତର କରିବାକୁ ସଂଘ କେନ୍ଦ୍ର ସରକାରଙ୍କୁ ଦାବି କରିଛି। ଭାରତ 'ଅପରେସନ୍ ଉର୍ଜା ସୁରକ୍ଷା' ଉପରେ କାର୍ଯ୍ୟ କରୁଛି।

# ତିରୁଚିରାପାଲି ପୂର୍ବ ଆସନ ଛାଡ଼ିଲେ ବିଜୟ

**ଚେନ୍ନାଇ, ୧୦।୫/ଏଜେନ୍ସି:** ଟିଭିକେ ମୁଖ୍ୟ ଥଲାପତି ବିଜୟ ରବିବାର ତାମିଲନାଡୁର ନବମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବ ପରେ ବିଜୟ ତିରୁଚିରାପାଲି ପୂର୍ବ ବିଧାନସଭା ନିର୍ବାଚନମଣ୍ଡଳୀରୁ ଇସ୍ତଫା ଦେଇଛନ୍ତି ଏବଂ ପେରାମ୍ବୁର ଆସନ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜୟ ଚଳିତ ବିଧାନସଭା ନିର୍ବାଚନରେ ଦୁଇଟି ଆସନରୁ ଲଢ଼ିଥିଲେ ଓ ଉଭୟ ତିରୁଚିରାପାଲି ପୂର୍ବ ଓ ପେରାମ୍ବୁର ଆସନରୁ ବିଜୟୀ ହୋଇଥିଲେ। ପ୍ରକାଶ,



ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ତିରୁଚିରାପାଲି ପୂର୍ବ ଆସନରୁ ବିଜୟ ୯୧,୩୮୧ଟି ଭୋଟ ପାଇ ଡିଏମ୍‌କେ ପ୍ରାର୍ଥୀ ଏସ୍ ଇନିଗୋ ଇରୁଦୟାରାଜଙ୍କୁ ପରାସ୍ତ କରିଥିଲେ। ଇରୁଦୟାରାଜ ୬୩,୯୬୫ଟି ଭୋଟ୍ ପାଇଥିଲେ। ଅନ୍ୟପକ୍ଷରେ ବିଜୟ ପେରାମ୍ବୁର ଆସନରୁ ଡିଏମ୍‌କେର ଆର୍‌ଡି ଶେଖରଙ୍କୁ ପରାସ୍ତ କରିଥିଲେ। ବିଜୟ ଏହି ଆସନରୁ ୧, ୨୦, ୩୬୫ଟି ଭୋଟ ପାଇଥିବା ବେଳେ ଶେଖର ୬୬,୬୫୦ ଭୋଟ ପାଇଥିଲେ।

## ପାକିସ୍ତାନ: ପୁଲିସ ଚୌକି ଉପରେ ଆତ୍ମଘାତୀ ହମ୍‌ଲା

# ୧୫ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

**ଇସଲାମାବାଦ୍, ୧୦।୫/ଏଜେନ୍ସି:** ପାକିସ୍ତାନର ଖାଇବର ପଖ୍ତୁନଖ୍ୱା ପ୍ରଦେଶରେ ଆତଙ୍କବାଦୀମାନେ ଏକ ପୁଲିସ୍ ଚୌକି ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଛନ୍ତି। ଆତ୍ମଘାତୀ ବିସ୍ଫୋରଣ ଏବଂ ଗୁଳିଚାଳନାରେ ଅତିକମ୍‌ରେ ୧୫ ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ପୁଲିସ୍ ସୂଚନା ଅନୁଯାୟୀ, ଏହି ଆକ୍ରମଣ ଉତ୍ତର-ପଶ୍ଚିମ ଜିଲ୍ଲା ବନ୍ନୁ ପ୍ରାନ୍ତରେ ଘଟିଛି। ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ପୁଲିସ୍ ପୋଷ୍ଟ ଆଡ଼କୁ ମାଡ଼ି ଆସୁଥିବା ସମୟରେ ସୁରକ୍ଷା ବଳ ସେହି ଗାଡ଼ି ଉପରକୁ ଗୁଳି ଚଳାଇବା ପରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖର ଅନେକ ଘରର ଛାତ ଭୁଶୁଡ଼ି ପଡ଼ିଛି। ପୁଲିସ୍ ପୋଷ୍ଟର କୋଠା ମଧ୍ୟ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି ଏବଂ ଅନେକ ସୁରକ୍ଷାକର୍ମୀ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ।



ଅନ୍ୟପକ୍ଷେ ବିସ୍ଫୋରଣ ପରେ ପରେ ବହୁ ସଂଖ୍ୟାରେ ଆତଙ୍କବାଦୀ ପୋଲିସ ଚୌକି ଉପରକୁ ଆକ୍ରମଣ କରିଥିଲେ, ଯାହାଫଳରେ ଉଭୟ ପକ୍ଷରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ତେବେ ଏହି ଘଟଣାରେ କେତେଜଣ ଆତଙ୍କବାଦୀ ନିହତ ହୋଇଛନ୍ତି କିମ୍ବା ଗିରଫ ହୋଇଛନ୍ତି, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଖାଇବର ପଖ୍ତୁନଖ୍ୱାର ମୁଖ୍ୟମନ୍ତ୍ରୀ ମହମ୍ମଦ ସୋହେଲ ଆଫ୍ରିଦି ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହାକୁ ଏକ 'କାପୁରୁଷୋଚିତ କାର୍ଯ୍ୟ' ବୋଲି କହିଛନ୍ତି। ସେ ଆହତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ଏହି ସାମ୍ପ୍ରତିକ ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ସଂଗଠନ ନିଜକୁ ଦାୟୀ କରିନାହାଁନ୍ତି। ତେବେ ପାକିସ୍ତାନ ସରକାର ପୂର୍ବରୁ ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଉପରେ ଏହି ଅଞ୍ଚଳରେ ହିଂସା ବିସ୍ତାର କରୁଥିବା ନେଇ ଅଭିଯୋଗ କରିଆସୁଛନ୍ତି।

## ଟ୍ରମ୍ପ୍‌ଙ୍କ ଧମକର ଜବାବ ଦେଲା ଇରାନ୍

# ଆମେରିକୀୟ ଘାଟି ଏବଂ ଜାହାଜ ଆମ ଟାର୍ଗେଟ୍‌ରେ

**ତେହରାନ, ୱାଶିଂଟନ,୧୦।୫/ଏଜେନ୍ସି:** ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌) ଆମେରିକାକୁ କଡ଼ା ଚେତାବନୀ ଦେଇଛି। ଆଇଆର୍‌ଜିସିର ନୌସେନା କମାଣ୍ଡ 'ଏକ୍ସ' ରେ ଏକ ପୋଷ୍ଟ କରି କହିଛି ଯେ, ଯଦି ପାରସ୍ୟ ଉପସାଗର କିମ୍ବା ହର୍ମୁଜ ପ୍ରଣାଳୀରେ ଇରାନ୍‌ର ତୈଳ ଟ୍ୟାଙ୍କର ଏବଂ ବାଣିଜ୍ୟିକ ଜାହାଜ ଉପରେ ପୁଣି ଆକ୍ରମଣ ହୁଏ, ତେବେ ଆମେରିକୀୟ ଘାଟି ଏବଂ ସାମରିକ ଜାହାଜ ଉପରେ ଭୟଙ୍କର ଆକ୍ରମଣ କରାଯିବ। ସେହିପରି ଆଇଆର୍‌ଜିସିର ଏରୋସ୍ପେସ୍ ଫୋର୍ସ ଏକ ପୃଥକ୍ ପୋଷ୍ଟରେ ଦାବି କରିଛି ଯେ, ଆମର ମିସାଇଲ ଏବଂ ଡ୍ରୋନ୍ ପୂର୍ବରୁ ହିଁ ଆମେରିକୀୟ ଘାଟି ଏବଂ ଶତ୍ରୁ ଜାହାଜ ଗୁଡ଼ିକ ଉପରେ ଲକ୍ ହୋଇସାରିଛି ଏବଂ ବର୍ତ୍ତମାନ କେବଳ ଆକ୍ରମଣ ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଆମେରିକା ଏକ ୧୪-ପଏଣ୍ଟ ବିଶିଷ୍ଟ ଡ୍ରାଫ୍ଟ ପ୍ରସ୍ତୁତ କରି ଇରାନ୍‌କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଏହା ଉପରେ ଇରାନର ଜବାବକୁ ଅପେକ୍ଷା କରାଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ପୂର୍ବରୁ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କହିଥିଲେ ଯେ ଶନିବାର ସକାଳ ସୁଦ୍ଧା ଜବାବ ମିଳିବାର ଆଶା ଅଛି। ତଥାପି, ଇରାନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଜବାବ ଆସିନାହିଁ। ଇରାନ୍ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ଇସ୍‌ମାଇଲ ବଘାଇ କହିଛନ୍ତି ଯେ, ଆମେରିକୀୟ




### ୱାଶିଂଟନ୍‌ର ୧୪ ସୂତ୍ରୀ ପ୍ରସ୍ତାବ ଉପରେ ତେହରାନ୍‌ର ଜବାବକୁ ଅପେକ୍ଷା

ପ୍ରସ୍ତାବ ବର୍ତ୍ତମାନ ସମୀକ୍ଷା ପର୍ଯ୍ୟାୟରେ ଅଛି ଏବଂ ସଠିକ୍ ସମୟରେ ଏହାର ଉତ୍ତର ଦିଆଯିବ। ବଘାଇ ସ୍ପଷ୍ଟ କରିଛନ୍ତି ଯେ, 'ଆମେ ଆମେରିକାର ସମୟସୀମାକୁ ମାନୁନାହୁଁ। ଇରାନ ନିଜ କାମ ନିଜ ଢଙ୍ଗରେ କରିବ।' ତେବେ ଏହାରି ମଧ୍ୟରେ ଆସନ୍ତା ସପ୍ତାହରେ ଇସଲାମାବାଦ୍‌ରେ ଦୁଇ ଦେଶ ମଧ୍ୟରେ ନୂତନ ବାର୍ତ୍ତାଳାପ ହୋଇପାରେ ବୋଲି ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି।

ଆମେରିକା ଦାବି କରିଛି ଯେ ସେମାନେ ୭୦ରୁ ଅଧିକ ଜାହାଜକୁ ଇରାନ ବନ୍ଦରରେ ପହଞ୍ଚିବାରୁ ରୋକିଛନ୍ତି। ସେହିପରି ଆମେରିକାର ମଧ୍ୟସ୍ଥତାରେ ୧୪-୧୫ ମେ'ରେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ନୂଆ ଆଲୋଚନା ହେବ। ଏଥିରେ ସୀମା ବିବାଦ, ପୁନର୍ନିର୍ମାଣ ଏବଂ ହିଜବୁଲ୍ଲାର ଅସ୍ତ୍ରଶସ୍ତ୍ର ଭଳି ପ୍ରସଙ୍ଗରେ ଆଲୋଚନା କରାଯିବ। କିନ୍ତୁ ଏପଟେ ଦକ୍ଷିଣ ଲେବାନନରେ ଇସ୍ରାଏଲର ବିମାନ ଏବଂ ଡ୍ରୋନ୍ ଆକ୍ରମଣରେ ଗୋଟିଏ ଦିନରେ ପ୍ରାୟ ୩୯ ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଆବାସିକ କୋଠାକୁ ଟାର୍ଗେଟ କରାଯାଇଛି ଏବଂ ହିଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ଡ୍ରୋନ୍ ଓ ରକେଟ୍ ଆକ୍ରମଣ କରିଥିବା ଦାବି କରିଛି। ସୂଚନାଯୋଗ୍ୟ, ହର୍ମୁଜ ସଙ୍କଟ ତଥା ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୩ ଡଲାରରେ ପହଞ୍ଚିଛି। ଜାତିସଂଘ ଏବଂ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହାଦ୍ୱାରା ଖାଦ୍ୟ ପଦାର୍ଥ, ଇନ୍ଧନ ଏବଂ ଆମଦାନୀ ଦ୍ରବ୍ୟ ମହଙ୍ଗା ହୋଇପାରେ, ବିଶେଷ କରି ଦକ୍ଷିଣ ଏସିଆରେ। ଏହାରି ମଧ୍ୟରେ ପାନାମା ପତାକା ଲଗାଯାଇଥିବା ଏକ କାର୍ଗୋ ଜାହାଜ ଇରାନ ଦ୍ୱାରା ନିର୍ଦ୍ଧାରିତ ପଥରେ ହର୍ମୁଜ ଅତିକ୍ରମ କରିଛି। ରିପୋର୍ଟରେ କୁହାଯାଇଛି ଯେ, ଏହି ଜାହାଜଟି ମେ' ୪ ତାରିଖରେ ମଧ୍ୟ ହର୍ମୁଜ ଦେଇ ଯିବାକୁ ଚେଷ୍ଟା କରିଥିବା ବେଳେ ଇରାନ ସେନା କିନ୍ତୁ ଏହାକୁ ଫେରାଇ ଦେଇଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra